ପଞ୍ଚଶସ୍ୟ

ପ୍ରଣେତା

ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତ

ପ୍ରକାଶକ

ଶ୍ରୀ ସୋମନାଥ ମହାନ୍ତ

ବାଣୀ ସାହିତ୍ୟ ମନ୍ଦିର

ଭଦ୍ରକ

୧୯୬୧

ମୂଲ୍ୟ ଟ ୧୨

Deb's Library Corner...

ଉତ୍ସର୍ଗ

ମୋର ସାହିତ୍ୟ ସାଧନାର ଅନ୍ୟତମ ପରମ ଉତ୍ସାହଦାତା

ଶ୍ରୀଯୁକ୍ତ ରାଧାକିଷନ ମୋରଙ୍କ

ନାମରେ ଏହି କ୍ଷୁଦ୍ର ପୁସ୍ତକ ଖଣ୍ଡି

ବନ୍ଧୁତ୍ୱର ନିଦର୍ଶନ ସ୍ୱରୂପ

ଉତ୍ସର୍ଗ କଲି ।

ଲେଖକ

ସୂଚୀପତ୍ର

୧ ।	ପୁଷ୍ପମଞ୍ଜୀ	୧
୨ ।	ବିଦ୍ୟାହୀନ ବିଦ୍ୟାଧର	୪୨
୩ ।	ଜୀବନର ଦୁଃଖ	୬୭
୪ ।	ସଟେନଇର ସଙ୍କଳ୍ପ	୮୯
୫ ।	ଦଶବର୍ଷର ମୂଲ୍ୟ	୧୦୭

Deb's Library Corner...

ଭ୍ରମ ସଂଶୋଧନ

ପୃଷ୍ଠା	ଧାଡ଼ି	ଭୁଲ	ସଂଶୋଧନ
୩୭	୪	ଦେଖି	ଦେଇ
୪୫	୨	ଧନ	ଛଡ଼ଧନ
୪୫	୮	ହେଲା	ହୁଏ
୪୫	୧୫	ମୋଟେ	ଚୋଟେ
୪୭	୧୮	କି	କି ?
୪୭	୮	ସେଢଙ୍କ ବା	ସେଢଙ୍କ
୫୨	୨	ଇଷ୍ଟେସନକ	ଇଷ୍ଟେସନକୁ
୬୦	୧୮	ବଳବର୍ଦ୍ଧ	ବଳବର୍ଦ୍ଦ
୬୩	୧୩	ଅନ୍ତସ୍ଥୁଳ	ଅନ୍ତସ୍ଥଳ
୭୨	୧୧	ଏତେ	ଏଡ଼େ
୭୮	୬	ଢଲେ	ଢଳନ୍ତି
୯୪	୧୯	ସନେଇ ପାଖରେ ବଳ ପଡ଼ିବ ?	ସନେଇକୁ ବଳିଯିବ
୧୦୮	୨	ମୁଣ୍ଡରୁ	ତୁଣ୍ଡରୁ
୧୧୩	୯	ଭଡଅସି	ଭଡ଼ଅସି

ପୁଷ୍ପମୟୀ

ଡାକ୍ତର ଦୀନକୃଷ୍ଣ ଚୌଧୁରୀଙ୍କ ଏକମାତ୍ର ସନ୍ତାନ ପୁଷ୍ପମୟୀ ।

ପୁଷ୍ପମୟୀର ବୟସ ଅଠର ଯାଇ ଊଣେଇଶ ପଶିବାକୁ ଆରମ୍ଭ କରିଛି । ବାପମାଙ୍କର ଆଦରିଣୀ କନ୍ୟା ସେ । ଦେଖିବାକୁ ସୁନ୍ଦରୀ । ଆଇ. ଏ. ପାଶ । ମୂର୍ତ୍ତି ତେଜୋମୟୀ ।

"ତେଜୋମୟୀ" କହିଲେ କେବଳ ପୁଷ୍ପମୟୀର ବାହ୍ୟିକ ଚେହେରାଟାକୁ ବୁଝାଏ ନାହିଁ । ବାହାରେ ସେ ଯେତିକି ପରିମାଣରେ ତେଜୋମୟୀ, ଭିତରେ ତାଠୁଁ ବଳି ତେଜସ୍ୱିନୀ ।

ପୁଷ୍ପମୟୀ ସ୍ପଷ୍ଟକଥା କହିବାକୁ ଭଲପାଏ । ସ୍ପଷ୍ଟକଥା କହିବାକୁ ଯାଇ ସେ କାହାର ମୁଖାପେକ୍ଷା ରଖେ ନାହିଁ । ଯେତେ ବଡ଼ ଗୁରୁଜନ ହୋଇ ପଛେ, ତାର ଗୁରୁତ୍ୱ ପ୍ରତି ସେ କ୍ୱଚିତ୍ ଗୁରୁତ୍ୱ ଆରୋପ କରିଥାଏ । ତା ମତରେ ସ୍ପଷ୍ଟବାଦିତାହିଁ ମାନବ ଚରିତ୍ରର ସର୍ବଶ୍ରେଷ୍ଠ ଗୁଣ ।

ଯେଉଁ ଦିନ ପୁଷ୍ପମୟୀର ପାଶ୍ ଖବରଟା ପ୍ରକାଶିତ ହେଲା, ସେ ଦିନ ଡାକ୍ତର ଚୌଧୁରୀ ଆନନ୍ଦରେ କନ୍ୟାକୁ ଡାକି କହିଲେ—ତୋର ତ ପାଶଟା ହୋଇଗଲାରେ ପୁଷ୍ପ, ଆଉ ପଢ଼ିବୁ ?

ପୁଷ୍ପମୟୀ ଉତ୍ତର ଦେଲା—ନା, ବାପା, ଅନେକ ପଢ଼ା ହେଇଚି, ଆଉ ପଢ଼ିବାକୁ ଇଚ୍ଛା ନାହିଁ ।

ଡାକ୍ତର ଚୌଧୁରୀ ପଚାରିଲେ—ତେବେ ଆଉ କଣ କରିବୁ ?

ପୁଷ୍ପମୟୀ କହିଲା—କେବଳ ମଉଜ କରିବି, ବୁଲି ଖେଳି ଆନନ୍ଦ କରିବି ।

କେତେ ଦିନ ଏ ଘରେ ବୁଲି ଖେଳି ଆନନ୍ଦ କରିପାରିବୁ ଆଉ ପୁଷ୍ପ ? ଦିନେ ତ ଏ ଘରୁ ବିଦା ହେବାକୁ ପଡ଼ିବ ।

ପୁଷ୍ପମୟୀ ନାଚି ଉଠି ଜବାବ୍ ଦେଲା—ନିଶ୍ଚୟ ନିଶ୍ଚୟ; ଶ୍ୱଶୁର ମହାଶୟଙ୍କ ଘରକୁ ତ ? ତେବେ ସେଠି କଣ ଆନନ୍ଦ, ଅହ୍ଲାଦ କରିବାକୁ ମନା ?

ଡାକ୍ତର ଚୌଧୁରୀ ହସି ହସି କହିଲେ—ଅରେ ଯାଃ, ତୋତେ ଆଉ ପାରି ହେବ ନାହିଁ । ନିହାତି କଳିକାଳର ପିଲା ତୁ !

ପୁଷ୍ପମୟୀ ଅହ୍ଲାଦରେ ଗଦ୍‌ଗଦ ହେଇ ନିଃସଙ୍କୋଚରେ ବାପାର ବେକକୁ ଧରି ଝୁଲିପଡ଼ି କହିଲା—ହଁ ବାପା, ସତ କହିଚ ।

କିଛିଦିନ ପରେ ଡାକ୍ତର ଚୌଧୁରୀ ହଠାତ୍ ଦିନେ କନ୍ୟାକୁ ଡାକି ପଚାରିଲେ—ପୁଷ୍ପ, ସେଦିନ ନ୍ୟାସନାଲ ଷ୍ଟୁଡ଼ିଓରୁ ତୋର ଯେଉଁ ଫଟୋଟା ଉଠେଇଥିଲୁ ତାର ଗୋଟାଏ କପି ମୋତେ ଦେବୁକି ? ଭାରି ଦରକାର ।

ପୁଷ୍ପ ପଚାରିଲା—କି ଦରକାର ବାପା ?

ଆରେ ଆଗେ ଦେ'ମ, ତାପରେ କାରଣଟା ପଚାରିବୁ ।

ପୁଷ୍ପମୟୀ କହିଲା—ଆଗେ କାରଣଟା ନଜାଣିଲେ ଦେବାଟା ମୋ ପକ୍ଷରେ ଅସମ୍ଭବ ବାପା !

ଡାକ୍ତର ଚୌଧୁରୀ ଦେଖିଲେ—କାରଣଟା କହିବାକୁ ହିଁ ହେବ । ତା ନହେଲେ ପୁଷ୍ପମୟୀ ପାଖରୁ ଫଟୋଟା ଆଦାୟ କରିବାର ପ୍ରୟାସ ଆକାଶ-କୁସୁମ ମାତ୍ର । ତେଣୁ ସେ କଥାଟା ଫିଟାଇ କହିଲେ—ପୁଷ୍ପ, ଗୋଟାଏ ଉତ୍ତମ ସ୍ଥାନରେ ପ୍ରସ୍ତାବ ଚାଲିଛି କନା । ଫଟୋଟା ସେଇଠିକି ପଠାଇବାକୁ ହବ ।

ପୁଷ୍ପମୟୀ କହିଲା—ଓହୋ ! ମୋର ବିବାହ ପ୍ରସ୍ତାବ ପରା ! ତେବେ ସ୍ଥାନଟା କେଉଁଠି ଶୁଣେ ।

ଚୌଧୁରୀ ଉତ୍ତର ଦେଲେ—ସ୍ଥାନଟା ଖୋର୍ଦ୍ଧା । ପାତ୍ର ହେଉଛି —ଡେପୁଟୀ ମାଜିଷ୍ଟ୍ରେଟ ଶ୍ରୀ ନିତ୍ୟାନନ୍ଦ ରାୟଙ୍କ ପୁତ୍ର । ବିବାହର ପ୍ରସ୍ତାବ ଅନେକ ଦୂର ଆଗେଇ ଯାଇଛି । ପିଲାଟି ବିଚକ୍ଷଣ, ଦର୍ଶନ ଶାସ୍ତ୍ରରେ ଏମ୍. ଏ.—ଏଥର ଆଇ. ଏ. ଏସ ପରୀକ୍ଷା ଦେବାକୁ ଯାଉଛି ! ଭବିଷ୍ୟତ୍ ଅତି ଉଜ୍ଜ୍ୱଳ ।

ପୁଷ୍ପମୟୀ ଗାମ୍ଭୀର୍ଯ୍ୟର ଛଳନା କରି କହିଲା—ତେବେ ଏ ଅନ୍ଧକାରମୟ ବର୍ତ୍ତମାନ ମୁହୂର୍ତ୍ତରେ ପୁଷ୍ପମୟୀର ଫଟୋଟାର କି ପ୍ରୟୋଜନ ?

ଚୌଧୁରୀ ମନେ ମନେ ଟିକିଏ ବିରକ୍ତ ହୋଇ କହିଲେ—ଆରେ ଯାଃ ! ସେମାନେ ଯେ ଟିକିଏ ଦେଖି ପସନ୍ଦ କରିବାକୁ ଚାହାନ୍ତି, ଦେଖିବେ ନାହିଁ ?

ପୁଷ୍ପମୟୀ ଜବାବ୍ ଦେଲା—ଦେଖି ପସନ୍ଦ-ନାପସନ୍ଦ କରିବାକୁ କିଏ ମନା କରୁଛି ବାପା ? ତେବେ ଏଇ ରକ୍ତମାଂସର ଶରୀରଟା ନଦେଖି, ଫଟୋଟାରୁ କଣ ଦେଖିବେ ? ଆଉ ଯଦିବା ଏତେଦୂର

ଅସିବାକୁ କୁଣ୍ଠିତ, ତେବେ ମୋତେ କହିଲେ ଏବଂ ସ୍ୱସ୍ତାଖର୍ଚ୍ଚଟା ଦାଖଲ କରିଦେଲେ ମୁଁ ସିଧା ଯାଇ ଦେଖାଟା ଦେଇ ଅସିପାରନ୍ତି ।

ଚୌଧୁରୀ ଭ୍ରୂ କାମୁଡ଼ି ପକେଇ କହିଲେ—ଅରେ ସ୍ୱମଃ; ସେଟା କ କେବେ ହେଇପାରେ ପୁଷ୍ପ, ସେଠା ହେଲା ଏକଦମ୍ ସୀମା-ଲଙ୍ଘନ କରିଯିବା । ସେ ସବୁ ଭାରି ଅଡ଼ୁଆ କଥା—ସେ ଜିଦ୍ ଧରନା ମା ।

ତାପରେ ଡାକ୍ତରବାବୁ ଅନେକ କୁହାପୋଛା ଓ ବହୁତ ସାକୁଲ ସାକୁଲ କରି ଝିଅ ପୁଷ୍ପମୟୀଠାରୁ ଫଟୋ ଖଣ୍ଡିଏ ଆଦାୟ କଲେ । କିନ୍ତୁ ପିତା ପୁତ୍ରୀଙ୍କ ମଧ୍ୟରେ ସ୍ପଷ୍ଟ ସର୍ତ୍ତ ହେଲାଯେ, ପୁଷ୍ପମୟୀ ବି ପ୍ରସ୍ତାବିତ ପାତ୍ରର ଫଟୋ ଦେଖିବ ଏବଂ ପସନ୍ଦ ନାପସନ୍ଦ କରିବାର ଅଧିକାର ମଧ୍ୟ ତାର ରହିବ ।

ଯଥା ସମୟରେ ଫଟୋ ଯାଇ ଡାକଯୋଗେ ଖୋର୍ଦ୍ଧା ମୁକାମରେ ପହଞ୍ଚିଲା । ଦୋପଟି ବାବୁ ଫଟୋ ଦେଖିଲେ । ପତ୍ନୀ ପ୍ରଭାବତୀଙ୍କୁ ମଧ୍ୟ ଦେଖାଇଲେ । ଫଟୋରୁ ପୁଷ୍ପମୟୀର ତେଜୋଦୀପ୍ତ ମୁଖମଣ୍ଡଳଟି ନବଯୌବନର ଲାବଣ୍ୟରେ ଝଟକି ଉଠୁଛି । ସତେ ଯେପରି ସେ ଛବିଟି କହୁଛି—"କଅଣ ଦେଖୁଛ ହେ ? ଆଖିବୁଜି ବାଛୁବାର ଚେହେରା ଖଣ୍ଡେ ଯେ ! ଚଞ୍ଚଳ ଜବାବ୍ ଦେଇପକାଅ ।"

ପତ୍ନୀ ପ୍ରଭାବତୀଙ୍କୁ ସ୍ୱାମୀ ନିରଞ୍ଜନ ପଚାରିଲେ—କଅଣ କହୁଛ ହୋ, ଝିଅଟିର ଚେହେରାତ ମନ୍ଦ ନୁହେଁ ଦେଖୁଛି ।

ପ୍ରଭାବତୀ କହିଲେ—ମୋତେ ଠିକ୍ ସେହିପରି ଲାଗୁଛି ।

ନିରଞ୍ଜନ ପଚାରିଲେ—ସେହିପରି ଲାଗିବାର କଥାତ ! ତେବେ ବୋହୂ କରିବଟି ?

ପ୍ରଭାବତୀ—ମଲା ଯାଃ—ତମେ ବାପପୁଅ ଦୁହେଁ ରାଜି ହେଲେ ମୋର ଆପତ୍ତି କରିବାର କଣ ଅଛି ? ତେବେ ଏ ଯୁଗର ଲକ୍ଷଣଟା

ପ୍ରତି ନମ୍ବର ଦେଇ ପୁଅର ମତଟା ବୁଝିନେଲେ ଭଲ ହୁଅନ୍ତା ନାହିଁ ? ସେ ପୁଣି ପଛରେ କଥାଟାଏ କହୁଥିବ କାହିଁକି ?

ତ୍ରିବିକ୍ରମ ଏ ଉପଦେଶର ଗୁରୁତ୍ୱ ବୁଝିଲେ । କହିଲେ—ଠିକ୍ କହୁଛ, ବିନୋଦ-ବୋଉ ! କଥାଟା ବିନୋଦ ଉପରେ ପକାଇଦେବା ଭଲ । ସେ ଯଦି ପସନ୍ଦ କରିଯାଏ, ତେବେ ଆମେ ଏ ପ୍ରାଣୀ·ଶର-ଧନଙ୍କୁ ବେକ୍‌ସୁର ଖଲାସ୍ ।

ଏହା କହି ତ୍ରିବିକ୍ରମ ସମ୍ଭାବ୍ୟା ପୁତ୍ରବଧୂର ଫଟୋଟା ପ୍ରଭାବତୀଙ୍କ ହାତକୁ ବଢ଼ାଇଦେଲେ । ଅଉ କହିଲେ —ଦେଖ, ବିନୋଦବୋଉ, ପୁଅର ମତାମତଟା ବୁଝିବାର ଭାର ପୂରାପୂରି ତମ ଉପରେ ରହିଲା । ସେଇଟା ବୁଝି ଶୀଘ୍ର "ରିପୋର୍ଟ" କଲେ ମୁଁ ତାହାର ଉପରେ "ଆକ୍‌ସନ୍" ନେବି ।

ରିପୋର୍ଟ ତ୍ରିବିକ୍ରମଙ୍କ ତୁଣ୍ଡରୁ ଅନେକ ସମୟରେ ଅଫିସିଆଲ୍ ଭାଷା ବାହାରିପଡ଼େ । ସେଇଟା ଅଭ୍ୟାସ ଦୋଷ ।

ଯାହାହେଉ ପ୍ରଭାବତୀ ଫଟୋ ଖଣ୍ଡିକ ରଖିଲେ ।

ଚାରିଟା ବାଜିଲେ ପୁଅର ଟିଫିନ୍‌ଖିଆର ସମୟ ଆସେ । ବିନୋଦବୋଉ ନିଜେ ଆଣି ପୁଅର ପଢ଼ିବା ଘରେ ଟିଫିନ୍ ରଖିଦେଇ ପୁଅକୁ ଖାଇବାକୁ ଆଦେଶ ଦିଅନ୍ତି । ଚାକର କଳ ପାଣି ଆଣି କାଚ ଗିଲାସରେ ରଖିଯାଏ । ଜଳଖିଆ ଖାଇ ସାରି ବିନୋଦରଞ୍ଜନ ସାନ୍ଧ୍ୟ-ଭ୍ରମଣ ବା କ୍ରୀଡ଼ାବିନୋଦରେ ବାହାରିଯାଏ ।

ସେହିଦିନ ଠିକ୍ ସମୟରେ ପ୍ରଭାବତୀ ଦେଇ ଟିଫିନ୍ ଆଣି ପୁଅକୁ ଖାଇବାକୁ ଡାକିଲେ । ବିନୋଦରଞ୍ଜନ ସେତେବେଳେ ଗୋଟାଏ ରସ-ସ୍ନିଗ୍ଧ ଉପନ୍ୟାସ ପାଠରେ ମନଢାଳି ଦେଇଥିଲା । ଉପନ୍ୟାସର ନାୟକ ନାୟିକାଙ୍କ ମଧ୍ୟରେ ସରସ କଥୋପକଥନ ଚାଲିଥାଏ ।

ଏତିକିବେଳେ ମାଆଙ୍କର ଡାକ ଶୁଭିଲା । ମା କହିଲେ—ବିନ ! ଦେଖ୍‌ତ ଆଜି ଛୁଆପିଳ ଚକୁଲିଟା କେମିତି ହୋଇଚି ।

ବିନୋଦରଞ୍ଜନ ଛୁଆପିଳର "ଅତିବଡ଼ୀ" ରସିକ । ମାଆଙ୍କ କଥାଟା ଶୁଣି ସେ ଉତ୍‌ଫୁଲ୍ଲ ହୋଇ, ଔପନ୍ୟାସିକ ରସାସ୍ୱାଦନ ବର୍ଜନ କରି ଛୁଆପିଳର ରସାସ୍ୱାଦ ଉପଭୋଗ କରିବାକୁ ଲାଳାୟିତ ହୋଇ, ଅଦମ୍ୟ ଉତ୍ସାହରେ କହି ଉଠିଲା—ସତେ ବୋଉ ! ଆଜି ଛୁଆପିଳ ଚକୁଲି କରିଛୁ ? କାହିଁ ଦେଖେଁ । ଏହା କହି ସେ ତୁରନ୍ତ ଯାଇ ଇଲଷିଆ ପ୍ଲେଟ୍‌ଟା ଉପରେ ତାର ସମଗ୍ର ଲୋଲୁପ ପ୍ରାଣଟା ଢାଳିଦେଲା ।

ପ୍ରଭାବତୀ ହାତରେ ଧରିଥିଲେ ପୁଷ୍ପମୟୀର ଫଟୋ । ପାଖରେ ବସି ସେ ଫଟୋଖଣ୍ଡିକ ଅତି ମନୋନିବେଶ ସହକାରେ ଦେଖିବାକୁ ଲାଗିଲେ । ବିନୋଦର ଦୃଷ୍ଟି ତା ପ୍ରତି ଆକୃଷ୍ଟ ହେଲା । ବିନୋଦ ପଚାରିଲା—"ବୋଉ, ସେଇଟା କଣ ?"

ପ୍ରଭାବତୀ ଉତ୍ତର ଦେଲେ—"ମୋ ବୋହୂ ।"

ବିନୋଦ ଆଶ୍ଚର୍ଯ୍ୟ ହୋଇ କହିଲା—କଣ ? ବୋହୂ !

ପ୍ରଭାବତୀ ଢୋର ଗଳାରେ ଲମ୍ବାସ୍ୱରରେ କହିଲେ—ହଁ ଅଁ ।

ବିନୋଦ ଗୁଲଖ ପିଲା । ମାଆର ମନୋଭାବଟା ବୁଝିବାକୁ ବାକୀ ରହିଲା ନାହିଁ । ତଥାପି ସେ କୌତୁକ ଛଳରେ ନିର୍ବିକାର ମୂର୍ତ୍ତି ଧରି ଛୁଆପିଳ ଚର୍ବିଷ୍ଣ କରିବାକୁ ଲାଗିଲା । ମନଟା ଯେପରି ଏକାବେଳେକେ ଚକୁଲି ଭିତରେ ଗଳିଯାଇଛି । ପ୍ରଭାବତୀ ଆଶା କରିଥିଲେ —ପୁଅ ଭାରି କୌତୂହଳୀ ହୋଇ ଉଠିବ ତାଙ୍କ କଥା ଶୁଣି । କିନ୍ତୁ ଫଳ ବିପରୀତ ହେବାର ଦେଖାଗଲା । ତହୁଁ ସେ ପାଟିକରି ଉଠିଲେ —"କଣବା ?"

ବିନୋଦ ମାଆ ମୁହଁକୁ ଚାହିଁ ପଚାରିଲା—ଅର୍ଥାତ୍ ?

ପ୍ରଭାବତୀ କହିଲେ—ଅରେ, ଟିକିଏ ଦେଖିବୁ ନାହିଁ ?

ବିନୋଦ—କାହାକୁ ?

ପ୍ରଭାବତୀ—ମୋ ବୋହୂକୁ, ଏଇ ପରା ତାର ଫଟୋ ।

ଏହା କହି ସେ ଅତି ବ୍ୟଗ୍ରତାର ସହିତ ପୁଷ୍ପମୟୀର ଫଟୋ ପୁଅ ହାତକୁ ବଢ଼ାଇ ଦେବାକୁ ଉଦ୍ୟତ ହେଲେ । ପୁଅ ବିନୋଦରଞ୍ଜନ ରହସ୍ୟଛଳରେ ଟିକିଏ ଭୂରେଇଯାଇ ଆଖି ବୁଜି କହିଲା—"ତୋ ବୋହୂକୁ ମୁଁ କାହିଁକି ଦେଖିବି ମା ! ତୁ ଦେଖୁନାହୁଁ !"

ପ୍ରଭାବତୀ ଜବାବ୍ ଦେଲେ—ମୁଁ ତ ଦେଖିଛି, ପୁଣି ଦେଖୁଛି । ତୁ ଟିକିଏ ଦେଖ୍ ଭଲ ।

ବିନୋଦ କହିଲା—ଅଚ୍ଛା, ଦେଖିବାର ବେଳ ହେଉ, ଦେଖିବା । ବିଭାବେଦୀ ବନ୍ଧା ନ ହେଉଣୁ ଏତେ ତରବର କାହିଁକି ?

ପ୍ରଭାବତୀ ମୁସ୍କିଲରେ ପଡ଼ିଲେ । ପୁଅ ଯେ ଫାଟୋ ଦେଖିବାକୁ ମଙ୍ଗୁନାହିଁ । ସେ ଦୋପଟି ସ୍ୱାମୀଙ୍କ ଆଗରେ କି ରିପୋର୍ଟ ପେସ୍ କରିବେ । ସୁତରାଂ ଅତି ମିନତିପୂର୍ଣ୍ଣ କଣ୍ଠରେ ପୁଅକୁ ସୁଆଗ କରି କହିଲେ—ମୋ ବନଠା ପରା, ମୋ ସୁନା ଥାଲୀଠା ପରା, ଟିକିଏ ଚାହିଁ ଦେ ବାପା, ତୋ ମନଠା ନ ମାନିଲେ କେମିତି ହେବ ?

ଏହା କହି ସେ ପୁଷ୍ପମୟୀର ଫଟୋ ଖଣ୍ଡିକ ପୁନଶ୍ଚ ଅଗେଇ ଦେଲେ । ବିନୋଦ ଅର୍ଦ୍ଧସେକେଣ୍ଡ ମାତ୍ର ଚାହିଁ ଦେଇ ମୁହଁ ବଙ୍କା କରି ରିମାର୍କ ପାଶ୍ କଲା---ଉଁ ହୁଁ, ଆଦୌ ମନକୁ ମାନିଲା ଭଳି ନୁହେଁ ବୋଉ ।

କଥାଠା ଶୁଣି ପ୍ରଭାବତୀଙ୍କ ମନର ମଉସୁମଠା ଏକାବେଳକେ ଭାଙ୍ଗି ପଡ଼ିଲା । ବିନୋଦର ମୁହଁକୁ ସେ ବିକଳ ଦୃଷ୍ଟିରେ ଚାହିଁ ରହିଲେ ।

ପ୍ରଭାବତୀ ସ୍ୱାମୀ ନିରଞ୍ଜନଙ୍କ ପାଖରେ ପୁଷ୍ପମୟୀର ଫଟୋଟି ଦେଖିଲା ମାତ୍ରକେ କି କାରଣରୁ କିଜାଣି ଗୋଠାଏ ଅଜଣା ଆକର୍ଷଣର

ପାଶରେ ଅବଶ ହୋଇଯାଇଥିଲେ । ପ୍ରାଣର ପର୍ଦ୍ଦା ଉହାଡ଼ରେ କିଏ ଯେପରି ତାଙ୍କୁ ଅଯାଚିତ ଉପଦେଶ ଦେଇ କହୁଥିଲା—ଏଇ ଝିଅଟି ଠିକ୍ ତୋର ବୋହୂ ହେବାର ଉପଯୁକ୍ତ,—ଠିକ୍ ବିନୋଦ ଲାଗି ।

ବର୍ତ୍ତମାନ ବିନୋଦର ସଂକ୍ଷିପ୍ତ ମନ୍ତବ୍ୟଟା ତାଙ୍କର ଜଳନ୍ତା ଉତ୍ସାହ ଉପରେ ଯେପରି ସହସ୍ର କୁମ୍ଭ ଶୀତଳ ବରଫ ଆଣି ଢାଳିଦେଲା । ପ୍ରଭାବତୀଙ୍କ ଆଖିରୁ ଦୁଇଟା ଅନିବାର୍ଯ୍ୟ ଅଶ୍ରୁବିନ୍ଦୁ ଝରି ପଡ଼ିଲା । ମାଆର ଏ ଅବସ୍ଥା ଲକ୍ଷ୍ୟ କରି ବିନୋଦ ମନେ ମନେ ହସିଲା । ସଙ୍ଗେ ସଙ୍ଗେ ସେ ଟିକିଏ ବ୍ୟଥିତ ହୋଇଉଠିଲା । ଗୋଟାଏ କୌତୁକ କରିବାକୁ ଯାଇ ଶେଷରେ ଏ ଦଶା । ହସିଲା ମାତୃମୂର୍ତ୍ତିଟିକୁ ସେ ମିଛଟାରେ କନ୍ଦେଇଦେଲା ।

ଅନୁତପ୍ତ ବିନୋଦ ପ୍ରଭାବତୀଙ୍କ ପାଦ ଦୁଇଟି ଭିଡ଼ି ଧରି କହିଲା— ବୋଉ, ରାଗିଲୁ ?

ମାତାର ନେତ୍ର ପ୍ରାନ୍ତରେ ମିଳେଇ ଆସୁଥିବା ଅଶ୍ରୁର ଉତ୍ସ ପୁନର୍ବାର ଜାଗ୍ରତ ହୋଇ ଉଠିଲା । ପ୍ରଭାବତୀ କମ୍ପିତ କଣ୍ଠରେ ପଚାରିଲେ—ବିନ, ଏ କଣ ସତେ ତୋର ପସନ୍ଦକୁ ଆସୁନାହିଁ ?

ବିନୋଦ କହିଲା—ମୁଁ ସେ ମୋଟେ ଦେଖିନାହିଁ ବୋଉ,— ଖାଲି ସେମିତି କହୁଥିଲି ।

ପ୍ରଭାବତୀ ଆଶ୍ୱସ୍ତ ହେଲେ । ମୁଖର ପ୍ରସନ୍ନ ଭାବ ଫେରିଆସିଲା । ବିନୋଦର ଟିଫିନ୍‌ଖିଆ ମଧ୍ୟ ସରିଯାଇଥିଲା । ସେ ପାଣି ଗିଲାସଟା ଢକ୍ ଢକ୍ କରି ପିଇଦେଇ ହାତ ମୁହଁ ଧୋଇପକେଇବାକୁ ଗଲା । ଇତ୍ୟବସରରେ ପ୍ରଭାବତୀ ପୁଷ୍ପମୟୀର ଫଟୋଟି ବିନୋଦବହାଘରର ଟେବୁଲ ଉପରେ ପ୍ରକାଶ୍ୟ ଜାଗାରେ ଥୋଇ ଦେଲେ । ବିନୋଦ ମୁହଁଟା ରୁମାଲରେ ପୋଛୁଁ ପୋଛୁଁ କହିଲା—ହଁ ବୋଉ କଣ ହେଲା ସେ ଫଟୋଟା ?

ପ୍ରଭାବତୀ ତରତର ହୋଇ ଟେବୁଲ ଉପରୁ ଫଟୋଖଣ୍ଡ ଅଣିବାକୁ ହସ୍ତ ପ୍ରସାରଣ କଲେ । ବିନୋଦ କହିଲା—ଅଚ୍ଛା, ଥାଉ ଥାଉ, ଦରକାର ନାହିଁ । ତୋର ମନକୁ ତ ପାଇଛୁ, ତେବେ ମୁଁ ଜବାବ୍ ଦେଲି । ଏଠାକୁ ମୋର ସ୍ଥିରମତ ବୋଲି ଧରି ନେଇପାରୁ ।

ପ୍ରଭାବତୀ ବ୍ୟସ୍ତ ହୋଇ କହିଲେ—ନା, ନା, ଏ ଗୋଟାଏ କି କଥା, ବିନ ? ଖାଲି ମୋ ଲାଗି—

ମାଆଙ୍କ କଥା ସମାପ୍ତ କରିବାକୁ ନ ଦେଇ ବିନୋଦ ଉତ୍ତର ଦେଲା—ତା ନୁହେଁ ବୋଉ, ସେପରି ଭାବୁଛୁ କାହିଁକି ? ତୋର ପସନ୍ଦ, ମୋର ପସନ୍ଦ ଭିତରେ ଫରକ ନ ଥାଏ, ଅଜି ମଧ୍ୟ ନାହିଁ, ଭବିଷ୍ୟତରେ ରହିବାର ଆଶଙ୍କା ଦେଖୁନାହିଁ ।

"ତଥାପି ଠିକ୍ ଏ ଦେଖିବୁ, ବାପା"—ଏତିକି କହି ପ୍ରଭାବତୀ ବିଦା ହେବାକୁ ବସିଲେ । ବିନୋଦ ମଧ୍ୟ ମୁଣ୍ଡ ହଲେଇ ସମ୍ମତି ଜଣେଇ କହିଲା—ଅଚ୍ଛା, ହଉ ।

ପୁଷ୍ପମୟୀର ଫଟୋଟି ଜ୍ୟୋତିର୍ମୟ ମୁଖନେଇ ଟେବୁଲ ଉପରେ ପଡ଼ିରହି ଯେପରି ଅପରସୀମ କୌତୁକ ଅନୁଭବ କଲା ।

ମାଆ ଚାଲିଗଲା ପରେ, ବିନୋଦ ଆଉ ବାହାରକୁ ଯିବାକୁ ବିଶେଷ ବ୍ୟଗ୍ରତା ଅନୁଭବ କଲାନାହିଁ । ତରୁଣପ୍ରାଣର ଆରାଧ୍ୟ ଦେବତା ଯେ, ସେ ଗୋପନରେ ହୃଦୟ ଅନ୍ତରାଳରେ ଥାଇ ଭବିଷ୍ୟତର ନାନା ମଧୁମୟ ଚିତ୍ର ତାର ମନଶ୍ଚକ୍ଷୁ ଆଗରେ ଉନ୍ମୁକ୍ତ କରିଦେଲା । ଫଟୋଟି ହାତକୁ ନେଇ ବିନୋଦ ଗଭୀର ମନୋନିବେଶ ସହକାରେ ଯୁଗଳ ନେତ୍ରର ନିରବଚ୍ଛିନ୍ନ ମଧୁର ଚାହାଣି ତା ଉପରେ ଢାଳିଦେଲା । ପୁଷ୍ପମୟୀର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗର ସୁଲଳିତ ସୌଷ୍ଠବ ଫଟୋ ଖଣ୍ଡିକ ଭିତରୁ ଯେପରି ମୌଳିକ ବସ୍ତୁର ନିସର୍ଗମାଧୁରୀ ପ୍ରଚାର କରୁଛି । ବିନୋଦ ସେ ରୂପଲାବଣ୍ୟ ଦେଖି ମୁଗ୍ଧ ହେଲା । ସବୁଠାରୁ ଅଧିକ

ତା ମନକୁ ଛୁଇଁଲା ପୁଷ୍ପମୟୀର ତେଜୋଦୀପ୍ତ ମୁଖମଣ୍ଡଳ । ବିନୋଦର ଆଦର୍ଶ ସହିତ ତା ସମ୍ପୂର୍ଣ୍ଣ ଖାପ ଖାଉଛି । ବିନୋଦ କେବଳ ଲାବଣ୍ୟ-ପ୍ରତିମାର ପ୍ରିୟ ନୁହେଁ । ସେ ଚାହେଁ ଲାବଣ୍ୟର ତରଳତା ସହିତ ତେଜସ୍ୱିତାର ପ୍ରାଚୁର୍ଯ୍ୟ । ସେହିପରି ପତ୍ନୀ ଏକା ତାର ଅର୍ଦ୍ଧାଙ୍ଗିନୀତ୍ୱର ସମ୍ମାନଲାଭ କରିବାକୁ ଉପଯୁକ୍ତ । ବିନୋଦ ପୁଷ୍ପମୟୀର ଲାବଣ୍ୟ-ଲଳିତ ତେଜୋମୟ ମୂର୍ତ୍ତି ଦେଖି ସେହି ମୁହୂର୍ତ୍ତରେ ତାକୁ ହୃଦୟର ନିଭୃତକନ୍ଦରରେ ପତ୍ନୀରୂପେ ବରଣ କରିନେଲା । ତାର ମନେ ହେଲା ସତେ ଯେପରି ଏ ପ୍ରକାଣ୍ଡ ପୃଥିବୀଟାରେ ପୁଷ୍ପମୟୀର ପଟାନ୍ତର ନାହିଁ ।

ଯଥା ସମୟରେ ବିନୋଦ ନେଇ ମା' ହାତରେ ଫଟୋ ଖଣ୍ଡିକ ପ୍ରତ୍ୟର୍ପଣ କରିଦେଲା । ପୁଅର ପ୍ରସନ୍ନ ମୁଖଶ୍ରୀକୁ ଚାହିଁ ମା ତାର ତରୁଣ ଅନ୍ତରର ସମସ୍ତ ଅକୁହା ଉପାଖ୍ୟାନ ଅନାୟାସରେ ବୁଝି ନେଲେ ।

ପ୍ରଭାବତୀ ପୂର୍ବ ନିର୍ଦ୍ଦେଶମତେ ଦୋପଟି ସ୍ୱାମୀଙ୍କ ନିକଟରେ "ରିପୋର୍ଟ" ପେଶ୍ କଲେ । ବିଜୟ ଗର୍ବରେ ଉତ୍‌ଫୁଲ୍ଲ ହୋଇ ସେ କହିଲେ—"ଏଥର ସବୁକାମ ଇଞ୍ଜାମ୍ କରିଆସିଛି ହେ । ଏବେ ଯାହା କରିବାର ତମେ କର ।"

ନିବାରମ ପଚାରିଲେ—ପୁଅର "ରାଜିନାମା" ଆଣିଛ ? ପ୍ରଭାବତୀ ଜବାବ୍ ଦେଲେ—"ନିଶ୍ଚୟ ।"

"କାହିଁ ? "

ପ୍ରଭାବତୀ—ମଲା ମୋର ! "କାହିଁ" କଣମ ? ପୁଅ କଣ ଆଉ ଲେଖିପଢ଼ି ରେଜେଷ୍ଟ୍ରୀ କରି ଦିଅନ୍ତା ? ମୁହେଁ ମୁହେଁ ପକ୍‌କା ଜବାବ୍ ନେଇ ଆସିଛି,—ବିନୋଦର କଥାଟି ଏପାଖ ସେପାଖ ନାହିଁ । ତୁରନ୍ତ ଡାକ୍ତରବାବୁଙ୍କୁ ଲେଖିଦିଅ—ପାତ୍ରୀ ପସନ୍ଦ, ଆସନ୍ତା ମାର୍ଗଶିରକୁ

ପୁଅର ବିବାହ କରିବା ଆମର ଇଚ୍ଛା । ଶୀଘ୍ର ନିର୍ବନ୍ଧ କରିଦେଲେ ଭଲ ।

ଏହା କହି ପ୍ରଭାବତୀ ତାକିଦ୍ କରିଦେଲେ—ଦେଖ, ଆଜି ଭିତରେ ଚିଠି ଲେଖିଦିଅ । ଶୁଭକାମରେ ହେଳା କରିବା ଠିକ୍ ନୁହେଁ, ବୁଝିଲ ? ଆଉ ପଚାରିନିଅ, କେବେ ସେ ପକ୍ଷ ନିର୍ବନ୍ଧ କରିବାକୁ ଚାହାନ୍ତି ।

ନିରଞ୍ଜନ ପତ୍ନୀର ଆଦେଶ ଶିରୋଧାର୍ଯ୍ୟ କରି ସେହିଦିନ ଡାକ୍ତର ଚୌଧୁରୀଙ୍କ ପାଖକୁ ପତ୍ର ଲେଖିଦେଲେ ଏବଂ ପତି ପତ୍ନୀ ପ୍ରତିପତ୍ରର ଅପେକ୍ଷାରେ ରହିଲେ ।

ଇତ୍ୟବସରରେ ପ୍ରଭାବତୀ ମନେ ମନେ ସ୍ଥିର କରିରଖିଲେ—ଭବିଷ୍ୟତରେ କିପରି ସେ ବଧୂ ପୁଷ୍ପମୟୀକୁ ନିଜ ଘରକୁ ବରଣ କରିନେବେ, ତା ପୂର୍ବରୁ ବିବାହ ବେଦୀରେ ବଧୂ ପାଇଁ କି ଉପଢୌକନ ପଠାଯିବ ଇତ୍ୟାଦି, ଇତ୍ୟାଦି ବିଷୟ । ସମୟାନୁସାରେ ସେ ସ୍ୱାମୀଙ୍କୁ କହି ରଖିଲେ—ଦେଖ, ଗୋଟାଏ ସୁନ୍ଦର ପଥରବସା ପାଞ୍ଚଭରି ସୁନାର ପ୍ରଜାପତି ହାର ପାଇଁ ମାଧବ ସ୍ୱର୍ଣ୍ଣକାରକୁ ବରାଦ ଦେଇଦିଅ । ପନ୍ଦର ଦିନ ଭିତରେ ଯେପରି ତିଆରି କରିଦିଏ ।

ପ୍ରଭାବତୀ ଅନ୍ତର କେତେ କଣ କଳ୍ପନା କରିରଖିଲେ । କରିବା ମଧ୍ୟ ସ୍ୱାଭାବିକ । ଅନ୍ୟ କାହାରି କଥା ନୁହେଁ, ଏ ସେ ଖ୍ୟାତନାମା ଡେପୁଟୀ ମାଜିଷ୍ଟ୍ରେଟ ନିରଞ୍ଜନବାବୁଙ୍କ ପତ୍ନୀ ଶ୍ରୀମତୀ ପ୍ରଭାବତୀଙ୍କର ସ୍ୱଗୃହକୁ ପୁତ୍ରବଧୂ ଆନୟନ ।

ଡାକ୍ତର ଚୌଧୁରୀଙ୍କ ପାଖରୁ ପ୍ରତ୍ୟୁତ୍ତର ଆସିବାକୁ ଚାରିଦିନ ବିଳମ୍ବ ହେଲା । ପ୍ରଭାବତୀ ବ୍ୟସ୍ତ ହୋଇପଡ଼ିଲେ, ନିରଞ୍ଜନଙ୍କୁ ମଧ୍ୟ ବ୍ୟସ୍ତ କରିପକାଇଲେ, ଘନ ଘନ ପଚାରିଲେ—ଜବାବ୍ ଆସିଲା କି ?

ନିବାକମ ବାରମ୍ବାର ତାଙ୍କୁ ଧୈର୍ଯ୍ୟ ଧରିବାକୁ କହିଲେ । ଅବଶେଷରେ ପତ୍ର ଅସିଲା । ପତ୍ର ଖଣ୍ଡିକ ନେଇ ନିବାକମ ପତ୍ନୀ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ—"ଏଇଯେ, ଚିଠି ଅସିଗଲା । ତେବେ ଡାକ୍ତର ଚୌଧୁରୀ ପୁଅର ଫଟୋ ପଠାଇବାକୁ ଲେଖିଛନ୍ତି ।

ପ୍ରଭାବତୀ କଥାଟା ଶୁଣି ପ୍ରଥମେ ଟିକିଏ ଅବାକ୍ ହୋଇଗଲେ, ପରେ ପଚାରିଲେ— କଣ ? ପୁଅର ଫଟୋ ?

ନିବାକମ ଉତ୍ତରଦେଲେ—ହଁ ହେ । ଚୌଧୁରୀଏ ଲେଖିଛନ୍ତି, ତାଙ୍କର ଝିଅ, ଅର୍ଥାତ୍ ତମେ ଯାହାକୁ ବୋହୂ କରିବ, ସେ ବରପାତ୍ରର ଫଟୋ ଦେଖିବାକୁ ଚାହେଁ । ପାତ୍ର ତାର ମନୋନୀତ ହେଲେ ନିର୍ବନ୍ଧର ଦିନ ସ୍ଥିର କରାଯିବ ।

ପ୍ରଭାବତୀଙ୍କ କାନକୁ କଥାଗୁଡ଼ାକ କେମିତ ଟିକିଏ ଅଡୁଆ ଅଡୁଆ ବୋଧ ହେଲା । ଏ ଗୋଟାଏ କି ନୂଆ ହିସାବ ।

ଏପର୍ଯ୍ୟନ୍ତ ଲୋକେ କନ୍ୟାପାତ୍ରୀର ଫଟୋ ଚାହୁଁଥିଲେ, କନ୍ୟାର ଚେହେରା, ଗଠନ ଇତ୍ୟାଦି ବିଷୟ ଜାଣିବା ପାଇଁ । କିନ୍ତୁ କୌଣସି କନ୍ୟାପାତ୍ରୀ ତ ବରପାତ୍ରର ଫଟୋ ଖୋଜୁ ନ ଥିଲା । ଏ କଣ !

ପ୍ରଭାବତୀ ଜିଜ୍ଞାସୁ ନେତ୍ରରେ ସ୍ୱାମୀଙ୍କ ମୁହଁକୁ ଅନାଇ ରହିଲେ । ନିବାକମ କହିଲେ—କିହେ ଅବାକ୍ ହୋଇ ରହିଲ ଯେ !

ପତ୍ନୀ ଜବାବ୍ ଦେଲେ - କଣ ମ । ଏ ତ ଗୋଟାଏ ବିଚିତ୍ର ନୂଆ କଥା ଭଳି ମୋତେ ଲାଗୁଛି !

ନିବାକମ କହିଲେ—ଅରେ ବିଚିତ୍ର ତାହିଁ ତ ଦରକାର, ସେଟା ଯେ ଏଯୁଗର ନିୟମ । ବୁଝିଲ ନାହିଁ ବିନୋଦବୋଉ, ଦୁନିଆଟା ବରାବର ବିଚିତ୍ରତା ଆଡ଼କୁ ଚାଲିଛି ନା । ଅଜି କଥା କାଲିକି ଅନ୍ତର ହେଇଯାଉଛି । ଏଟା,—ଯାହାକୁ କହନ୍ତି—ପ୍ରଗତିର ସୂଚନା । ତାଛଡ଼ା ଅନ୍ୟ ଅଡୁ ବିଚାର କରି ଦେଖିଲେ ମଧ୍ୟ କଥାଟା ଆଦୌ ଅସ୍ୱାଭାବିକ

ନୁହେଁ । ଆମେ ତ ପୁଣି ପାତ୍ରୀର ଫଟୋ ଦେଖିବାକୁ ଗ୍ୱହିଁଲେଇଁ । ଅଚ୍ଛା, ସେହି ନ୍ୟାୟରେ ସେମାନେ ବା କାହିଁକି ଆମ ପୁଅର ଫଟୋ ଦେଖିବାକୁ ନ ଗ୍ୱହିଁବେ ? ଆମେ ତ ପୁଣି ପୁଅକୁ ପାତ୍ରୀର ଫଟୋ ଦେଖାଇ ତାର ମତାମତ ବୁଝିଲେ । ସେହିପରି କନ୍ୟାର ପିତା ବର-ପାତ୍ରର ଫଟୋ ଦେଖାଇ ପାତ୍ରୀର ମତାମତ ବୁଝିବାରେ କ୍ଷତି କଣ ? ଏଇଟା ହେଲା—ଯାହାକୁ କହନ୍ତି—ଖାଣ୍ଟି "ଲଜିକ୍ ।" ତେବେ ସେ ଲଜିକ୍ ଫଜିକ୍ ତୁମେ ମାଇକିନିଆ ଲୋକ ବୁଝି ପାରିବ ନାହିଁ । ତା ଯାହା ହେଉ, ଏଥିରେ ମୁଁ କୌଣସି ଆପତ୍ତିର କାରଣ ଦେଖୁନାହିଁ । ଫଟୋ ଖଣ୍ଡିଏ ପଠାଇ ଦେବା ଦରକାର; ନା, କଅଣ କହୁଛ ?

ପ୍ରଭାବତୀ ଜବାବ୍ ଦେଲେ—ହଉ, ଯାହା ଭଲ ମନେ କରୁଛ, କର । ଆମର ତ କାର୍ତ୍ତିକେୟ ପରି ପୁଅ । ରୂପରେ ଯେମିତି, ଗୁଣରେ ସେମିତି । ଦୁନିଆରେ ଏତେ ବାଛୁଲବାଲା କିଏ ଅଛି ଯେ, ବାଛି ଦେବ ?

ନିବାରଣ କହିଲେ—ସେୟା ପରା । ଆମ ପୁଅକୁ କଣ ପାତ୍ରୀ ଅଭାବ କି ? କେତେ ଲୋକ ତ ଧରାଧରି ! ଅଳ୍ପ ମନ କଲେ କାଲି ଅଚ୍ଛା ଅଚ୍ଛା ଜାଗାରୁ ପାଞ୍ଚଗଣ୍ଡା ବୋହୂ କରି ଆଣି ପାରିବା । ଆମେ ତ ଗ୍ୱହୁଁ ନା ପୁଅ ବାହାକରି ଧନ ଦୌଲତ ଘରକୁ ଆଣିବାକୁ । ହେଲେ, ଡାକ୍ତର ଚୌଧୁରୀ ଲୋକଟା ଗୋଟାଏ ଅତି ଜଣାଶୁଣା ଲୋକ—ଖାନ୍‌ଦାନ୍ ବୁନିଆଦ୍ ବଂଶର ପିଲା—ଡାକ୍ତରି ହିସାବରେ ଏ ଦେଶରେ ଖୁବ୍ ନାମ କମେଇ ପାରିଛି । ଆଉ ଝିଅଟାର ଚେହେରା ବି ଚମତ୍କାର—ତୁମେମାନେ ଯାହାକୁ କୁହ—"ମନଲାଖି" । ପ୍ରଭାବତୀ ଅସମ୍ଭାଳ ହୋଇ କହି ଉଠିଲେ—ହଁ ହେ ସେଇ କଥାନା ! ଆଉ କଣ କି । ଫଟୋ ଖଣ୍ଡି ଦେଖିଲା ବେଳୁଁ ମୋର ଗୋଟାଏ କେମିତି

ଝିଅଟି ଉପରେ ମମତା ବସିଯାଇଛି । ଅଚ୍ଛା, ପୁଅର ଫଟୋଟା ପଠେଇ ଦିଅ । ସେଥିରେ ଆମର କଣ ବା କ୍ଷତି ହେଇଯାଉଛି ?

ପରଦିନ ବିନୋଦର ଫଟୋ ଖଣ୍ଡିଏ ରେଜେଷ୍ଟ୍ରି ଡାକରେ ପଠେଇ ଦିଆଗଲା ।

ପୁଷ୍ପମୟୀ ସେ ଦିନ ରେଡ଼ିଓ ଘରେ ବସି ଅତି ଅହ୍ଲାଦରେ ରେଡ଼ିଓ ଖୋଲି ଦେଇଥିଲା । ଗୋଟାଏ ହିନ୍ଦୁସ୍ଥାନୀ ସଙ୍ଗୀତର ସ୍ୱର ଲହରୀ ଭାସି ଆସୁଥିଲା । ପ୍ରଣୟର ସଙ୍ଗୀତ । ପ୍ରଣୟୀର ହୃଦୟୋଚ୍ଛ୍ୱାସ । ପ୍ରଣୟିନୀକୁ ସମ୍ବୋଧନ କରି ପ୍ରଣୟୀ ଅତି ଆବେଗରେ କହୁଛି— "ସେ ସମସ୍ତ ଜଗତକୁ ଭୁଲିପାରେ, କିନ୍ତୁ ତାର ପ୍ରଣୟିନୀକୁ ମୁହୂର୍ତ୍ତିକ ପାଇଁ ଭୁଲିପାରିବ ନାହିଁ, ଜୀବନରେ କଣ, ମରଣରେ କଣ ସେ ତାର ଏକମାତ୍ର ଆରାଧନା ସାମଗ୍ରୀ ।" ଏତେ ବଡ଼ ଆବେଗମୟ ସଙ୍ଗୀତଟା ପୁଷ୍ପମୟୀର ପ୍ରାଣକୁ ସ୍ପର୍ଶ କରିପାରୁ ନ ଥିଲା । ପୁଷ୍ପମୟୀ ରେଡ଼ିଓଟା ବନ୍ଦ କରିଦେଇ କହିଲା—ଯା-ଯା, ଏ ସବୁ ବିରାଟ ଛଳନା, ପ୍ରକାଣ୍ଡ ଭଣ୍ଡାମି ।

ଏହି ସମୟରେ କକ୍ଷଦ୍ୱାରରେ ଡାକ ଶୁଭିଲା—"ଅରେ ପୁଷ୍ପ?"

ପୁଷ୍ପମୟୀ ତତ୍‌କ୍ଷଣାତ୍ ଜବାବ ଦେଲା—ହଁ, ବାପା ।

ଡାକ୍ତର ଚୌଧୁରୀ ଝିଅ ହାତକୁ ଖଣ୍ଡେ ଫଟୋ ବଢ଼ାଇ ଦେଇ କହିଲେ—ଏଇ ନେ, ଆଜି ଆସି ଯାଇଛି । ଦେଖ୍, କି ସୁନ୍ଦର ସୁଶ୍ରୀ ଯୁବକ ! ଏ ଥର ତୋର ମତାମତ ଠିକ୍ କର । ମୁଁ ଗୋଟାଏ ଜରୁରୀ "କଲ୍"ରେ ଯାଉଛି । ଫେରିଲେ କଥାବାର୍ତ୍ତା ।

ଏହା କହି ଡାକ୍ତର ଚୌଧୁରୀ ତରତର ହୋଇ ଘରୁ ବାହାରିଗଲେ ।

ପୁଷ୍ପମୟୀ କୌତୁହଳୀ ହୋଇ ଫଟୋଟା ଦେଖିବାକୁ ଆରମ୍ଭ କଲା । ବିନୋଦରଞ୍ଜନ ବାସ୍ତବିକ "ସୁନ୍ଦର ସୁଶ୍ରୀ ଯୁବକ", ତାରୁଣ୍ୟର

ଅବୟବୀ ମୂର୍ତ୍ତି । ଚଳଚଳ ତରଳ ଅଙ୍ଗର ସୁକୁମାର ଶୋଭା । ଅଧର ବିମ୍ବରେ ମୃଦୁ ହାସ୍ୟର ଛଟା । ଅପାଙ୍ଗରେ ଲଳିତ ମଧୁର ଦୃଷ୍ଟିର ଭଙ୍ଗୀ । ଆଧୁନିକ ଧରଣରେ କମନୀୟ ସୁସଜ୍ଜିତ କେଶ । ମୋଟ ଉପରେ କହିବାକୁ ଗଲେ ମୂର୍ତ୍ତିଟି ରମଣୀ-ମୋହନ ।

ସ୍ୱପ୍ନମୟୀ ଖୁବ୍ ତନ୍ନ ତନ୍ନ କରି ସେ ମୂର୍ତ୍ତି ପରୀକ୍ଷା କଲା । ପନ୍ଦର ମିନିଟ୍‌ରୁ ଊର୍ଦ୍ଧ୍ୱ ଧରି ଦେଖିଲା । ନିରୋଳ ନିର୍ଜନ କୋଠରୀ । ଏକାକିନୀ ପୁଷ୍ପମୟୀ ବିନୋଦ ରଞ୍ଜନର ଫଟୋଟି ସମ୍ମୁଖରେ ଥୋଇ ଯୁଗଳ ନୟନର ପ୍ରଦୀପ୍ତ ଦୃଷ୍ଟି ତା ଉପରେ ନିକ୍ଷେପ କରି ବୋଧ-ହୁଏ ଅନେକ କିଛି ଭାବିଲା । କଣ ଭାବିଲା ତା କିଏ କହିବ ? ଯୌବନର ଦ୍ୱାରଦେଶରେ ଅବତୀର୍ଣ୍ଣା କୁମାରୀର ମନୋରାଜ୍ୟରେ ପଶି ତା କିଏ ବୁଝିବ ? ସେ ରାଜ୍ୟର ମାୟା ଅଜ୍ଞେୟ, ଅଭେଦ୍ୟ । ପୁଣି ଏ ଯେ ତେଜସ୍ୱିନୀ ପୁଷ୍ପମୟୀର ମନୋରାଜ୍ୟ । ଅତି ଦୁର୍ଜ୍ଞେୟ ତାର ପ୍ରକୃତି । ତା କଳ୍ପନାର ଅତୀତ । ଅନୁମାନ କରି ଯଥାର୍ଥ ଭାବରେ ମନୋରାଜ୍ୟର ଛବିରାଶି ଉପସ୍ଥାପିତ କରିବା ଅନ୍ତତଃ ଏ ଲେଖନୀର ଦୁଃସାଧ୍ୟ ।

ଫଟୋ ପରୀକ୍ଷା ପରେ ପୁଷ୍ପମୟୀ ତାହା ନେଇ ନିଜର ଟେବୁଲ ଉପରେ ଥୋଇଦେଲା । ସେହି ମୁହୂର୍ତ୍ତରୁ ତାର ମତିଗତିରେ କେମିତି ଟିକିଏ ବିଚଳିତ ବିଭ୍ରାନ୍ତଭାବ ଦେଖାଗଲା । ସତେ ଯେପରି ସେ ଗୋଟାଏ ଅଭୂତପୂର୍ବ, ଅନନୁଭୂତ, ଦୁରୁହ, ଦୁର୍ମୀମାଂସ୍ୟ ସମସ୍ୟାରେ ପଡ଼ିଗଲା । ଅନୂଢ଼ା କୁମାରୀର ହୃଦୟଭିତରେ ଅସଂଖ୍ୟ ଭାବ-ତରଙ୍ଗର ଘାତ ପ୍ରତିଘାତ ଯେପରି ତୁମୁଳ ଆନ୍ଦୋଳନ ସୃଷ୍ଟି କରିଦେଲା । ପୁଷ୍ପମୟୀ ବାରମ୍ବାର ଆସି ବିନୋଦରଞ୍ଜନର ଫଟୋ-ନ୍ୟସ୍ତ ମୂର୍ତ୍ତି ଦେଖିବାକୁ ଲାଗିଲା । ମନେ ହେଲା, ଯେପରି ପୁଷ୍ପମୟୀ ସେହି ବାହ୍ୟିକ

ପ୍ରତିବିମ୍ବର ବହିରାବରଣ ଭେଦ କରି କି ଗୋଟାଏ ଅନ୍ତର୍ନିହିତ ବସ୍ତୁର ଅତି ସୂକ୍ଷ୍ମ ଅନୁସନ୍ଧାନ କରୁଛି ।

ଘଣ୍ଟା ଦୁଇପରେ ଡାକ୍ତର ଚୌଧୁରୀ ଫେରିଆସିଲେ । ସେଦିନ ଡାକ୍ତରଖାନାରେ ଗୋଟାଏ ଗୁରୁତର ଅପରେସନ ହେବାର ଥିଲା । ସେ ଅନତିବିଳମ୍ବେ ପୂର୍ବାହ୍ନଭୋଜନ ସମାପ୍ତ କରି ପୁନଶ୍ଚ ଘରୁ ବାହାରି ପଡ଼ିଲେ । ପୁଷ୍ପମୟୀ ସହିତ ଆଳାପ କରିବାକୁ ଅବସର ମିଳିଲା ନାହିଁ ।

ଡାକ୍ତରଖାନାର କାମସାରି ଡାକ୍ତରବାବୁ ପ୍ରତିଦିନ ନିଜର ଅଫିସଗୃହକୁ ଲାଗି ପ୍ରାଇଭେଟ ଚେମ୍ବରରେ ଟିଫିନ୍‌ଟା କରି ନିଅନ୍ତି । ଟିଫିନ୍ କହିଲେ ସାଧାରଣ ସଂକ୍ଷିପ୍ତ ଆହାର ନୁହେଁ,—ଏକପ୍ରକାର ଭୂରିଭୋଜନ । ଚୌଧୁରୀଏ ପ୍ରଚୁରାହାରୀ ଜୀବ । ଅତି ପ୍ରଶସ୍ତ ପାକସ୍ଥଳୀ । ତାହା ପୁଣି ଅସମ୍ଭବ ଶକ୍ତିଶାଳୀ । ଟିଫିନ୍ ଖାଇ ଡାକ୍ତରବାବୁ ସିଧା-ସଳଖ ବାହାରି ପଡ଼ନ୍ତି କ୍ଲବ ଅଭିମୁଖରେ । କ୍ଲବରୁ ଫେରୁ ଫେରୁ ପ୍ରାୟ ରାତି ନଅଟା ହୋଇଯାଏ । ଘରକୁ ଫେରି ନୈଶ ଆହାରର ସମାରୋହ ଶେଷ କରିବାକୁ ତାଙ୍କୁ ପ୍ରାୟ ଏକ ଘଣ୍ଟା ସମୟ ଲାଗେ । ତାପରେ ସେ ଶଯ୍ୟା ଅବଲମ୍ବନ କରି ସମଗ୍ର ରାତି ଗଭୀର ନିଦ୍ରାରେ ନିମଗ୍ନ ରହନ୍ତି ।

ସବୁଦିନ ଭଳି ସେଦିନ ମଧ୍ୟ ଡାକ୍ତରବାବୁ ରାତି ନଅଟା ସରିକି ଘରକୁ ଫେରି ନୈଶ ଭୋଜନପରେ ଶଯ୍ୟାବଲମ୍ବନ କଲେ । ପରଦିନ ପ୍ରାତଃ ଭୋଜନପରେ ପୁଷ୍ପମୟୀଙ୍କୁ ଡାକରା ହେଲା । ଚୌଧୁରୀ ସ୍ନିଗ୍ଧ ଗଳାରେ କନ୍ୟାକୁ ଡାକି କହିଲେ—ମା ପୁଷ୍ପ, କଣ ନିଷ୍ପତ୍ତି କଲୁରେ ? କଥାଟାର 'ଫାଇନାଲ' କରିଦେବା ଦରକାର ।

ପୁଷ୍ପ ଜବାବ୍ ଦେଲା—ହଁ ବାପା ।

କ୍ଷଣକ ପରେ ବିନୋଦ ରଞ୍ଜନର ଫଟୋ ଖଣ୍ଡି ହାତରେ ଧରି ପୁଷ୍ପମୟୀ ପିତାର ପ୍ରସାଧନ-କକ୍ଷ ଭିତରକୁ ବିଦ୍ୟୁତ୍ ବେଗରେ ପଶି ଆସି କହିଲା—ଏଇ ନିଅ, ବାପା ! ଏଟା ଫେରସ୍ତ ଦେଇପାର । ପୁଷ୍ପମୟୀ ଏଭଳି ଏକ ଯୁବକକୁ ସ୍ୱାମୀରୂପେ ଗ୍ରହଣ କରିବାକୁ ଏକାନ୍ତ ନାରାଜ ।

"ନାରାଜ ?"—ଆଶ୍ଚର୍ଯ୍ୟ ନେତ୍ରରେ ପଚାରିଲେ ଡାକ୍ତର ଚୌଧୁରୀ ।

ପୁଷ୍ପ ଉତ୍ତର ଦେଲା—ହଁ ବାପା, ସେଟା ପୁଷ୍ପମୟୀର ସିଦ୍ଧାନ୍ତ ।

ଚୌଧୁରୀ ମହାଶୟ କିଯ଼ତ୍‌କ୍ଷଣ ଅବାକ୍ ହୋଇରହିଲେ । ପରେ କନ୍ୟାକୁ ଟିକିଏ ବସିପଡ଼ିବାକୁ ଠାରି ଅର୍ଦ୍ଧସ୍ମିତ ମୁଖରେ ଧୀର କଣ୍ଠରେ କହିଲେ—ମା ପୁଷ୍ପ, ଏଭଳି ଏକ ଗୁରୁତର ବିଷୟରେ ହଠାତ୍ ଗୋଟାଏ ଚରମ ସିଦ୍ଧାନ୍ତ କରିଦେବା ତ ଉଚିତ ନୁହେଁ । ଆଚ୍ଛା, ଏ ସିଦ୍ଧାନ୍ତର କାରଣଟା କଣ ଶୁଣେ ।

ପୁଷ୍ପମୟୀ ଉତ୍ତର ଦେଲା—ବାପା, କାରଣଟା ପ୍ରକାଶ କରିବାର ଆବଶ୍ୟକତା ନ ଥିଲେ ସୁଦ୍ଧା ଏବଂ ପୁଷ୍ପମୟୀର ସେ ବିଷୟରେ ଅବାଧ ଅଧିକାର ଥିଲେ ମଧ୍ୟ, ତମେ ଯେତେବେଳେ କାରଣଟା ଜାଣିବାକୁ ଚାହୁଁଛ, ତା ନିଶ୍ଚୟ କହିବି । କିନ୍ତୁ ଆମଦେଶର ସେହି ସ୍ୱୟମ୍ବର ଯୁଗରେ, ଯେତେବେଳେ କନ୍ୟା ନିଜର ମନୋମତ ସ୍ୱାମୀ ସ୍ୱୟମ୍ବର-ସଭାରୁ ବାଛି ନେଉଥିଲା, ସେତେବେଳେ କୌଣସି କନ୍ୟାପିତା କନ୍ୟାର ମନୋନୟନର କାରଣଟା ପଚାରୁଥିଲା କି ?

ପ୍ରଶ୍ନକର୍ତ୍ତ୍ରୀର ଐତିହାସିକ ପ୍ରଶ୍ନଟା ଶୁଣି ଡାକ୍ତର ଚୌଧୁରୀ ଠୋ ଠୋ ହୋଇ ହସି ଉଠି କହିଲେ—ଅରେ ବାଃ, ଠିକ୍ କହୁଛୁ ! ଡାକ୍ତର ଚୌଧୁରୀର ଝିଅ ନ ହେଲେ ଏମିତି ଅକାଟ୍ୟ ପ୍ରଶ୍ନ ଆଉ କିଏ

କରିବ ? ତେବେ କଣ କି, କାରଣଟା ଜାଣିଲେ କଥାଟା ବୁଝିବା ସହଜ ହେବ ପରା ।

ପୁଷ୍ପମୟୀ କହିଲା—କଥାଟା ଅତି ସରଳ, କାରଣଟା ଅତି ପ୍ରାଞ୍ଜଳ । ତା ହେଉଛି ଏହି ଯେ ପୁଷ୍ପମୟୀ କେବଳ ଏକ ସୁନ୍ଦର, ସୁକୁମାର, ଲାବଣ୍ୟଯୁକ୍ତ ଯୁବକର କରଗ୍ରହଣ କରିବାକୁ ଚାହେଁ ନାହିଁ; ସେ ଚାହେଁ—ଏକ ଦୃଢ଼ଚିତ୍ତ, ସଦୃଢ଼ ସ୍ୱଭାବର ଲୋକ,—କେବଳ ସୁଦୃଶ୍ୟ ଦେହେରି ଓ ଉଚ୍ଚଶିକ୍ଷା ଥିଲେ ଚଳିବ ନାହିଁ,—ତା ସାଙ୍ଗକୁ ଥିବା ଦରକାର ହୃଦୟର ଦୃଢ଼ତା ଓ ଶୌର୍ଯ୍ୟ ।

ପୁଷ୍ପମୟୀ ମନର ଭାବଟା ଆହୁରି ଟିକିଏ ସ୍ପଷ୍ଟ, ଆହୁରି ଟିକିଏ ବିଶଦ କରି କହିଲା—ବାପା, ଯାଙ୍କର ଦେହେରି ଅଛି, ରୂପ ଅଛି, ଉଚ୍ଚଶିକ୍ଷା ଅଛି, ଅନ୍ୟାନ୍ୟ ଗୁଣ ମଧ୍ୟ ଅନେକ ଥାଇପାରେ, ମାତ୍ର ଏ ଦେହେରି ଭିତରେ ମାନସିକ ଦୃଢ଼ତା, ଯାହାକି ପ୍ରକୃତ ପୁରୁଷତ୍ୱ, ତାର ଆଭାସ ନାହିଁ; ବଳିଷ୍ଠ ଚିତ୍ତର ସଙ୍କେତ ନାହିଁ । ଏ କେବଳ ଦେଖିବାର ବସ୍ତୁ, ଟିକିଏ ଜୋର ପବନ ହେଲେ ଭାଙ୍ଗି ପଡ଼ିବ ।

ଏହା କହି ପୁଷ୍ପମୟୀ ପିତାର ମାନସିକ ପ୍ରତିକ୍ରିୟାକୁ ଅପେକ୍ଷା କରି ଚାହିଁ ରହିଲା । ଚୌଧୁରୀ ଭିତରେ ଭିତରେ ଟିକିଏ କ୍ଷୁଣ୍ଣ ହେଲେ ସୁଦ୍ଧା ବାହାରକୁ ପ୍ରକାଶ କଲେ ନାହିଁ । ଅଳ୍ପ ଟିକିଏ ଅଡୁଆରେ ପଡ଼ିଗଲାଭଳି ସେ ପଚାରିଲେ—ତେବେ ସେମାନଙ୍କୁ କଣ କହି ଜବାବ୍ ଦେବ ?

ପୁଷ୍ପମୟୀ ତୁରନ୍ତ ତାର ଉତ୍ତର ଦେଲା—ବାପା, ସେଟା ବୋଧହୁଏ, ତମପକ୍ଷରେ ଟିକିଏ କଷ୍ଟକର ହେବ । କିନ୍ତୁ ମୋ ଆଡ଼ୁ ହେଲେ କୌଣସି ଅସୁବିଧା ହେବ ନାହିଁ, ମୁଁ ସେ ଜବାବ୍ ଦେବି । ମୋର ଇଚ୍ଛା—ଅନିଚ୍ଛା, ପସନ୍ଦ—ନାପସନ୍ଦ ଓ ତାର ଯଥୋଚିତ କାରଣ ଓ ଯୁକ୍ତି ଦେଖାଇ ପତ୍ର ଦେବି । ସତ୍ୟ କହିବାରେ କୁଣ୍ଠା

ପ୍ରକାଶ କରିବାଟା ମୋ ମତରେ ନିତାନ୍ତ ଗର୍ହିତ । ସତଟାକୁ ଢାଙ୍କି-ବାକୁ ଚେଷ୍ଟାକରି ଲୋକ ଅନେକ ସମୟରେ ବିପରୀତ ଫଳ ପାଇଥାଏ । ସେଟାକୁ ଖୋଲାଖୋଲି ଭାବରେ ଏକାବେଳକେ ଅନାବୃତ କରି ଦେଖାଇଦେବା ଦରକାର ।

କନ୍ୟାର ଯୁକ୍ତି ଶୁଣି ପିତା ଟିକିଏ ଦ୍ୱିଧାଗ୍ରସ୍ତ ହେଲେ । ପୁଷ୍ପମୟୀ ସେ ଭାବ ଲକ୍ଷ୍ୟକରି ପୁନଶ୍ଚ ଆରମ୍ଭକଲା—ବାପା, କଥାଟା ଟିକିଏ ସ୍ପଷ୍ଟଭାବରେ ବୁଝିବାକୁ ଚେଷ୍ଟାକର । ମୁଁ ଯାହା କହିଲି ତାଠାରୁ ବଳି ଅଧିକ ସୁବିଧାଜନକ ଉପାୟ ଆଉ ନାହିଁ । ମୋ କଥାଟା ହଠାତ୍ ତୁମ ମନକୁ ଛୁଇଁ ନ ପାରେ, କିନ୍ତୁ ଭଲକରି ଭାବି ଦେଖିଲେ ତା ନିଶ୍ଚୟ ଛୁଇଁବ ।

ଡାକ୍ତର ଚୌଧୁରି କହିଲେ—ଅଚ୍ଛା, ଭାବି ଦେଖିବି । କିନ୍ତୁ ଅଳ୍ପ ଦିନକ ଭିତରେ ଗୋଟାଏ ଫାଇନାଲ୍ କିଛି କରିବାଟା ବୋଧେ ଠିକ୍ ହେବ ନାହିଁ ।

ପୁଷ୍ପ ସମ୍ମତି ଜ୍ଞାପନ କଲା । ଚୌଧୁରି କହିଲେ—ହଉ ଯା ।

କନ୍ୟାର ଯୁକ୍ତି ଅବଶେଷରେ ପିତାର ମନକୁ ସ୍ପର୍ଶ କଲା । ଡାକ୍ତର ଚୌଧୁରି ଭାବିଲେ—ପୁଷ୍ପମୟୀର ପ୍ରସ୍ତାବଟା ମନ୍ଦ ନୁହେଁ । ସେ ନିଜେ ତାର ମନୋଭାବ ବ୍ୟକ୍ତ କରି ପତ୍ର ଲେଖୁ । ତାର ଇଚ୍ଛା—ଅନିଚ୍ଛା ସେ ସିଧାସଳଖ ପ୍ରକାଶ କରୁ । ତା ହେଲେ ସେ ନିଜେ ଗୋଟାଏ ଅପ୍ରୀତିକର ପରିସ୍ଥିତିରୁ ରକ୍ଷା ପାଇଯିବେ । ଏହା ଭାବି ସେ କନ୍ୟା ପୁଷ୍ପମୟୀକୁ ସିଧାସଳଖ ବିକ୍ରମବାବୁଙ୍କ ନାମରେ ପତ୍ର ଦେବାକୁ ସମ୍ମତି ଦେଲେ । କିନ୍ତୁ କହିଲେ—ଦେଖ୍ ମା ପୁଷ୍ପ ! ଯାହା ଲେଖିବୁ ସେଥିରୁ ଯେମିତି ତଳେ ହେଲେ ରୁଢ଼ତା ପ୍ରକାଶ ନ ପାଏ । ବିକ୍ରମ ବାବୁ ଜଣେ ଅତି ସମ୍ମାନିତ, ପଦସ୍ଥ ଲୋକ,—ସରକାର ଘରେ ନାମ ଅଛି—ବଂଶର ମର୍ଯ୍ୟାଦା ଅଛି । ପୁଣି ପୁଅଟି ତାଙ୍କର

ଶିକ୍ଷା ଦୀକ୍ଷାରେ ଅତି ଯୋଗ୍ୟ । ତା ସମ୍ବନ୍ଧରେ ଖୁବ୍ ସତର୍କ ହୋଇ ଲେଖିବୁ । ସେମାନଙ୍କ ମନରେ ବିଶେଷ ଆଘାତ ଲାଗିଲା ଭଳି କିଛି ଯେପରି ନ ଲେଖୁ ।

ପୁଷ୍ପମୟୀ ଉତ୍ତର ଦେଲା—ସେ ଦିଗରେ ସେ ଯଥାସାଧ୍ୟ ସନ୍ନିବତୀ ହେବ ।

ସେହିଦିନ ପୁଷ୍ପମୟୀ ଖୁବ୍ ଭାବିଚିନ୍ତି ଯଥାସମ୍ଭବ ସଂଯତଭାଷାରେ ଖଣ୍ଡିଏ ଚିଠି ଡ୍ରାଫ୍ଟ କଲା । ତାକୁ ଅନେକ ଥର ପଢ଼ି ଅନେକ ସ୍ଥାନରେ ବଦଳା ବଦଳି କଲା, ଭାଷାକୁ ଖୁବ୍ ମାଜି ଘଷି ପ୍ରୟୋଗ କଲା, ମନର ଭାବକୁ ଯେତେ ଦୂର ଚିପିଚାପି କୋମଳ କରି ପ୍ରକାଶ କରିପାରେ ତା କଲା । ସମସ୍ତ ସୁଚିନ୍ତିତ ସତର୍କ କ୍ରିୟାପରେ ଚିଠିଖଣ୍ଡି ଏହିପରି ଅବୟବ ଧାରଣ କଲା:—

ସସମ୍ମାନ ନିବେଦନମିଦଂ—

ପିତୃପ୍ରତିମ ମହୋଦୟ,

ଆପଣଙ୍କର ଏ ଅପରିଚିତା କନ୍ୟାର ଧୃଷ୍ଟତା ମାର୍ଜ୍ଜନା କରିବେ । ଏ ସରଳା କୁମାରୀ ପ୍ରତି ମନରେ କୌଣସି ପ୍ରକାର ଘୃଣା ବା ବିଦ୍ୱେଷକୁ ସ୍ଥାନ ଦେବେନାହିଁ । ଆପଣଙ୍କ ଶ୍ରୀଚରଣରେ ଏତିକି ତାର ଆନ୍ତରିକ ପ୍ରାର୍ଥନା ।

ଆପଣଙ୍କ ପୁତ୍ର ଶ୍ରୀ ବିନୋଦ ରଞ୍ଜନଙ୍କ ଫଟୋଟି ବାପାଙ୍କର ହସ୍ତଗତ ହୋଇଛି । ମୁଁ ମଧ୍ୟ ତାହା ଦେଖିବାର ସୁଯୋଗ ପାଇଛି । ଶ୍ରୀଯୁକ୍ତ ବିନୋଦ ରଞ୍ଜନଙ୍କ ସହିତ ମୋର ବିବାହ ପ୍ରସ୍ତାବ ନେଇ ମୁଁ ମନେ ମନେ ସବିଶେଷ ଆଲୋଚନା କରି ମୋର ସିଦ୍ଧାନ୍ତ ବାପାଙ୍କୁ ଜଣାଇ ଦେଇଛି ଓ ଆପଣମାନଙ୍କୁ ମଧ୍ୟ ତା ଜଣାଇବା ପାଇଁ ଏ ପତ୍ର ଲେଖୁଛି ।

ଶ୍ରୀଯୁକ୍ତ ବିନୋଦ ରଞ୍ଜନ ସୁକାନ୍ତ, ସୁଶ୍ରୀ ଯୁବକ,—ଅତି ଉଚ୍ଚ-ଶିକ୍ଷିତ—ମୋଠାରୁ ସହସ୍ରଗୁଣେ ଗୁଣବତୀ ଓ ରୂପବତୀ ପାତ୍ରୀର ସ୍ପୃହଣୀୟ ପାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ।

ତା ଛଡ଼ା ଆପଣଙ୍କର ବଂଶଗୌରବ ଓ ପଦମର୍ଯ୍ୟାଦା ସୁବିଦିତ । ମୋ ଭଳି ତୁଚ୍ଛ ସେବିକା ଆପଣଙ୍କ ଚରଣ କମଳ ସେବାର ଅଧିକାର ଲାଭ କରିବାକୁ ସମର୍ଥ ହୋଇପାରିଲେ ନିଜକୁ ଧନ୍ୟ ମଣନ୍ତା କରନ୍ତା ଓ ତାର ଜୀବନ ସାର୍ଥକ ହୁଅନ୍ତା ।

ମାତ୍ର କ୍ଷମା କରିବେ,—ଆପଣଙ୍କ ଶ୍ରୀଚରଣ ଧରି ଅନୁନୟ କରୁଛି,—କ୍ଷମା କରିବେ । ନୀତି ଦୃଷ୍ଟିରୁ ମୁଁ ବିନୋଦ ରଞ୍ଜନଙ୍କ ଭଳି ଯୁବକଙ୍କୁ ସ୍ୱାମୀରୂପେ ଗ୍ରହଣ କରିବାକୁ ଅସମର୍ଥ । ମାନସିକ ଦୃଢ଼ତା-ସମ୍ପନ୍ନ ଯୁବକ ବ୍ୟତୀତ ଅନ୍ୟ କାହାରିକୁ ଗ୍ରହଣ କରିବା ମୋର ସଂକଳ୍ପ-ବିରୁଦ୍ଧ । ମୁଁ କେବଳ ଉଚ୍ଚଶିକ୍ଷା ଓ ସୁକୁମାର ରୂପକାନ୍ତିର ପକ୍ଷପାତୀ ନୁହେଁ ।

ପିତୃଦେବ ! ଧୃଷ୍ଟତାଜନିତ ଅପରାଧ ହୋଇଥିଲେ ମାର୍ଜନା କରିବେ । ମୁଁ ଶତ-କୁମାରୀ-କାଂକ୍ଷିତ ଆପଣଙ୍କ ଗୃହସଂସାରରେ ବଧୂପଦବୀ ଲାଭ କରି ନ ପାରି ଚିରଦିନ ଆପଣଙ୍କର କନ୍ୟା ହୋଇ ରହିଲି ।

ପାଦପ୍ରଣତା
ପୁଷ୍ପମୟୀ

ପୁଷ୍ପମୟୀ ଚିଠିର ଡ୍ରାଫ୍ଟ ନେଇ ଡାକ୍ତର ଚୌଧୁରୀଙ୍କୁ ଦେଖାଇଲା । ଡାକ୍ତର ଚୌଧୁରୀ ତାହା ପଢି ଭାରି ପ୍ରୀତ ହେଲେ । ହସି ହସି କହିଲେ—ସାବାସ୍ ପୁଷ୍ପ । ଡାକ୍ତର ଚୌଧୁରୀର ଝିଅ ନ ହେଲେ କି ଏପରି ଲେଖା କେହି ଲେଖିପାରେ ? ମୋର

ସାହିତ୍ୟିକ ପାଠ୍ୟସ୍ପୃହା ପୂରାପୂରି ହାସଲ କରିନେଇଛି ମା । ସ୍କୁଲ କଲେଜରେ ପଢ଼ିବା ସମୟରେ ମୋର ସେ ପାଠ୍ୟସ୍ପୃହା ବେଶ୍ ପ୍ରଶଂସା-ଲାଭ କରିପାରିଥିଲା ପରି । ଅଜକାଲି ବ୍ୟବସାୟର ଅଗାଧ ଜଳରାଶି ଭିତରେ ତା ବୁଡ଼ିରହିଲା ସିନା ।

ଅତୀତର ସ୍ମରଣରେ ଡାକ୍ତର ଚୌଧୁରୀଙ୍କର ପ୍ରଶସ୍ତ ବକ୍ଷ ଗର୍ବସ୍ଫୀତ ହୋଇଉଠିଲା । ଚୌଧୁରୀ ଏ ଡ୍ରାଫ୍‌ଟା ବଢ଼ାଇ ଦେଇ କହିଲେ—ଅଚ୍ଛା ମା, ଡାକରେ ଦେଇଦେ । ଦେଖାଯାଉ, କଣ ହେଉଛି ।

"ଅଉ ଦେଖାଯିବ କଣ ବାପା ? ଏହା ପରେ ଅଉ ତ କାହାରି କିଛି ଦ୍ୱିରୁକ୍ତି କରିବାର ନାହିଁ ।" ଏହା କହି ପୁଷ୍ପମୟୀ ନିଜର ପାଠ କୋଠରୀକୁ ଫେରିଗଲା । କ୍ଷଣକପରେ କୋଠରୀର ଅଭ୍ୟନ୍ତରରୁ ପୁଷ୍ପମୟୀର ସ୍ୱରଚିତ ସଙ୍ଗୀତର ପଦେ ଗୁଣୁ ଗୁଣୁ ସ୍ୱରରେ ଭାସି-ଅସିବାର ଶୁଣାଗଲା:—

"ସହିଙ୍କେ ଧରି ନ ଦିଏରେ ଏ ବନର ଚନ୍ଦେନା"

କିନ୍ତୁ ପୁଷ୍ପମୟୀ ବିଦାୟ ନେଇ ଅସିଲା ପରେ ଡାକ୍ତର ଚୌଧୁରୀଙ୍କର ମନଟା କାହିଁକି କେଜାଣି ଟିକିଏ ବିରସ ହୋଇଉଠିଲା । ମନର ଗୋପନ ଭାବଟିକି ମନରେହିଁ ରହିଗଲା ପରି ଜଣାଗଲା । କ୍ଷଣକାଳପରେ ସେ ମନକୁ ମନ କହିଉଠିଲେ—ଅଚ୍ଛା, ଯାନେଦିଅ ।

ଏଣେ ପୁଷ୍ପମୟୀର ଚିଠିଖଣ୍ଡିକ ଯାଇ ଠିକ୍‌ସମୟରେ ନିରଞ୍ଜନ ବାବୁଙ୍କର ହସ୍ତଗତ ହେଲା । ନିରଞ୍ଜନ ତାହା ପଢ଼ି ବିସ୍ମୟରେ ଅଭିଭୂତ ହୋଇପଡ଼ିଲେ । ଏ ଭଳି ଏକ ଅଶାତୀତ ଘଟଣାର ବିକାଶ ସେ କଳ୍ପନା କରି ନ ଥିଲେ । ସେ ପ୍ରଥମେ ଏଟାକୁ ବିଶ୍ୱାସ କରି-ପାରିଲେ ନାହିଁ । ହୁଏତ ଏଟା ଗୋଟାଏ "ବୋଗସ" ଚିଠି । କିନ୍ତୁ ପରେ ବୋଗସ ବୋଲି ମନେ କରିବାର କୌଣସି ସଙ୍ଗତ କାରଣ

ଖୋଜି ପାଇଲେ ନାହିଁ । ଚିଠିଖଣ୍ଡି ଅଦ୍ଭୁତ ଥରେ ଅମୂଳାନ୍ତ ପଢ଼ିଲେ । ଦ୍ୱିତୀୟ ପାଠରେ ପତ୍ର ଲେଖିକା ପ୍ରତି ଟିକିଏ କପଟ ଶ୍ରଦ୍ଧାର ଭାବ ଜାଗ୍ରତ ହୋଇଉଠିଲା । ତ୍ରିବିକ୍ରମ ଭାବିଲେ ଲେଖାର ଢଙ୍ଗଟା ମନ୍ଦ ନୁହେଁ । ଝିଅଟା ବେଶ୍ ଲେଖିବାର କାଇଦା ଜାଣେ । କିନ୍ତୁ ଏ ଭଳି ଏକ ଚିଠି ଲେଖିବାକୁ ତାର ସଙ୍କୋଚ ନ ହେଲା କିପରି ? ଏ ପ୍ରଶ୍ନର ଉତ୍ତରରେ ତାଙ୍କ ମନ ଭିତରୁ ଯେପରି କିଏ କହୁଉଠିଲା— "ଏଟା ଯେ ବିଂଶ ଶତାବ୍ଦୀର ଶେଷାର୍ଦ୍ଧ । ଅଷ୍ଟାଦଶ ଶତାବ୍ଦୀର ସଙ୍କୋଚର ଏଠାରେ ସ୍ଥାନ ନାହିଁ ।" ଅନ୍ତଃପୁରୁଷର ସେ ଅନ୍ତର୍ବାଣୀ ଶୁଣି ତାଙ୍କର ମୁହୂର୍ତ୍ତକ ମଧ୍ୟରେ ଚୈତନ୍ୟ ସଞ୍ଚାର ହେଲା । ମନେ ପଡ଼ିଲା—ସେଦିନ ସେ ନିଜେ ପତ୍ନୀ ପ୍ରଭାବତୀଙ୍କୁ କହୁଥିଲେ—ଦୁନିଆଁଟା ବରାବର ବିଚିତ୍ରତା ଆଡ଼କୁ ଗତି କରୁଛି ଏବଂ ସେଇଟା ପ୍ରଗତିର ସୂଚନା । ଏହା ଭାବି ସେ ନିଜକୁ ସଂଶୋଧନ କରିନେଲେ ଏବଂ ବସିବା ସ୍ଥାନରୁ ଉଠି ଆସି ବ୍ୟଗ୍ରକଣ୍ଠରେ ଚିତ୍କାର କଲେ—"ଆହେ, କୁଆଡ଼େ ଗଲ ହେ ।"

ସମ୍ବୋଧନଟା ନିଶ୍ଚୟ ପ୍ରଭାବତୀଙ୍କୁ ଲକ୍ଷ୍ୟ କରି । ପ୍ରଭାବତୀ ଗୃହାନ୍ତରରୁ ତାହା ବୁଝିପାରି ଜବାବ୍ ଦେଲେ—ଯାଉଛି, ଯାଉଛି, ଏତେ ଗଳିଆ କାହିଁ ?

ତ୍ରିବିକ୍ରମ ଜବାବ୍ ଦେଲେ—ଗଳିଆର ଯେ "ପ୍ରାଇମା ଫେସି" (Primafacie) କାରଣ ଅଛି, ବିନୋଦ—ବୋଉ ! ଶୀଘ୍ର ଆସ ।

ବିନୋଦବୋଉ ଆସି ପହଞ୍ଚନ୍ତେ ତ୍ରିବିକ୍ରମ କହିଲେ—ଶୁଣିଲଣି, ମୁଁ ସେଦିନ ଠିକ ଯାହା କହୁଥିଲି, ସେୟା । ଦେଖ, ଏ ଦୁନିଆଁଟା ବରାବର ବିଚିତ୍ରତା ଆଡ଼କୁ ଗତି କରୁଛି, ଆଜି ଖୁବ୍ ଚଞ୍ଚଳ ଗତି କରୁଛି ।

ପ୍ରଭାବତୀ କିଛି ବୁଝି ପାରିଲେ ନାହିଁ, କେବଳ ମୁଖବ୍ୟାଦାନ କରି ରହିଗଲେ । ତା ଦେଖି ତ୍ରିବିକ୍ରମ କହିଲେ, ଅହା ! ବୁଝି ପାରିଲ

ନାହିଁ କି ହେ ? ଡାକ୍ତର ଚୌଧୁରୀଙ୍କର ଝିଅ ତୁମର ଭାବୀବଧୂ ହେବାର ଥିଲି ନା, ତାହାର ହାତରୁ ଏ ଚିଠାଉ ଆସିଛି, ଶୁଣ ।

ଏହା କହି ସେ ଚଢ଼ଗଢ଼କରି ପଢ଼ିବାକୁ ଲାଗିଲେ ପୁଷ୍ପମୟୀର ସେ ଚିଠିଖଣ୍ଡ । ପଢ଼ିସାରି ସ୍ମିତମୁଖରେ ପଚାରିଲେ—ଏଥର ବୁଝିପାରିଲ ?

"ଏଁ ! କଣ ଗୁଡ଼ାଏ ପଢ଼ିଗଲିଲେମ ?"—କହି ପ୍ରଭାବତୀ ବ୍ୟାଖ୍ୟା ଚାହିଁଲେ ।

ନିରଞ୍ଜନ ଥଟ୍ଟା କରି ଜବାବ୍ ଦେଲେ—ଆହା ! ସ୍ଥୂଳବୁଦ୍ଧି ମନୋରମା ! କିଛିହିଁ ବୁଝି ପାରିଲ ନାହିଁ ?

ତା ପରେ ସେ ସମସ୍ତ ଘଟଣା ବିଶଦଭାବରେ ବୁଝାଇବାକୁ ଆରମ୍ଭ କଲେ । ପ୍ରଭାବତୀ ଏଥର ବୁଝିଲେ । କିନ୍ତୁ ତାଙ୍କର ସମସ୍ତ ଭାବରାଶି ଅବଶ ହୋଇଗଲା । ସେ ପ୍ରଶ୍ନକଲେ—ଏ କେମିତକା କଥାମ ?

"ଅରେ ପୁଣି ସେଇ କଥା ! ଏଥିରେ ଯେ ଅବାକ୍ ହେବାର କିଛି ନାହିଁ । ଏଟା ସ୍ୱାଧୀନତାର ଯୁଗ । ଝିଅର ସ୍ୱାଧୀନ ଇଚ୍ଛା । ଇଚ୍ଛାକଲେ ସେ କାହାରିକୁ ବିବାହ କରିପାରେ; ଇଚ୍ଛାକଲେ, ନକରି-ପାରେ; କିନ୍ତୁ ବଡ଼ ଦୁଃଖର କଥା ବିନୋଦ ବୋଉ, ତମେ ଏ ଯୁଗର ଲକ୍ଷଣଟାକୁ ଏପର୍ଯ୍ୟନ୍ତ ଚିହ୍ନି ପାରିଲ ନାହିଁ ।

ପ୍ରଭାବତୀ ଚିଡ଼ି ଉଠି କହିଲେ—ରହମ ତମ ପ୍ରଚାର ! ତମ କଥା ଶୁଣି, ମତେ ଧକ୍ ଲାଗିଲାଣି । କାହିଁ ଚିଠିଟା ଦେଲ, ଦେଖେଁ ।

ନିରଞ୍ଜନ ନୀରବରେ ଚିଠିଟା ବଢ଼ାଇଦେଲେ । ସେଦିନ ଗୋଟାଏ ବଡ଼ଧରଣର ମୋକଦ୍ଦମାର ରାୟ ଦେବାକୁ ଥିଲା । ରାୟଟା ଶେଷ କରିବାକୁ ଆଉ ଅଳ୍ପ କିଛି ବାକୀ ଥିଲା । ତେଣୁ ନିରଞ୍ଜନ ସେଥିରେ ଯାଇ ଲାଗିଗଲେ ।

ପ୍ରଭାବତୀ ନିଜେ ଚିଠିଟା ପଢ଼ିଲେ । ଦିବ୍ୟସୁନ୍ଦର ଅକ୍ଷରରେ ଲେଖା । ଭାଷାଟା ସାହିତ୍ୟିକ ହେଲେ ମଧ୍ୟ ପ୍ରଭାବତୀ ତାର ମର୍ମ ବେଶ ବୁଝିପାରିଲେ । ପିଲାଦିନେ ଉଚ୍ଚ ପ୍ରାଥମିକ ସୋପାନ ଡେଇଁ ସେ ମାଇନର ଶ୍ରେଣୀକୁ ଉଠି ସାରିଥିଲେ ।

ଏପରି ସମୟରେ କେତେକ କାରଣରୁ ତାଙ୍କୁ ବିଦ୍ୟାୟତନ ତ୍ୟାଗ କରିବାକୁ ପଡ଼ିଥିଲା । ସୁତରାଂ ସେ ବିଶେଷ ପାଠୋଇ ନହେଲେ ମଧ୍ୟ ଏକାବେଳକେ ଅଣପାଠୋଇ ନୁହନ୍ତି । ଘରେ ଘରେ ସେ ବହୁତ ଓଡ଼ିଆ ବହି ପଢ଼ିଛନ୍ତି । ତେଣୁ ପୁଷ୍ପମୟୀର ସାହିତ୍ୟିକ ଭାଷାଟା ତାଙ୍କ ପକ୍ଷରେ ବିଶେଷ ପ୍ରତିବନ୍ଧକ ସୃଷ୍ଟିକଲା ନାହିଁ । କିନ୍ତୁ ମନଟା ତାଙ୍କର ଭାଙ୍ଗିପଡ଼ିଲା । ଅତିବଡ଼ ଆଗ୍ରହ ନେଇ ଲୋକ କିଛି ଗୋଟାଏ କରିବାକୁ ପ୍ରୟାସ କରୁଥିବାବେଳେ ସେହି ଆଗ୍ରହ ଉପରେ ଯଦି ହଠାତ୍ କୌଣସି ଅଜ୍ଞ କୁଠାରଘାତ ହୁଏ, ତାହେଲେ ସେଥିରେ ମନର ସୌସୁମତା ନଷ୍ଟ ହୋଇନ ଯାଏ କି ? ପ୍ରଭାବତୀଙ୍କୁ ହଜାରେଗଣ୍ଡା ଗୃହବଧୂ ମିଳିବେ ସତ, କିନ୍ତୁ ଉଦ୍ଦାମ ଉଚ୍ଛ୍ୱାସର ପ୍ରଥମ ତରଙ୍ଗରେ ଭାସିଯାଇ ଯେଉଁ ପଦ୍ମକଳିକାଟି ଉପରେ ତାଙ୍କର ପ୍ରାଣ ଓ ଆତ୍ମା ଢଳି-ପଡ଼ିଥିଲା, ସେ ପଦ୍ମକଳିକାଟି ତାଙ୍କର ଅପ୍ରାପ୍ୟ ହୋଇଉଠିବାର ସୂଚନା ପ୍ରାଣରେ ଗୋଟାଏ ଅସୀମ ଅସହ୍ୟ ଅନୁଭୂତି ସୃଷ୍ଟିକଲା । ଏହି ସମୟରେ ଡାକ ଶୁଭିଲା—"ବୋଉ" !

ପ୍ରଭାବତୀ ଚାହିଁ ଦେଖିଲେ—ବିନୋଦ ରଞ୍ଜନ ଆସି ଆଗରେ ଠିଆ ।

ବିନୋଦ ମାଆକୁ କହିବାକୁ ଆସିଥିଲା—ଆଜି ତାର ଜଣେ ବନ୍ଧୁଙ୍କ ଘରେ ପ୍ରୀତିଭୋଜର ନିମନ୍ତ୍ରଣ ଅଛି । ସେ କିଛି ନଖାଇ ଅଧ-ଘଣ୍ଟାକ ଭିତରେ ବାହାରିଯିବ, ତେଣୁ ସକାଳ ଓଳିଟା, ସେ ଘରେ ଖାଇବ ନାହିଁ ।

କିନ୍ତୁ ଏସବୁ କଥା କହିବାପୂର୍ବରୁ ବିନୋଦ ରଞ୍ଜନ ଦେଖିଲା ସେ ମାଆର ଆଖି ଦୁଇଟି ଛଳ ଛଳ, ମାଆ ଅନ୍ୟମନସ୍କା । ହାତରେ କାଗଜ ଖଣ୍ଡିଏ ଧରି ସେ ତନ୍ଦ୍ରାଗ୍ରସ୍ତା । ବିନୋଦ ଡାକିଲା— "ବୋଉ" ! ପ୍ରଭାବତୀଙ୍କ ଅନ୍ୟମନସ୍କତା ଭାଙ୍ଗିଗଲା । ସେ ମୁହଁ ଟେକି କହିଲେ—ହଁ ବାପା, କଣ କହୁଛୁ ?

ବିନୋଦ ରଞ୍ଜନ କର୍ଣ୍ଣରେ ଏ ସ୍ୱରଭଙ୍ଗି ଟିକିଏ ଅସ୍ୱାଭାବିକ ବୋଧହେଲା । ସେ ପଚାରିଲା—କଥା କଣ ବୋଉ ? ତୁ ଏମିତି ହେଉଛୁ ଯେ !

ପ୍ରଭାବତୀଙ୍କ ନୟନପ୍ରାନ୍ତରୁ ସହସା ଗୋଟାଏ ଅଶ୍ରୁବିନ୍ଦୁ ଗଡ଼ି-ଆସିବାର ଉପକ୍ରମ ହେଲା । ପ୍ରଭାବତୀ ଆଖିଟା ମଳିଦେଇ କହିଲେ—ନା, କିଛି ନାହିଁ ।

କିନ୍ତୁ ସେଥିରେ ବିନୋଦ ରଞ୍ଜନର ମନ ମାନିଲା ନାହିଁ । ସେ କହିଲା—"ହଁ, ବୋଉ ! ନିଶ୍ଚୟ କିଛି ।"

ଏହା କହି ସେ ମାଆର ହାତକୁ ଲକ୍ଷ୍ୟକରି ପଚାରିଲା—"ସେଉଟା କଣ ବୋଉ ?"

ମାଆ କୌଣସି ଜବାବ୍ ଦେଲେ ନାହିଁ । ବିନୋଦ ପୁଷ୍ପମୟୀର ଚିଠି ଖଣ୍ଡିକ ତାଙ୍କ ହାତରୁ ଟାଣି ନେଇ ପଢିବାକୁ ଲାଗିଲା । ସଂକ୍ଷିପ୍ତ ଚିଠିଖଣ୍ଡିକ ପଢ଼ିବାକୁ ତାକୁ ପ୍ରାୟ ଦୁଇମିନିଟ ସମୟ ଲାଗିଲା । ପଢ଼ିସାରି ସେ ଗୋଟାଏ ବିକଟ ହାସ୍ୟକରି କହିଲା—ବୋଉ, ଏଇତ ସବୁ । କିଛି ନା କେମିତି ?

ବୋଉ ଉତ୍ତର ଦେଲେ— ହଁରେ ବାପା, ଦେଖ୍ ଏକାଳର ଗତି !

ଏହା କହି ସେ ଫଁକରି ଗୋଟାଏ ନିଃଶ୍ୱାସ ପକାଇଲେ । ସେ ନିଃଶ୍ୱାସରେ ମିଶିଥିଲା ପ୍ରାଣର ବ୍ୟଥା । ବିନୋଦ ରଞ୍ଜନର ହୃଦୟକୁ

ତା ଭେଦ କରି ତୀକ୍ଷ୍ଣ ଛୁରିକା ଭଳି । ବିନୋଦ କହିଲା—ବୋଉ, ଏଇଥି ପାଇଁ ତୋର ଚିନ୍ତା ନା ? ଏଇ ହିଅ ଖଣ୍ଡିକୁ ନପାଇଲେ ତୋର ଆତ୍ମା ତୃପ୍ତି ହବନାହିଁ ପରା । ଅଚ୍ଛା ସ୍ଥିର ହ । ବିନୋଦ ରଞ୍ଜନ ପ୍ରତିଜ୍ଞା କରୁଛି—ଦିନେ ଏଇ ବାକ୍ୟମୟୀର ଗର୍ବ ଗଞ୍ଜନ କରି ତାକୁ ତୋର ପାଦତଳେ ଆଣି ଲୋଟାଇବ ।

ଏହା କହି ସେ ମାଆର ହାତଧରି କହିଲା—ଆ, ବୋଉ ! ଏଇ ପ୍ରତିଜ୍ଞା ଯଦି ରଖିନପାରେଁ ତେବେ ବିନୋଦ ରଞ୍ଜନ ତୋର ପୁଅ ନୁହେଁ । ଏଇ ମୁହୂର୍ତ୍ତରୁ ସେ କାମଟାର ଭାର ମୁଁ ନିଜ କାନ୍ଧକୁ ନେଲି ।

ବିନୋଦ ରଞ୍ଜନ ମାଆର ହାତଧରି ନେଇ ଚାଲିଲା । ମାଆ ଚକଲଗା କାଠ କୁଣ୍ଢେଇ ପରି ଠେଣାହୋଇ ଚାଲିଲେ । ଆଖିରୁ ଅମାନିଆ ଲୁହ ବୋହିବାକୁ ଲାଗିଲା ।

ମାଆକୁ ନିଜର ପାଠଗୃହକୁ ଆଣି ବିନୋଦ ରଞ୍ଜନ କହିଲା—ଦେଖ୍ ବୋଉ, ଏ ଚିଠିଖଣ୍ଡ ମୁଁ ରଖିଲି । ଯ୍ୟାର ଜବାବ୍ ମୁଁ ଆଜି-ଦେବି । ଆଉ ଏଦିଗରେ ଯାହା ଯାହା କରିବାକୁ ହେବ ତା ମୁଁ କରିବି । ମୋ କାମରେ କେହି ବାଧା ଦେବ ନାହିଁ । ତୋର ମନୋବାଞ୍ଛା ମୁଁ ନିଶ୍ଚୟ ପୂର୍ଣ୍ଣ କରିବି । ଆଜିଠାରୁ ମୁଁ ହେଲି ସ୍ୱାଧୀନ ।

ପ୍ରଭାବତୀ କଥାଗୁଡ଼ାକ ଶୁଣିଲେ । କେତେ ବୁଝିଲେ, କେତେ ନ ବୁଝିଲେ । କିନ୍ତୁ ତାଙ୍କ ପ୍ରାଣ ଭିତରେ ଯେପରି ଟିକିଏ ଆଶ୍ୱାସନାର ପ୍ରଲେପ ବୋଳି ହୋଇଗଲା । ବିନୋଦ ରଞ୍ଜନ ମାଆକୁ କହିଲା—ଯା, ବୋଉ, ତୋ କାମରେ ଯା । ମୁଁ ବି ଆସେ । ନିମନ୍ତ୍ରଣଟା ନରଖିଲେ ତେଣେ ବ୍ରଜବନ୍ଧୁ ରାଗିବ ।

ବ୍ରଜବନ୍ଧୁ ବିନୋଦ ରଞ୍ଜନର ବନ୍ଧୁ । ତାଙ୍କର ଘରେ ଚା' ଭୋଜିର ନିମନ୍ତ୍ରଣ । ବିନୋଦ ସାଇକଲଟି ଧରି ବାହାରିପଡ଼ିଲା ।

ନିମନ୍ତ୍ରଣ ରକ୍ଷା କରି ବିନୋଦ ଘରକୁ ଫେରିଲା ଏବଂ ହଠାତ୍ ଖଣ୍ଡିଏ କାଗଜ ନେଇ ଗୋଟାଏ ଚିଠି ଲେଖି ବସିଲା । ଲେଖିସାରି ସେ ଡାକଘରକୁ ଯାଇ ନିଜେ ତାହା ରେଜେଷ୍ଟ୍ରି କରିଦେଇ ଆସିଲା ।

ଫାଲ୍‌ଗୁନର ଅପରାହ୍ନ । ଡାକ୍ତର ଚୌଧୁରୀଙ୍କ ଅଗଣାର ଅଶୋକ ବୃକ୍ଷଟି ପୁଷ୍ପଭାରରେ ଭାରାକ୍ରାନ୍ତ । ଅପର୍ଯ୍ୟାପ୍ତ ଫୁଲଧର ଡାଳ-କେତୋଟି ତଳକୁ ନଇଁ ଆସିଛି । ପୁଷ୍ପମୟୀ ଗୋଟାଏ ଅଶୋକ ପୁଷ୍ପର ଗୁଚ୍ଛ ତିଆରି କରିବାଲାଗି ସପୁଷ୍ପ ଅଶୋକ ଶାଖା ଭାଙ୍ଗୁଛି । ଅଶୋକ ବୃକ୍ଷର ପୁଷ୍ପସଜ୍ଜା ଦେଖି ସେ ମନେ ମନେ ମୁଗ୍‌ଧ । ଏପରି ସମୟରେ ଡାକ୍ତର ଚୌଧୁରୀଙ୍କୁ ହଠାତ୍ ଘରକୁ ଫେରିବାର ଦେଖାଗଲା । ପିତାଙ୍କୁ ଦେଖି ପୁଷ୍ପମୟୀ ଆଶ୍ଚର୍ଯ୍ୟ ହୋଇ କହିଲା—ବାପା, ଏ ସମୟରେ ଯେ ।

ଚୌଧୁରୀ କହିଲେ—ହଁ ମା, ତାର କାରଣ ଅଛି ।

ଏହା କହି ସେ ପକେଟରୁ ଗୋଟାଏ ରେଜେଷ୍ଟ୍ରୀ ଚିଠି କାଢ଼ି, ପୁଷ୍ପମୟୀର ହାତକୁ ଦେଇ କହିଲେ—ପଢ଼ ।

ପୁଷ୍ପମୟୀ ତା ଏକ ନିଃଶ୍ୱାସରେ ପଢ଼ିସାରି ହି-ହି-ହି ହୋଇ ହସି ଉଠିଲା, କହିଲା—ଏଇ କାରଣ ତ ?

ଡାକ୍ତର ଚୌଧୁରୀ କହିଲେ—"କଥାଟାକୁ ଏତେ ଲଘୁଭାବରେ ନେଲ, ପୁଷ୍ପ ।"

ପୁଷ୍ପମୟୀ ଜବାବ୍ ଦେଲା—ବିଷୟଟାହିଁ ଯେ ଲଘୁ, ବାପା !

ଡାକ୍ତର ଚୌଧୁରୀ—ଲଘୁ ?

ପୁଷ୍ପମୟୀ—ତା ନୁହେଁ ତ ଅଉ କଣ ? ଏଥିରେ ବିଚଳିତ ହେବାର କଣ ଅଛି ?

ଡାକ୍ତର ଚୌଧୁରୀ ବୁଝାଇବାକୁ ଚେଷ୍ଟାକଲେ—ଆରେ, ଏ ଯେ ଗୋଟାଏ "ଅଲ୍‌ଟିମେଟମ୍" (Ultimatum)

ପୁଷ୍ପମୟୀ ଜବାବ୍ ଦେଲା—ନା, ବାପା, ଖାଲି ଗୋଟାଏ ବ୍ଲଫ୍ (bluff) ।

ଡାକ୍ତର ଚୌଧୁରୀ କହିଲେ—ଦେଖିଲୁ, ସେଥିରେ ସେ ଅଛୁ ଗୋଟାଏ "ଅମରଣ ଅନଶନ"ର ଧମକ, ସେଟା ତ ବଡ଼ ବିଷମ କଥା । ଗାନ୍ଧିଜୀ ଠିକ୍ ଏଇ ଅସ୍ତ୍ରଟି ପ୍ରବଳ ବ୍ରିଟିଶ ସରକାର ବିରୁଦ୍ଧରେ ପ୍ରୟୋଗ କରି ତାକୁ ଟଳମଳ କରି ଦେଇଥିଲେ ନା ?

ପୁଷ୍ପମୟୀ ଜବାବ୍ ଦେଲା—ହଉ ବାପା, କିନ୍ତୁ ସମସ୍ତେ ତ ଏ ଦୁନିଆରେ ଗାନ୍ଧି ନୁହନ୍ତି । ପୁଣି ପୁଷ୍ପମୟୀର ସରକାର ଏ ବ୍ଲଫ୍‌ରେ ଟଳମଳ ହେବାର ନୁହେଁ ।

ଡାକ୍ତର ଚୌଧୁରୀ ପଚାରିଲେ—ତାର ମାନେ ?

ପୁଷ୍ପମୟୀ—ତାର ମାନେ,—ଏଇ 'ଅମରଣ ଅନଶନ' କଥାଟା କେବଳ ଗୋଟାଏ ଧମକ ମାତ୍ର । ଏଥିରେ ବାସ୍ତବତାର ଗନ୍ଧ ଲେଶ ନାହିଁ । ସୁତରାଂ, ବାପା, ଏ କ୍ଷେତ୍ରରେ ପୁଷ୍ପମୟୀର ପରାମର୍ଶ ହେଉଛି, "ମାଭୈଃ ।"

କଥାଟା ସ୍ପଷ୍ଟ ଜଣାପଡିଲା ଯେ ଡାକ୍ତର ଚୌଧୁରୀ ଗୋଟାଏ ରେଜେଷ୍ଟ୍ରୀ ଚିଠି ପାଇଛନ୍ତି । ସେ ଚିଠିରେ ଅମରଣ ଅନଶନର ଧମକ ଅଛି ।

ଚିଠିଟା ଲେଖିଥିଲା ବିନୋଦ ରଞ୍ଜନ—ନିବିକମ ବାବୁଙ୍କ ନିକଟକୁ ପୁଷ୍ପମୟୀ ପତ୍ରର ଉତ୍ତର । ଉତ୍ତରରେ ବିନୋଦ ରଞ୍ଜନ ଦୃଢ଼ ଭାଷାରେ କହୁଛି ଯେ ପୁଷ୍ପମୟୀକୁ ସେ ପତ୍ନୀରୂପେ ଚାହେଁ, ତାର ମାତୃଦେବୀ ମଧ୍ୟ ତାକୁ ବଧୂରୂପେ ଚାହାନ୍ତି । ପୁଷ୍ପମୟୀ ଯେ ମାନସିକ ଦୃଢ଼ତାସମ୍ପନ୍ନ ଯୁବକର ପକ୍ଷପାତୀ ଏହା ଜାଣି ସେ ପରମ ପ୍ରୀତିଲାଭ କରିଛି । ସେ ବିଷୟରେ ମଧ୍ୟ ସେ ପୁଷ୍ପମୟୀ ସହିତ

ଏକମତ । ଏପରି ସ୍ଥଳରେ ସେ ପୁଷ୍ପମୟୀକୁ ପତ୍ନୀ ସ୍ୱରୂପ ଲାଭ କରିବାକୁ ଦୃଢ଼ସଂକଳ୍ପ । ଏ ସଂକଳ୍ପ ସିଦ୍ଧିପାଇଁ ଦରକାର ପଡ଼ିଲେ ସେ ଆମରଣ ଅନଶନ କରିବାକୁ ମଧ୍ୟ ପ୍ରସ୍ତୁତ ।

ବିନୋଦ ରଞ୍ଜନ ଶେଷରେ ଲେଖିଛି, ତାର ସେ ପତ୍ର ହସ୍ତଗତ ହେବା ସମୟଠାରୁ ୭୨ ଘଣ୍ଟା ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ସେ ସଙ୍କଳ୍ପ ସିଦ୍ଧି ଦିଗରେ ସକ୍ରିୟ ହେବ । ପତ୍ର ପ୍ରେରଣ ସମୟ ମଧ୍ୟ ତହିଁରେ ଉଲ୍ଲେଖ କରାଯାଇଛି ।

ଡାକ୍ତର ଚୌଧୁରୀ କହିଲେ—ଥରେ ଭାବି ଦେଖ୍ ପୁଷ୍ପ ! କଥାଟା ଯେ ନିତାନ୍ତ ବାଡ଼ିଗଲାଭଳି ପରି ଜଣାଯାଉଛି । ଏତେ ଦୂର ସେଇଟାକୁ ବଢିବାକୁ ଦେବା ଉଚିତ କି ? ଅନ୍ତ ମୋତେ ଏହାର ଗୋଟାଏ ଜବାବ୍ ଦେବାକୁ ହେବ ।

ପୁଷ୍ପମୟୀ ଉତ୍ତର ଦେଲା—ଜବାବର କୌଣସି ଆବଶ୍ୟକତା ମୁଁ ଦେଖୁନାହିଁ ବାପା ! ବ୍ଲଫ୍‌ର କୌଣସି ଉତ୍ତର ନାହିଁ ।

ଚୌଧୁରୀ—ଅଉ ଯଦି ବ୍ଲଫ ନ ହୋଇ ଘଟଣାଟା ନିରାଟ ସତ୍ୟର ଆଶ୍ରୟ ନିଏ ?

ପୁଷ୍ପମୟୀ କହିଲା—ସେଥିପାଇଁ ଭାଳେଣି କାହିଁକି ? ଯେପରି କର୍ମ ସେପରି ଫଳ ଭୋଗିବ । ଯେସନେ କର୍ମ ବାଧ୍ୟତେ ।

ଏଥିରେ ଡାକ୍ତର ଚୌଧୁରୀ ବୋଧହୁଏ ଆଶ୍ୱସ୍ତ ହେଲେ ନାହିଁ । ଅସନ୍ତୋଷ ମଧ୍ୟ ପ୍ରକାଶ କଲେ ନାହିଁ । ଟିକିଏ ସନ୍ଦିଗ୍ଧ ମନରେ ପ୍ରଶ୍ନ କଲେ—ତେବେ କଣ ନିରୁତ୍ତର ରହିବାକୁ କହୁଛୁ, ପୁଷ୍ପ ?

ପୁଷ୍ପମୟୀ—ହଁ ବାପା, ସମ୍ପୂର୍ଣ୍ଣ ନିରୁତ୍ତର ।

ଏହାପରେ ପୁଷ୍ପମୟୀ ନିଜର ନିରୋଳା କୋଠରୀକୁ ଯାଇ ମନକୁ ମନ ବେଦମ୍ ହସିଲା । ବିନୋଦ ରଞ୍ଜନର ଫଟୋ ଖଣ୍ଡି

ପୂର୍ବରୁ ସଯତ୍ନ ସଜ୍ଜିତ ହୋଇ ଟେବୁଲ୍ ଉପରେ ଥିଲା । ଫଟୋନ୍ୟସ୍ତ ମୂର୍ତ୍ତିକୁ ସେ ଏକାଗ୍ର ନୟନରେ ଗୃହିଁଲା । କାହିଁକି କେଜାଣି ତାର ଗାତ୍ର-ଲତାରେ ଅକସ୍ମାତ୍ ପୁଲକ-ପୁଷ୍ପର ସଞ୍ଚାର ହେଲା । ମାତ୍ର ସେ ପୁଣି ହସି ଉଠିଲା । ବୋଧହୁଏ ମନେ ମନେ କହିଲା—"ସ୍ରାଡମଡ ବଫ, ଡାକ୍ତରଗଇଟ ବ୍ଲଫ୍ । ଅନ୍ୟ କିଛି ନୁହେଁ ।"

ବିନୋଦ ରଞ୍ଜନର ହିସାବ ଅନୁଯାୟୀ ୭୨ ଘଣ୍ଟା ଗଡ଼ିଯିବାକୁ ଆଉ ଦଶମିନିଟ୍ ବାକି । ଚୌଧୁରୀ ମହାଶୟ ବୁଇଦିନ ହେଲା ଶଠି ପାଇଲେଣି, ତୃତୀୟ ଦିନ ଗୃଲିଛି । ଚୌଧୁରୀ ବସି ଗୋଟାଏ ମେଡ଼ିକଲ ମ୍ୟାଗାଜିନ୍ ପଢ଼ୁଛନ୍ତି । ପୁଷ୍ପମୟୀ ନିଜ କୋଠରୀରେ ବସି ନିଜର ଖଣ୍ଡେ ବ୍ଲାଉସ ମରାମତ୍ କରୁଛି । ଏହି ସମୟରେ ଘରର ଗୃକର ଆସି ଡାକ୍ତରବାବୁଙ୍କ ହାତରେ ଖଣ୍ଡିଏ କାଗଜ ଦେଇ କହିଲା—ଜଣେ ଅପରିଚିତ ଭଦ୍ରଲୋକ ଏହି କାଗଜ ଖଣ୍ଡି ଦେଲେ, ଆଉ "ଡାକ୍ତରବାବୁଙ୍କୁ ଦେଖାଅ" ବୋଲି କହିଲେ ।

କାଗଜରେ ଲେଖାଥିଲା—"୭୨ ଘଣ୍ଟା ଅତିକ୍ରାନ୍ତ ହୁଅନ୍ତେ ବିନୋଦ ରଞ୍ଜନ ଏହି ମୁହୂର୍ତ୍ତରୁ ଆପଣଙ୍କ ଦ୍ୱାର ସମ୍ମୁଖରେ ଅନଶନ ଆରମ୍ଭ କଲା ।"

ଲେଖାଖଣ୍ଡି ପଢ଼ି ଡାକ୍ତର ଚୌଧୁରୀ ଚମକି ଉଠିଲେ । ଧଡ଼ପଡ଼ ସେ ଆସନରୁ ଉଠି ପୁଣି ଧଡ଼ପଡ଼ ବସିପଡ଼ିଲେ । ବଡ଼ ବିଚଳିତ ଅବସ୍ଥା । ଗୃକର ରମାନାଥ ମଧ୍ୟ ତା ଲକ୍ଷ୍ୟକରି ବିଚଳିତ ହୋଇ-ଉଠିଲା । ମାତ୍ର ନିଜକୁ ସମ୍ଭାଳି ନେଇ ଅବାକ୍‌ଦୃଷ୍ଟିରେ ଦଣ୍ଡାୟମାନ ହୋଇରହିଲା ।

ଡାକ୍ତର ଚୌଧୁରୀ ଟିକିଏ ପ୍ରକୃତିସ୍ଥ ହୋଇ ପଗ୍ଭରିଲେ—ରମାନାଥ, ସେ ଭଦ୍ରଲୋକଟି କଣ କରୁଛନ୍ତି ?

ରମାନାଥ କହିଲା—ଭଦ୍ରଲୋକ ଏଣେ ତେଣେ ଚାହିଁ କଣ ଦେଖୁଥିଲେ, ଏହିପରି ସମୟରେ ମୁଁ କାଗଜ ନେଇ ଭିତରକୁ ଆସିଲି ।

ଡାକ୍ତର ଚୌଧୁରୀ ପଚାରିଲେ—ସାଙ୍ଗରେ ଆଉ କିଏ ?

ରମାନାଥ—ସାଙ୍ଗସାଥୀ କେହି ନ ଥିଲାପରି ତ ଜଣାଗଲା । ତେବେ ମୁଁ ଯାଇ ଭଲକରି ଦେଖିଆସେ ?

ଡାକ୍ତର ଚୌଧୁରୀ ବିଚଳିତ ଭାବରେ କହିଲେ—ନା, ନା, ରହ ।

ଏହା କହି ସେ ଦ୍ରୁତ ପଦକ୍ଷେପରେ କନ୍ୟା ପୁଷ୍ପମୟୀର କୋଠରୀରେ ଯାଇ ଉପସ୍ଥିତ ହେଲେ । କହିଲେ—ଗୋଟାଏ "କ୍ରାଇସିସ୍" ଘଟିଗଲାଣି ପୁଷ୍ପ ! ଏବେ ଉପାୟ କଣ ?

ଏହା କହି ସେ କାଗଜଖଣ୍ଡ ପୁଷ୍ପମୟୀଆଡ଼କୁ ଫୋପାଡ଼ି-ଦେଲେ ।

ପିତାଙ୍କ ମୁଖରେ ଆଜି ବିରକ୍ତିର ଭାବ । ପୁଷ୍ପମୟୀର ଏହା ବୋଧହୁଏ ପ୍ରଥମ ଅନୁଭୂତି । ମାତୃହୀନା ପୁଷ୍ପ ମାତାର ଅକାଳ-ବିୟୋଗଠାରୁ ପିତାର ଅଖଣ୍ଡ ସ୍ନେହରେ ପରିପାଳିତା—ଅନନ୍ତ ଆଦରରେ ଲାଳିତା । ମୁହୂର୍ତ୍ତକପାଇଁ ହେଲେ ଜୀବନରେ ପିତାର ବିରକ୍ତି ସେ ଲକ୍ଷ୍ୟ କରିନାହିଁ । ଆଜି ସେହି ପିତୃମୁଖରେ ବିରକ୍ତିର ସ୍ପଷ୍ଟ ସୂଚନା ଦେଖି ଟିକିଏ ଭିତରେ ଭିତରେ ମୁହ୍ୟମାନା ହେଲା । କାଗଜ ଖଣ୍ଡିକ ଉଠେଇ ନେଇ ସେ ପଢ଼ିଲା । ତାପରେ ମୃଦୁହାସ୍ୟ କରି ଡାକିଲା—ବାପା ?

ଡାକ୍ତର ଚୌଧୁରୀ ଅନ୍ୟମନସ୍କଭାବରେ ଜବାବ୍ ଦେଲେ—ହଁ ।

ଆଦରିଣୀ କନ୍ୟା ପିତାର ବକ୍ଷ ଉପରକୁ ଆଉଜି ପଡ଼ି କହିଲା—ଚିଡ଼ୁଛ !

ଡାକ୍ତର ଚୌଧୁରୀଙ୍କ ଅନ୍ୟମନସ୍କତା ମିଳେଇଗଲା । ସତକୁ ସତ ତାଙ୍କୁ ଯେ ଶଡ଼୍ ମାଡ଼ୁଛି ଏଠା ବଡ଼ ଅସ୍ୱାଭାବିକ କଥା । ପୂର୍ବରୁ କେବେତ ଏପରି ଘଟିନାହିଁ । ପୁଷ୍ପମୟୀ ଅନେକ ସମୟରେ ଅନେକ ଅଝଟ କରିଛି, ସହସ୍ରବାର ସହସ୍ର କଥାରେ ନିଜର ସ୍ୱାଧୀନ ମତ ସଫଳତାର ସହିତ ପ୍ରତିଷ୍ଠିତ କରିବାକୁ ଯାଇଛି । କିନ୍ତୁ ପିତା ମନରେ କେବେ ହେଲେ ବ୍ୟଥାଜାତ ହୋଇନାହିଁ । ବରଂ ସ୍ନେହର ସମୁଜ୍ଜ୍ୱଳ ଜ୍ୟୋତ୍ସ୍ନା ଅଧିକ ଉଜ୍ଜ୍ୱଳ ଦୀପ୍ତିରେ ହସି ଉଠିଛି, ମମତାର ସ୍ରୋତ ଅଧିକ ପ୍ରବଳ ହୋଇଉଠିଛି । କିନ୍ତୁ ଆଜି ଏ ଢଙ୍ଗ ତାଙ୍କର ବିଚିତ୍ର । ଡାକ୍ତର ଚୌଧୁରୀ ନିଜର ଏ ଅସ୍ୱାଭାବିକ ଆଚରଣରେ ବିସ୍ମିତ ହୋଇଉଠିଲେ । ପୁଷ୍ପମୟୀ ପୁଣି କହିବାକୁ ଆରମ୍ଭକଲା—ବାପା, ବିରକ୍ତ ହୁଅନାହିଁ । ମୋ ରାଣ, ବିରକ୍ତ ହୁଅ ନାହିଁ । ଟିକିଏ ସମ୍ଭାଳିଯାଅ ।

ଚୌଧୁରୀ କ୍ଷୁଣ୍ଣ କଣ୍ଠରେ କହିଲେ—ନା ମା, ସେ କଥା ନୁହେଁ । ତେବେ, ଗୋଟାଏ ଅଭୁତ ପରିସ୍ଥିତି ମୁଣ୍ଡ ଟେକି ଉଠୁଛି ନା! ଲୋକେ ଜାଣିଲେ କଣ କହିବେ ! ବଡ଼ କଳଙ୍କର କଥା ହେବ ମା !

ପୁଷ୍ପମୟୀ ନୀରବ ରହି ଟିକିଏ ଭାବିଲା, ପରମୁହୂର୍ତ୍ତରେ କହିବାକୁ ଆରମ୍ଭକଲା—ଅଚ୍ଛା ବାପା, ଥରେ ନିବର୍ତ୍ତେଇବାକୁ ଚେଷ୍ଟାକର, ସେଥିରେ ବା ଯିବ କଣ ?

ଚୌଧୁରୀଏ ସନ୍ଦିଗ୍ଧ ସ୍ୱରରେ ପଚାରିଲେ—କଣ କହି ନିବର୍ତ୍ତେଇବି ମା ?

ପୁଷ୍ପମୟୀ—କୁହ ବାପା—କନ୍ୟାର ଅନିଚ୍ଛାସତ୍ତ୍ୱେ ବିବାହ କଲେ ଜୀବନରେ ସୁଖୀ ହୋଇପାରିବ କି ?

ଡାକ୍ତର ଚୌଧୁରୀ—କିନ୍ତୁ ଯୁବକ ଯଦି ସେ ଯୁକ୍ତି ଗ୍ରହଣ କରିବାକୁ ରାଜି ନ ହୁଏ ?

ପୁଷ୍ପମୟୀ—ନାରାଜ ହେବାର ତ କୌଣସି ଯୁକ୍ତିଯୁକ୍ତ କାରଣ ଦେଖୁନାହିଁ ବାପା ! ତା ଛଡ଼ା ତୁମର ଏହି ଆଶଙ୍କା ଯେ ଅମୂଳକ ନୁହେଁ, ତା କିଏ କହିବ ?

ଚୌଧୁରୀ ଜବାବ୍ ଦେଲେ—ନା ମା, ଯେଉଁ ଲୋକ ଏତେ ବଡ଼ ଦୃଢ଼ସଂକଳ୍ପ ନେଇ ଏତେ ଦୂର ଆଗେଇ ଆସିଛି, ସେ କଣ ଏଇ କଥାରେ ହଟିଯିବ ?

ପୁଷ୍ପମୟୀ ଉତ୍ତରରେ କହିଲା—କିନ୍ତୁ ସଂକଳ୍ପଟାକୁ ଯେତେ ଦୃଢ଼ ବୋଲି ଭାବୁଛ ବାପା, ତା କଦାପି ସେତେ ଦୃଢ଼ ନୁହେଁ । ସେଟା ପ୍ରକାଣ୍ଡ ଛଳନା ।

ଯାହାହେଉ, ଡାକ୍ତର ଚୌଧୁରୀ ବହୁତ ଭାବି ଚିନ୍ତି ଗୁରୁକର ହାତରେ ବିନୋଦରଞ୍ଜନକୁ ଭିତରକୁ ଡକାଇ ପଠାଇଲେ । ଗୁରୁକର ଯାଇ ପ୍ରଭୁଙ୍କର ଇଚ୍ଛା ବ୍ୟକ୍ତ କଲା । କିନ୍ତୁ ବିନୋଦ ଭିତରକୁ ଆସିବାକୁ ଆଦୌ ମଙ୍ଗିଲା ନାହିଁ । ସେ ଜବାବ୍ ଦେଲା ଭିତରେ ତାର କିଛି କରିବାର ନାହିଁ । ସେ ଅନଶନ କରିବାକୁ ଆସିଛି,ଅନଶନ ହିଁ କରିବ, ଦ୍ୱାରମୁଖରେ ବସି ଅନଶନ କରିବା ତାର ସଂକଳ୍ପ । ଯେଉଁ କାରଣରୁ ସେ ଅନଶନ ବ୍ରତ ଗ୍ରହଣ କରିଛି ତାହା ପୂରଣ ହେବା-ଯାଏଁ ସେଥିରୁ ସେ ବିରତ ହେବନାହିଁ, ସେଥିପାଇଁ ସେ ପ୍ରାଣପାତ କରିବାକୁ ପ୍ରସ୍ତୁତ ।

ଏହା ଶୁଣି ଡାକ୍ତର ଚୌଧୁରୀ ବଡ଼ ବିବ୍ରତ ହୋଇ ପଡ଼ିଲେ । ପୁଷ୍ପମୟୀ କହିଲା—ବାପା ଧୈର୍ଯ୍ୟଧର, କଥାଟା ମୋ ଉପରେ ଛାଡ଼ିଦିଅ । ତୁମକୁ ବିଶେଷ କିଛି କରିବାକୁ ହେବନାହିଁ । ଯାହା ଉପାୟ କରି-ବାର ମୁଁ କରୁଛି ।

ତଥାପି ଚୌଧୁରୀ ଶଙ୍କିତ ହୋଇଉଠିଲେ । ପୁଷ୍ପମୟୀ କି ଉପାୟ କରିବ । ଶେଷରେ ଯଦି ଗୋଟାଏ ତୁମୁଳ କାଣ୍ଡ ଭିଆଇ ବସେ, ତା

ହେଲେ ସର୍ବନାଶ । ସେ ବ୍ୟସ୍ତହୋଇ କହିଲେ—ନା ପୁଷ୍ପ, ନା-ନା । ସେ ସବୁ ଉପାୟ ଫୁପାୟର କଳ୍ପନା ବଡ଼ ମାରାତ୍ମକ । ତା ପୂର୍ବରୁ ମୋର ଏ ସ୍ଥାନ ଛାଡ଼ି ସୁଦୂର ହିମାଳୟ ଜଙ୍ଗଲରେ ଯାଇ ବାନପ୍ରସ୍ଥ କରିବା ବରଂ ଢେର ଭଲ । ତାହାହିଁ ମୋତେ କରିବାକୁ ହେବ ।

ପୁଷ୍ପମୟୀ ପିତାର କଥା ଶୁଣି ହସିଲା । କହିଲା—ବାପା, ଏତେଦୂରର ବିଚଳିତ ହୁଅ ନାହିଁ । ମୋର କଅଣ ଏତେ ଟିକିଏ ବୁଦ୍ଧି ଅଛିଲ ନାହିଁ ? ତମର ସମ୍ମାନ ଉପରେ ଆଞ୍ଚ ଅସିବା ଭଳି ମୁଁ କଣ କୌଣସି କାର୍ଯ୍ୟ କରିବାକୁ ଯିବି ? ମୋତେ ଗୋଟିଏ ଦିନ ମାତ୍ର ସମୟ ଦିଅ । ମୋର ବିଶ୍ୱାସ , ମୁଁ ଏହାର ସମାଧାନ କରିପାରିବି ।

ପିତା ପୁନର୍ବାର କନ୍ୟା ନିକଟରେ ଆତ୍ମସମର୍ପଣ କଲେ ।

ବିନୋଦରଞ୍ଜନର ଅନଶନ ବ୍ରତ ଯଥାମତ ଆରମ୍ଭ ହୋଇ ଆଗେଇବାକୁ ଲାଗିଲା । ବିନୋଦ ସାଙ୍ଗରେ ଆଣିଥିଲା ଅତି ଅଳ୍ପ, ଜିନିସ । ସାମାନ୍ୟ କେତେ ଖଣ୍ଡ ଲୁଗା ଓ ଜାମା, ଖଣ୍ଡିଏ ଛୋଟ ସତରଞ୍ଜି ଏବଂ ଗୋଟିଏ ଥାଳ । ତା ଛଡ଼ା ସମୟ କ୍ଷେପଣ ପାଇଁ ସେ ଆଣିଥିଲା କେତେ ଖଣ୍ଡି ପୁସ୍ତକ । ଏତିକି ଉପକରଣ ନେଇ ସେ ଅ-ନ-ଶ-ନ ସତ୍ୟାଗ୍ରହ ଆରମ୍ଭ କରିଦେଇଥିଲା ।

ପ୍ରାୟ ଗୋଟାଏ ବେଳ ବିତିଗଲା । ସୂର୍ଯ୍ୟଦେବତା ଆକାଶମାର୍ଗର ପ୍ରାୟ ଅର୍ଦ୍ଧେକ ଅତିକ୍ରମ କରିବାକୁ ଉପକ୍ରମ କଲେ । ଚୌଧୁରୀଙ୍କ ଦ୍ୱାର ସାମନାରେ ଅଳ୍ପ ଟିକିଏ ଦୂରରେ ଗୋଟିଏ ପତ୍ର-ବହୁଳ ବକୁଳ ବୃକ୍ଷ । ବିନୋଦରଞ୍ଜନ ବାଛି ନେଇଥିଲା ସେହି ଛାୟାଶୀତଳ ବୃକ୍ଷତଳ । ସେଇଠାରେ ସେ ପାରି ଦେଇଥିଲା ତାର ଶତରଞ୍ଜି ଖଣ୍ଡି । ବକୁଳ ବୃକ୍ଷର ଆଦରପୂର୍ଣ୍ଣ ଆତିଥ୍ୟ ଲାଭକରି ତାହାର ପତ୍ରବହୁଅ ତଳେ ସେ ଆରମ୍ଭ କରିଦେଇଥିଲା ତାର ପ୍ରାଣମୂର୍ଚ୍ଛା ସାଧନା ।

ପ୍ରାୟ ଗୋଟାଏ ବାଜିବାକୁ ଯାଉଛି, ଏହିପରି ସମୟରେ ଗୃହକର୍ତ୍ତା ରମାନାଥ ଆସି ସମ୍ମୁଖରେ ଠିଆହୋଇ ଡାକିଲା—ବାବୁ !

ଚକ୍ଷୁ ଉତ୍ତୋଳନ କରି ଚାହିଁଲା ବିନୋଦରଞ୍ଜନ ।

ରମାନାଥ ଆଣିଥିଲା—ହାତ ଲେଖା ଖଣ୍ଡିଏ ସ୍ଲିପ୍ । ତା' ସେ ବିନୋଦରଞ୍ଜନ ଆଗରେ ଥୋଇଦେଇ କହିଲା—"ଦେଇ ଦେଇଛନ୍ତି ।"

'କିଏ ଏ ଦେଇ ?'—ବୋଲି କହି ବିନୋଦରଞ୍ଜନ ଲେଖାଖଣ୍ଡି ପଢିଲା । ସେଥିରେ ଲେଖାଥିଲା—"ନିତାନ୍ତ କଣ ଆପଣଙ୍କ ଇଚ୍ଛା ଯେ ପୋଲିସ ଏ ବ୍ୟାପାରରେ ହସ୍ତକ୍ଷେପ କରୁ ?"

ଲେଖା ବଡ଼ ସଂକ୍ଷିପ୍ତ । ତଳେ ଦସ୍ତଖତ—ପୁଷ୍ପମୟୀ ।

ବିନୋଦରଞ୍ଜନ ତାହା ପଢ଼ି ଚିକିଚିକି କରି ଚିରି ଫୋପାଡ଼ି ଦେଲା ଏବଂ ରମାନାଥ ଆଡ଼କୁ ଭ୍ରୂକୁଟି କୁଟିଳ ତୀବ୍ର ଦୃଷ୍ଟିରେ ଚାହିଁଲା ।

ରମାନାଥ ସେ ଭ୍ରୂକୁଟିର ତାତ୍ପର୍ଯ୍ୟ ବୁଝି ଧୀରେ ଧୀରେ ଅପସରି ଯିବା ଉଚିତ ମନେକଲା ।

ଯଥା ସମୟରେ ପୁଷ୍ପମୟୀ ବିନୋଦରଞ୍ଜନର ପ୍ରତିକ୍ରିୟା କଥା ଶୁଣିଲା ଏବଂ ମନେ ମନେ ହସିଲା ।

ସୂର୍ଯ୍ୟଦେବ ଅସ୍ତାଚଳ ଚୂଡ଼ାବଲମ୍ବୀ ହେଲେ, କ୍ରମେ ସନ୍ଧ୍ୟା ଯାଇ ରାତି ହେଲା । ବେଳକୁବେଳ ରାତି ବଢ଼ି ଚାଲିଲା, ଅବଶେଷରେ ଡାକ୍ତର ଚୌଧୁରୀଙ୍କ ଅଫିସ ଘର କାନ୍ଥ ଘଡ଼ିରେ ଟଂ ଟଂ କରି ବାଜି-ଉଠିଲା, ଏଗାରଟା ।

ରାତି ଏଗାରଟା । ବକୁଳବୃକ୍ଷ ତଳେ ନଟଣ୍ୟ ଶଯ୍ୟାଖଣ୍ଡିକ ପାରିଦେଇ ଶୋଇରହିଛି ଉପବାସୀ ବିନୋଦରଞ୍ଜନ, ଆଉ ଚନ୍ଦ୍ରଦେବ ଆକାଶରେ ରହି ହସି ହସି ଦେଖୁଛନ୍ତି—ସତ୍ୟାଗ୍ରହୀ ଯୁବକର ତପସ୍ୟା ।

କିଛି କ୍ଷଣ ପରେ ରମାନାଥ ଆସି ଡାକିଲା—ବାବୁ ?

ବିନୋଦରଞ୍ଜନ ଦ୍ୱିତୀୟ ବାର ଭ୍ରୂକୁଟି-କୁଟିଳ ମୁଖରେ ଚାହିଁଲା ରମାନାଥ ଆଡ଼କୁ । ରମାନାଥ ବିନୀତ କଣ୍ଠରେ କହିଲା—ଆଜ୍ଞା, ଦେଖି ଡାକୁଛନ୍ତି, ଠା କରିବେ ।”

ବିନୋଦରଞ୍ଜନ ବିରକ୍ତ ହୋଇ ଜବାବ୍ ଦେଲା—“ଯା—ଯା ।”

ରମାନାଥ ଫେରିଗଲା ।

ଡାକ୍ତର ଚୌଧୁରୀଙ୍କ ଘରେ ରମାନାଥ କେବଳ ଚାକର ନୁହେଁ, ସୁପକାର ମଧ୍ୟ । ପନ୍ଦର ବର୍ଷକାଳ ସେ ଏହି ଘରେ ରହି ପ୍ରଭୁ ଓ ପ୍ରଭୁକନ୍ୟାର ସେବାରେ ଆତ୍ମନିୟୋଗ କରି ଆସିଛି । ଘରର ସମସ୍ତ ଭାର ଏକପ୍ରକାର ତାହାରି ଉପରେ । ରମାନାଥ ଅତି ନିଷ୍କପଟ, ଅତି ସରଳ ଲୋକ । ଚୌଧୁରୀଏ ତାକୁ ନିତାନ୍ତ ଆତ୍ମୀୟ ଭଳି ମନେ କରନ୍ତି । ସ୍ୱପ୍ନମୟୀ ତାକୁ ଅତି ସ୍ନେହଚକ୍ଷୁରେ ଦେଖେ । ଡାକେ ରମାଭାଇ ।

ଫେରି ଆସିବା ସମୟରେ ରମାନାଥ ପଡ଼ିଗଲା ଚୌଧୁରୀଙ୍କ ହାତୁଡ଼ରେ । ଚୌଧୁରୀଏ ଅସ୍ୱାଭାବିକ ଗଳାରେ ଡାକିଲେ ରମାନାଥ, ଟିକିଏ ଏ ଆଡ଼େ ଆସିଲୁ । ରମାନାଥ ପ୍ରଭୁର ଅନୁଗାମୀ ହୋଇଚାଲିଲା ତାଙ୍କର ସ୍ୱତନ୍ତ୍ର ଶୟନ କକ୍ଷକୁ ।

ଚୌଧୁରୀଏ କହିଲେ—ଏ ସବୁ କ କାଣ୍ଡରେ ରମାନାଥ ? ତୋତେ ଏ ସବୁ ଭଲ ଲାଗୁଛି ?

ରମାନାଥ ଉତ୍ତର ଦେଲା—ଜମାରୁ ନା, ସାଆନ୍ତେ ? ତେବେ ଦେଈଙ୍କର କଥା ତ ଏହିପରି ।

ଚୌଧୁରୀ ନିମ୍ନ କଣ୍ଠରେ ସୂଚନା ଦେଲେ—ତେବେ ତୋର ଦେଈକୁ କହିଦେ—ମୁଁ ଆଜି ଖୋର୍ଦ୍ଧା ଯିବି ଏଇ ରାତି ଦଶଟା ଏକ୍ସପ୍ରେସରେ ।

ରମାନାଥ କହିଲା—ତା ହେଲେ ଠା ଯୋଗାଡ଼ ?

ଚୌଧୁରୀଏ ଜବାବ୍ ଦେଲେ—ନା, ନା, ଠା ଫା ଯୋଗାଡ଼ର ଦରକାର ନାହିଁ । କପେ ଚା କୌଣସି ଷ୍ଟେସନରେ ଖାଇ ଦେଲେ ଚଳିବ ।

ଏହା କହି ସେ ରମାନାଥକୁ ବିଦାୟ ଦେଇ ଅତି ଭାରାକ୍ରାନ୍ତ-ମନରେ ଆରାମ ଚୌକି ଉପରେ ଢଳି ପଡ଼ି ଚିନ୍ତାମଗ୍ନ ହେଲେ ।

ପୁଷ୍ପମୟୀ ରମାନାଥ ମୁଖରୁ ସମସ୍ତ କଥା ଶୁଣିଲା—ବିନୋଦ-ରଞ୍ଜନର ବିରକ୍ତିପୂର୍ଣ୍ଣ ଦୃଢ଼ତାର କଥା, ପୁଣି ପିତାଙ୍କର ଅଭିଳାଷ କଥା । ବଡ଼ ଆମୋଦଜନକ ସେ ଅଭିଳାଷ । ପୁଷ୍ପମୟୀ ଅନୁମାନ କରିବାକୁ ଚେଷ୍ଟାକଲା ପିତାଙ୍କର ଯାତ୍ରା ଖୋର୍ଦ୍ଧାର ଠିକ୍ କେଉଁ ଅଞ୍ଚଳକୁ । ଉଦ୍ଦେଶ୍ୟ କଣ ? ପୁଷ୍ପମୟୀ ଯାବତୀୟ ଉଦ୍ଦେଶ୍ୟର କଳ୍ପନା କରିଗଲା । ତା ଭିତରୁ କେଉଁଟା ଠିକ୍, କେଉଁଟା ବେଠିକ୍ ତା ସ୍ଥିର କରିବା ଅସାଧ୍ୟ । ମନେ ମନେ ସେ ବଡ଼ କୌତୁକ ଅନୁଭବ କରି ପ୍ରଥମେ ପୁଲକିତ ହୋଇ ଉଠିଲା । ପର ମୁହୂର୍ତ୍ତରେ ତାର ଶଙ୍କା ଜାତ ହେଲା । ବାପା କି କାଣ୍ଡ କରିବସିବେ କେ ଜାଣି ? ନା, ନା, ତାଙ୍କୁ ସେଥିରୁ ନିବର୍ତ୍ତାଇବାକୁ ହେବ । ଏହା ଭାବି ସେ ଧଡ଼ପଡ଼ି ଉଠିଲା, ସିଧା ଚାଲିଲା ଚୌଧୁରୀଙ୍କ ଶୟନ କକ୍ଷକୁ । ଆରାମଚୌକି ଉପରେ ଧ୍ୟାନମଗ୍ନ ଚୌଧୁରୀଙ୍କର ହଠାତ୍ ଧ୍ୟାନଭଙ୍ଗ କରି ସ୍ମିତ ସୁନ୍ଦର ମୁଖରେ ପୁଷ୍ପମୟୀ ପଚାରିଲା—ବାପା, ଖୋର୍ଦ୍ଧା ଯାଉଛ ନା ? ତେବେ ଏକୁଟିଆ ଯିବା ଅପେକ୍ଷା ପୁଷ୍ପମୟୀକୁ ସହଯାତ୍ରୀ କରି ନେଲେ ଉତ୍ତମ ହୁଅନ୍ତା ନାହିଁ ?

ଚୌଧୁରୀ ଚମକି ଉଠିଲେ, କହିଲେ—ନା ନା ନା ପୁଷ୍ପ । ସେପରି କଥା ମୁଁ ଶୁଣିବାକୁ ଚାହେଁନା ।

"ଶୁଣିବାକୁ ନ ଚାହିଁଲେ ବି ପୁଷ୍ପମୟୀ ଶୁଣାଇବ ନିଶ୍ଚୟ"—ଜବାବ୍ ଦେଲା ପୁଷ୍ପ ।

ଡାକ୍ତର ଚୌଧୁରୀ ବିରକ୍ତ ହୋଇ କହିଲେ—ତାହେଲେ ବଡ଼ ମୁସ୍କିଲ୍‌ତ !

"ଆଦୌ ମୁସ୍କିଲ ନୁହେଁ ବାପା !" କହି ପୁଷ୍ପମୟୀ ଅତି ସ୍ନେହରେ ଅଗ୍ରସରହୋଇ ଆଗରେ ଅଣ୍ଟୋଇ ପଡ଼ି ପିତାର ଜାନୁ ଦୁଇଟି ଉପରେ ଆଉଜିଗଲା । ତାପରେ ଅତି କୋମଳ କଣ୍ଠରେ ଡାକିଲା—ବାପା !

ଚୌଧୁରୀଏ କନ୍ୟାର ମୁଖକୁ ନୀରବରେ ଚାହିଁ ରହିଲେ ।

ପୁଷ୍ପମୟୀ କହିଲା—ବାପା, ଆଜି ରାତିଟା ମାତ୍ର ଅପେକ୍ଷାକର । କାଲି ଦିନ ବାରଟା ଗାଡ଼ିରେ ନିଶ୍ଚୟ ଯୋଉଁଠି ଯିବେ, ମୁଁ ଆଦୌ ବାଧା ଦେବିନାହିଁ ।

ଚୌଧୁରୀଏ ତାଙ୍କୁ ଏକପ୍ରକାର ନିରୁପାୟ ମନେ କରି ଯାତ୍ରା ବନ୍ଦ କଲେ ।

ଅନଶନବ୍ରତୀ ବିନୋଦରଞ୍ଜନ ବକୁଳବୃକ୍ଷଟିର ମୂଳକୁ ଆଶ୍ରାକରି ଅନଶନରେ ଶୋଇରହିଲା ।

ରାତି ପାହିଲା, ଦିନ ହେଲା । ସକାଳ ଯାଇ ପୂର୍ବାହ୍ନ ପଶିଲା । ପୁଷ୍ପମୟୀର ଶୟନକକ୍ଷ ତଥାପି ବନ୍ଦ ଥିବାର ଦେଖାଗଲା । ରମାନାଥ ଆସି ଦ୍ୱାରପାଖରେ ଡାକିଲା—"ଦେଈ !" ଭିତରୁ ସଂକ୍ଷିପ୍ତ ଜବାବ ଆସିଲା—"ଜୀ" । ରମାନାଥ ପଚାରିଲା—"କବାଟ ଖୋଲିବ ନାହିଁ, ଦେଈ !"

ଉତ୍ତର—"ନା ।"

ରମାନାଥ ଅବାକ୍ ହୋଇଗଲା । କିଛି ବୁଝି ପାରିଲା ନାହିଁ ।

ଆହୁରି ଘଣ୍ଟାଏ ଗଲା । ତଥାପି ଦ୍ୱାର ନଖୋଲିବାର ଦେଖି ରମାନାଥ ଯାଇ ଅତି ସଂଗୋପନରେ ଡାକ୍ତର ବାବୁଙ୍କୁ ଜଣାଇଲା ।

ଚୌଧୁରୀଏ ଅତଙ୍କିତ ହୋଇଉଠିଲେ । କ୍ଷିପ୍ରଗତିରେ ସେ ଆସି ଭୟ ବିଜଡ଼ିତ କଣ୍ଠରେ ଡାକିଲେ—ପୁଷ୍ପ !

ପୁଷ୍ପ ଜବାବ୍ ଦେଲା—ହଁ, ବାପା ।

ଚୌଧୁରୀଏ ଆଶ୍ୱସ୍ତ ହେଲେ । ପଚାରିଲେ—ଦ୍ୱାର ଖୋଲୁ ନାହିଁ ?

ପୁଷ୍ପ ଉତ୍ତର ଦେଲା—ଏଇ ଖୋଲୁଛି ବାପା ।

କ୍ଷଣକ ପରେ ଦ୍ୱାର ଖୋଲା ହେଲା । ପୁଷ୍ପମୟୀ ବାହାରିଲା ।

ଆଃ, କି କମନୀୟ ମୂର୍ତ୍ତି । ଆଗ ଯୁଗର ରାଜକନ୍ୟାଏ ଯେଉଁଭଳି ସୁନ୍ଦର ଶୋଭନୀୟ ବେଶଧରି ସ୍ୱୟମ୍ବରସଭାକୁ ବାହାରି ହେଉଥିଲେ, ଏବେ ଅବିକଳ ସେହି ମୂର୍ତ୍ତି ! ପରିଧାନରେ ମନୋହର ଖଣ୍ଡିଏ ପାଟ ଶାଢ଼ୀ । ଅଙ୍ଗେ ଅଙ୍ଗେ ମଣିରତ୍ନର ଅଳଙ୍କାର—ଜକ୍ ଜକ୍, ଝକ୍ ଝକ୍ । ଲଲାଟରେ ଚନ୍ଦନ କସ୍ତୁରୀର ଅଭିନବ ଚିତ୍ରାଙ୍କ, ପାଦରେ ଅପୂର୍ବ ଲାକ୍ଷାବିନ୍ୟାସ, ହସ୍ତରେ ଯୁବଜନକାଂକ୍ଷିତ ବରଣମାଳା ।

ଅତି ପ୍ରତ୍ୟୁଷରୁ ଉଠି ନିତ୍ୟକର୍ମ ଶେଷକରି ଅନ୍ୟନେତ୍ରର ଅଗୋଚରରେ ବସି ନିଜର ଲାବଣ୍ୟମୟ ମୂର୍ତ୍ତିକୁ ଅପୂର୍ବ ଭଙ୍ଗୀରେ ସଜେଇ ରଖିଛି ପୁଷ୍ପମୟୀ ।

କନ୍ୟାର ସେ ଅଭିନବ ବେଶବିନ୍ୟାସ ଦେଖି ଆନନ୍ଦରେ ଉଚ୍ଛୁଳି ଉଠିଲା କନ୍ୟାପିତାର ହୃଦୟ । ପୁଷ୍ପମୟୀ କହିଲା—ଚାଲ ବାପା ।

ଶୀତଳ ବକୁଳଛାୟାରେ ଧ୍ୟାନଗମ୍ଭୀର ମୂର୍ତ୍ତିରେ ବସିରହିଥିଲା ଅନନ୍ୟସାଧାରଣ ଯୋଗୀ ବିନୋଦରଞ୍ଜନ । ପୁଷ୍ପମୟୀ ହସ୍ତରୁ ବରଣମାଳାଟି ଆସି ଅଚମ୍ବିତରେ ପଡ଼ିଗଲା ତାର ଗଳାରେ । ଚମକି ଉଠିଲା—ତପସ୍ୟାରତ ଯୁବକ ।

ଏତିକିବେଳେ ସଦ୍ୟ ରେଲଷ୍ଟେସନରୁ ରିକ୍‌ସା ଚଢ଼ି, ଘର ଖୋଜି, ଅକସ୍ମାତ୍‌ ଆସି ଉପସ୍ଥିତ ହେଲେ ସପତ୍ନୀକ ଦୋପଟି ନିର୍ବିକମ ରାୟ । "ହାଲୋ, ଗୁଡ଼ମର୍ଣ୍ଣିଂ" ବୋଲି କହି ସେ ପୁରାତନ-ବନ୍ଧୁ ଡାକ୍ତର ଚୌଧୁରୀଙ୍କୁ କୁଣ୍ଢାଇ ପକାଇଲେ । ଚୌଧୁରୀଏ ଏକା-ବେଳକେ ଅତ୍ମହରା । ଏ ଅଭାବନୀୟ ପରିସ୍ଥିତିରେ ସେ କ'ଣ କହି ବନ୍ଧୁର ସମ୍ବର୍ଦ୍ଧନା କରିବେ, ତାଠିକ୍ କରିପାରିଲେ ନାହିଁ । କେବଳ ଆନନ୍ଦର ଆତିଶଯ୍ୟରେ ନିଜର ପ୍ରକାଣ୍ଡ ସ୍କନ୍ଧ ଉପରକୁ ଟେକିଦାୟ ନିର୍ବିକମଙ୍କୁ ଉଠାଇ ନେଇ ଥେଇ ଥେଇ ନାଚିବାକୁ ଆରମ୍ଭ କରିଦେଲେ । ସେ ନୃତ୍ୟ ଦେଖି ପୁଷ୍ପମୟୀ ମାରିଉଠିଲା ଦୁଇହାତରେ ତାଳି । ଆଉ କହି-ଉଠିଲା—"Bravo, Bravo, Fathers ! "

ପୁଷ୍ପମୟୀ ପ୍ରଭାବତୀଙ୍କ ପାଦତଳେ ଆସି ମସ୍ତକ ଲୁଣ୍ଠନ କରି ପ୍ରଣାମ କଲା । ବିନୋଦ ତୀବ୍ର ସ୍ୱରରେ ଚିତ୍କାର କରି ଉଠିଲା—"ଜୟ, ସତ୍ୟାଗ୍ରହୀର ଜୟ !"

ବିଦ୍ୟାହୀନ ବିଦ୍ୟାଧର

ବିଦ୍ୟାଧରର ବିଦ୍ୟା ହେଲା ନାହିଁ ।

କେବଳ ଚେହେରାରେ ଥିଲା ସେ ବିଦ୍ୟାଧର । ଦେଖିବାକୁ ଅତି ରୂପବନ୍ତ ବାଳକ ସେ । ସୁନ୍ଦର ସ୍ୱାସ୍ଥ୍ୟ, ବଳିଷ୍ଠ ଶରୀର । ଚହିଁ ଦେଲେ ରାଜପୁତ୍ର ବୋଲି ଭ୍ରମ ହୁଏ । ପରିପୁଷ୍ଟ ଅଙ୍ଗ, ଢଳ ଢଳ କାନ୍ତି, କୁଞ୍ଚିତ କମନୀୟ କେଶ, ମନୋହର ନାଟକୀୟ ମୂର୍ତ୍ତି । ଆଖପାଖ ପଚାଶଖଣ୍ଡ ଗାଁ ବୁଲିଲେ ଏଭଳି ମୂର୍ତ୍ତିଟିଏ ନଜରରେ ପଡ଼ିବ ନାହିଁ । ତେଣୁ ବିଂଝାରପୁର ଗ୍ରାମର ନାଟ୍ୟ-ପରିଷଦର ମ୍ୟାନେଜର ଶ୍ରୀ ବାବୁ କୃଷ୍ଣପ୍ରସାଦ ବୋଇତ ବିଦ୍ୟାଧରର ନାମ ଦେଇଥିଲେ— "ଶ୍ରୀମାନ୍ ସର୍ବାଙ୍ଗ ସୁନ୍ଦର" । ଯେତେବେଳେ ଦେଖାହେଲେ ସେ ସମ୍ବୋଧନ କରନ୍ତି— "ହଇକି ହେ ବାପା ସର୍ବାଙ୍ଗ ସୁନ୍ଦର !"

କିନ୍ତୁ ଚେହେରା ସହିତ ବିଦ୍ୟାର ସମ୍ପର୍କ ଏ ସଂସାରରେ କ୍ୱଚିତ୍ ଦେଖାଯାଏ । ବିଦ୍ୟାଧରଠାରେ ତା ଏକାବେଳେକେ ନାସ୍ତି ।

କେଉଁ ଜନ୍ମରେ ବିଦ୍ୟାଧର ମା ସରସ୍ୱତୀ ବା ବାବା ଗଣନାଥଙ୍କ ଚରଣ-ଯୁଗଳରେ କି ଅପରାଧ କରିଥିଲା କେଜାଣି, ଏ ଜନ୍ମରେ ଅଗାଧ ବିଦ୍ୟାର ମାଲିକ ହୁଇ ଦେବତାଙ୍କ ଭିତରୁ କାହାରି ହେଲେ କୃପାଦୃଷ୍ଟି ତା ଉପରେ ପଡ଼ିଲା ନାହିଁ । ଫଳରେ ବିଦ୍ୟାଧର ହେଲା—ଅବିଦ୍ୟାର ଆଧାର ।

ଚେଷ୍ଟା କଲେ ବି ବିଦ୍ୟାଧରର ପାଠ ହୁଏ ନାହିଁ । ଇସ୍କୁଲର ମାଷ୍ଟରମାନେ ତା ଉପରେ ବିଚିଡ଼ିଯାନ୍ତି । ପଣ୍ଡିତ ଗଙ୍ଗାଧର ଶର୍ମା ତାକୁ ଡାକନ୍ତି-"ଗଣ୍ଡଭୈରବ" । ବେଳେ ବେଳେ ତାର କମନୀୟ ଶରୀରଟା ଉପରେ ବି ଅବିଶ୍ରାନ୍ତ ଅତ୍ୟାଚାର କରନ୍ତି ।

ଘରେ ବାପା ଗାଳନ୍ତି, ଶୋଧନ୍ତି,—"ଅକର୍ମା," "ଅନାଡ଼ି," "ଅଲକ୍ଷଣା" । ପୁଣି "ଭୂତ," "ଗଧ" ଇତ୍ୟାଦି । ଦୃଶ୍ୟ ଅଦୃଶ୍ୟ ଜୀବ ସହିତ ତାର ତୁଳନା କରନ୍ତି । ତଥାପି ବିଦ୍ୟାଧରର ବିଦ୍ୟା ହୁଏ ନାହିଁ ।

ବିଦ୍ୟାଧରର ଖେଳରେ କୃତିତ୍ୱ ଫୁଟେ, ଗୀତବାଦ୍ୟରେ ଖ୍ୟାତି ରଟେ । କିନ୍ତୁ ଇସ୍କୁଲର ପାଠ୍ୟଗୁଡ଼ାକ ତା ପ୍ରତି କେମିତି ଗୋଟାଏ ଅଶ୍ରଦ୍ଧା ପ୍ରକାଶ କରନ୍ତି—ଅସଦ୍ଭାବ ଦେଖାନ୍ତି । ବିଦ୍ୟାଧର କ୍ଲାସ ଉଠି ପାରେନାହିଁ । ପରୀକ୍ଷା ଖାତାରେ ବର୍ତ୍ତୁଳାକାର ବସ୍ତୁର ପ୍ରାଦୁର୍ଭାବ ଘଟେ । ଖୁବ୍ ଠେଲାଠେଲିରେ ସେ ଉପରକୁ ଉଠେ, ବେଳେ ବେଳେ ଗୋଟାଏ ଗୋଟାଏ କ୍ଲାସରେ ବର୍ଷେ ଦୁଇ ବର୍ଷ ଅଟକିଯାଏ, କ୍ଲାସଟା ତାଉପରୁ ସହଜରେ ମାୟା ତ୍ୟାଗ କରି ପାରେ ନାହିଁ ।

କିନ୍ତୁ ବିଦ୍ୟାଧରର ସାନଭାଇ ରଙ୍ଗାଧର । ଓଃ, କି ପିଲା ସେ ! କି ବିଚକ୍ଷଣ ପିଲା ! ରଙ୍ଗାଧର ଫକ୍ ଫକ୍ କରି ଉପରକୁ ଉଠିଯାଏ, ଟକ୍ ଟକ୍ କରି ପାଠଗୁଡ଼ାକ ପିଇଯାଏ । ଘରେ, ବାହାରେ ତା'ର କି

ପ୍ରଶଂସା ! ଘରେ ବାପା ବିଶ୍ୱନାଥଙ୍କର ସେ ଆଦରର ପାତ୍ର । ବିଶ୍ୱନାଥ କହନ୍ତି—ରଙ୍ଗଟି ତାଙ୍କର କୁଳନନ୍ଦନ, ବିଦ୍ୟା—କୁଳପାଂଶୁଳ ।

ରଙ୍ଗାଧର ଉପରେ ବାପାଙ୍କର ଅସୀମ ସ୍ନେହ । ସେ ମନେ କରନ୍ତି—ରଙ୍ଗାଧରଟି ମୋ ବଂଶର ନାଁ ରଖିବ, ପାଠପଢ଼ି ମଣିଷ ହେବ । ବିଦ୍ୟାଧରଟା ଉଜୁଡ଼ିଯିବ । ଇସ୍କୁଲର ମାଷ୍ଟରମାନେବି ରଙ୍ଗାଧରକୁ ଖୁବ ଶରଧା କରନ୍ତି । ସେ ବୁଦ୍ଧିଆ ପିଲା, ମନଦେଇ ପାଠପଢ଼େ । କ୍ଲାସରେ ପ୍ରଥମ, ଦ୍ୱିତୀୟ ହୁଏ । ପଢ଼ା ପଢ଼ିରେ ପଦକ ପାଏ । ମା ସରସ୍ୱତୀ ଯେପରି ତା କଣ୍ଠରେ ବସନ୍ତି । ରଙ୍ଗାଧର ଯାହା ପଢ଼େ ତା କ୍ଷଣକ ମଧ୍ୟରେ ତାର ମନେ ରହିଯାଏ । ବିଦ୍ୟାଧର ଶତଚେଷ୍ଟା କଲେ ବି ପାଠରେ ମନ ବସେ ନାହିଁ ।

ପଣ୍ଡିତ ଗଙ୍ଗାଧର ଶର୍ମା ଅନେକଥର ଆସି ବିଦ୍ୟାଧରର ବାପା ବିଶ୍ୱନାଥଙ୍କ ସଙ୍ଗେ ବସଉଠ କରନ୍ତି । ସେ ବାରମ୍ବାର ରଙ୍ଗାଧରର ପ୍ରଶଂସା କରି କହନ୍ତି—"ବୁଝିଲ ହେ ବିଶୁବାବୁ, ଏଇଟି ହେଉଛି ଆପଣଙ୍କର ଗୋଟାଏ ରତ୍ନ । ହଜାରେ ପିଲାରେ ଗୋଟାଏ ପିଲା, ବଡ଼କାଳକୁ ଗୋଟାଏ ମଣିଷ ଭଳି ମଣିଷ ହେବ । ଯାହାର ପାଇଁ ପଇସା ଖର୍ଚ୍ଚକଲେ ଏ ଗୋଟାଏ ଟଙ୍କାଗଛ ପାଲଟିବ । କିନ୍ତୁ ବିଦ୍ୟାଧରଟା—ଉଁ ହୁଁ—ମିଛଟାରେ କାହିଁକି ପାଠପଢ଼ାଉଛ ହେ ବିଶୁବାବୁ, ତାକୁ ପଢ଼େଇବା ଅର୍ଥ ପଇସା ପାଣିକି ପକେଇବା । ତେବେ ହଁ, ପୁଅ ଯେତେବେଳେ, ଆଉ କଣ କରିବ ? ନ ପଢ଼େଇ ରଖିବ କଣ ? ଲୋକେ କହିବେ—ପିତୃ ଦୋଷେଣ ମୂର୍ଖତା । ହଉ ଚାଲ, କେତେବାଟ ଟାଣି ଘୋଷାରି ହୋଇ ଚାଲିଛି ଚାଲୁ ।"

ଦିନେ ଦିନେ ବାପା ଖୁବ ଖପା ହୋଇ ବିଦ୍ୟାଧରର ବୋଉକୁ କହନ୍ତି—ହଇ ହେ ବଡ଼ା ବୋଉ ! ତୁମେ କାହିଁକି ଏପିଲାଟାକୁ ମୁହଁ ଦେଇଚ କହିଲ ? ଆଜଠୁଁ ଯାହାର ଖୋରାକ ବନ୍ଦ କର । ବରବରତ

ବହେ ଟିକିଲା, ଆଉ ପାଠ ପାଇଁ ପେଟରେ ଠାବ କାହିଁ ? ଅଜିଠୁଁ ତାର ଖୋରାକ୍ କମେଇବାକୁ ହେବ । ଦିନ ସକାଳେ ଖାଇବ ଛଟାଙ୍କିଏ, ଆଉ ରାତିକି ଛଟାଙ୍କିଏ ଚାଉଳର ଭାତ । ଏ ଦୁଇବେଳାରୁ ତିନିବେଳା ହବ ନାହିଁ । ଦେଖ୍, ଏଇ ହେଲା ମୋର ହୁକୁମ । ଏକଥାକୁ ମାନି ତମକୁ ଚଳିବାକୁ ହେବ ।

କିନ୍ତୁ ବିଦ୍ୟାବୋଉଙ୍କ ଆତ୍ମା କି ଏକଥାର ମର୍ଯ୍ୟାଦା ବୁଝେ ? ବରଂ ଏଥିରେ ବିକଳ ହୋଇଉଠେ । ବିଦ୍ୟାଧର ଉପରେ ତାଙ୍କର ଆହୁରି ବେଶୀ ସ୍ନେହ ହେଲା । ପ୍ରାଣରେ ସହାନୁଭୂତି ଚେଇଁ ଉଠେ । ବିଦ୍ୟାବୋଉ ଲୁଚେଇ ଛପେଇ ବେଶି ଗଣ୍ଡିଏ ଖୁଆନ୍ତି । ଯେତେହେଲେ ପୁଅ ତ । କେଉଁଠୁ ଭାସି ଆସି ନାହିଁ, ଆପଣା ପେଟରୁ ପଡ଼ିଛି । ଆପଣା ଅନ୍ତନାଡ଼ିରୁ ଜନ୍ମ !

ବେଳେ ବେଳେ ମା ବିଦ୍ୟାଧରର ମୁଣ୍ଡଟି ଆଉଁସି ଦେଇ କହନ୍ତି—ବିଦ୍ୟାରେ ! କାହିଁକି ଏତେ ଲୋକର ଏତେ କଥା ଶୁଣୁଛୁ ? ଟିକିଏ ଭଲକରି ପାଠପଢ଼ିଲେ ହୁଅନ୍ତା ନାହିଁ ବାପା ! କିଏ କାହିଁକି ମୋତେ କହିବାକୁ ଯାଆନ୍ତା !

ବିଦ୍ୟାଧର ମା ପାଖରେ ପ୍ରାଣର କଥା ଖୋଲିକରି କହେ— ମୁଁ କଣ ପାଠପଢ଼ୁନାହିଁ ବୋଉ ? ହେଲେ ପାଠ ତ ହେଉନାହିଁ । ମୁଁ ଆଉ କଣ କରିବି ?

ଦିନେ ବିଦ୍ୟାଧର ଭାରି ଗମ୍ଭୀର ମୁହଁ କରି ମା ପାଖରେ ଆସି କହିଲା—"ବୋଉ, ଏଥର ଗୋଟାଏ କଥା କଲେ ହବ ? ଗୋଟା ଚାରି ପାଞ୍ଚ ଟଙ୍କା ଦେବୁ କି ?" ବିଦ୍ୟାବୋଉ କିଛି ନବୁଝିପାରି ପୁଅର ମୁହଁକୁ ଆଁ କରି ଚାହିଁ ରହିଲେ । ବିଦ୍ୟାଧର ବୁଝେଇ କହିଲା— ବୋଉ, ଦେଖ୍, ପାଠହେବାର ଗୋଟାଏ ସହଜ ଉପାୟ ଅଛି । ମୁଁ ଆଜି ଜାଣିଲି । ଭାରି ଭାରି ଦୁଣ୍ଡାଙ୍କର ବି ପାଠ ହେଉଛି । ଆମ

ଦୈତାରି ମାଷ୍ଟ୍ରେ କହୁଥିଲେ—ପୂର୍ବକାଳରେ କାଳିଦାସ ବୋଲି ଗୋଟାଏ ଅଳଗର ଦୁଣ୍ଡା ଥିଲା । ଯେଉଁ ଡାଳରେ ସେ ଚଢ଼ିଥିଲା ସେଇ-ଡାଳକୁ ମୂଳରୁ କାଟୁଥିଲା । ଧନେ ମା ସରସ୍ୱତୀ ତା ଉପରେ ଏମିତି ପ୍ରସନ୍ନ ହେଲେ ଯେ, ସେ ଗୋଟାଏ ମସ୍ତବଡ଼ କବି ପାଲଟିଗଲା । ତା ଛଡ଼ା ବୋଉ, ଆମ ଓଡ଼ିଶା ମୁଲକରେ ବି ଉପେନ୍ଦ୍ର ଭଞ୍ଜ ବୋଲି କିଏ ଗୋଟିଏ ରଜାପୁଅ ଥିଲା ଯେ, ସେ କାଳେ ରାମତାରକ ମନ୍ତ୍ର ଜପି, ରାମଙ୍କୁ ଭଜି ଭଜି, ପଣ୍ଡିତ ହୋଇଗଲା । କେତେ ଛାନ୍ଦ ଗୀତ ତା ତୁଣ୍ଡରୁ ଝରିଗଲା । ଦୈତାରିବାବୁ ଅଧିକ କହୁଥାନ୍ତି—ସାରଳା ଦାସ କଥା । ସେ କୁଆଡ଼େ ମା ସାରଳା ଦେବୀଙ୍କ କୃପାରୁ ଗୋଟାଏ ମସ୍ତବଡ଼ ମହାଭାରତ ଲେଖି ପକାଇଲା । ସେଇଟା ନିଦା ମୂର୍ଖ ଥିଲା ବୋଉ, ନିଦାମୂର୍ଖ । କେଉଁଣସି ଜନ୍ମରେ ଖଡ଼ି ଛୁଇଁ ନ ଥିଲା ।

ବିଦ୍ୟାଧର ଏ ସବୁ ଜନଶ୍ରୁତି ଅନର୍ଗଳ ମା ଆଗରେ ବାଢ଼ି-ଗଲା । ପାଟିରେ ବାଟୁଳି ବାଜିଲା ନାହିଁ । ମା ସବୁ ନୀରବରେ ଶୁଣିଗଲେ । ନ ଶୁଣିବାର ଉପାୟ ନାହିଁ । ପୁଅର ଉତ୍ସାହ ଧାରା-ଶ୍ରାବଣର ନଈ ନାଳ ପରି କିଛି ମାନିବାକୁ ଚାହେଁ ନାହିଁ—କେବଳ ନିଜର ଉଦ୍ଦାମତା ଜାହିର କରିବାହିଁ ଯେପରି ତାର କାମ ।

ଶେଷରେ ବିଦ୍ୟାଧର ଟିକିଏ ଥମିପଡ଼ି କହିଲା—ତା ହେଲେ ବୋଉ, ଗୋଟା ଚାରିପାଞ୍ଚ ଟଙ୍କା ଦେବୁ କି ଝଙ୍କଡ ମୁଲକରେ କାଳେ ସେଇ ସାରଳା ପୀଠ । ସେ ପୀଠକୁ ଯିବାକୁ ହବ ।

ମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ—ସେଠେଇଁ ଯାଇଁ କଣ କରିବୁରେ ପୁଅ ?

"ସେଠେଇଁ ପରି ମା ସାରଳାଙ୍କ ପାଖରେ ଅଠ ଦଣ ଦିନ ଅଧା ପଡ଼ିବି, ମା ନିଷ୍ଟେ ବର ଦେବେ ।"

ବଡ଼ା ବୋଉ ମନେ ମନେ ହସିଲେ । ବାହାରକୁ କହିଲେ— କିଏ ତୋତେ ଏ ବୁଦ୍ଧି ଦେଇଛିରେ ବାପ ? ସେଇଟା କଣ ସହଜ କଥା ।

"ଆଉ କଷ୍ଟର କଥା କଣ ମ ? ଅଧ୍ୟାଟା ପଢ଼ିବାକୁ ହେବ । ତା ମାନେ ଖାଲି ଶୋଇ ରହି—"ମା ସାରଳା, ମା ସାରଳା" ବୋଲି ଏକ ଧ୍ୟାନରେ ମନେ ମନେ ଡାକିବାକୁ ହବ । ଏତିକି କଣ ମୁଁ କରି ପାରିବି ନି ?"

ମା କହିଲେ—ନା, ବାପା; ସେତିକି ବି ନୁହେଁ,—ସେ ଭାରି ସାଧ ସାଧନାର କଥା । ସେ ସବୁ ପାଗଳାମି ଛାଡ଼ି ଦେ । ନ ଖାଇ ନ ପିଇ, ବିଦେଶ ଜାଗାରେ ଠାକୁରାଣୀ ପାଖରେ ଯାଇ ଏକ ମନ ଏକ ଧ୍ୟାନରେ ଅଧ୍ୟା ପଢ଼ିବା, ସେ ସବୁ ତୋ ଭଳି ପିଲାଙ୍କ ଦେଇ ହୁଏ ନାହିଁ—ଖୁବ୍ ଅଚ୍ଛା ଅଚ୍ଛା ବଡ ମଣିଷ ବି ପାରନ୍ତି ନାହିଁ । ତେର ତେର ଲୋକ ମାସ ମାସ ଧରି ଅଧ୍ୟା ପଡ଼ି କିଛି ହୋଇନାହିଁ । ଠାକୁର ଠାକୁରାଣୀ ସହଜରେ ପରସନ ହୁଅନ୍ତି ନାହିଁ ।

ବିଦ୍ୟାଧର ଜାଣି ନ ଥିଲା—ନ ଖାଇ ନ ପିଇ ଏତେ ଦିନ ପଡ଼ି ରହିବାକୁ ହେବ ବୋଲି । ମାଆର କଥା ଶୁଣି ତାର ଚେତନା ହେଲା । ବାସ୍ତବିକ ବଡ଼ ଗହନ କଥା ତ ! ଦିନେ ଓଳିଏ ହେଇ- ଥିଲେ ସେ ସମ୍ଭାଳି ଯାନ୍ତା । କିନ୍ତୁ ଏତେ ଦିନ କେମିତି ସମ୍ଭାଳିବ ?

ଅବଶେଷରେ ବିଦ୍ୟାଧରକୁ ସେ ସଂକଳ୍ପ ଛାଡ଼ିବାକୁ ପଡ଼ିଲା । ସାରଳା-ସାଧନା କଥା ଫସିଗଲରୁ ବିଦ୍ୟାଧର ଅନ୍ୟ ଉପାୟ ଚିନ୍ତା କଲା ।

ସେ ଭାବିଲା, ଅନେକ ଭାବିଲା । ଗୋଟାଏ ପ୍ରହେଳିକା ଆସି ତା ମନରେ ଖେଳି ବୁଲିଲା । ସେ ଆଉ ରଙ୍ଗା ଏକ ବାପ ମାର ପୁଅ । କିନ୍ତୁ ରଙ୍ଗାର ପାଠ ହଉଛି, ତା ଭାଇ ହେଇ ବିଦ୍ୟାଧରର

ହୁଏ ନାହିଁ । ଯ୍ୱାର ରହସ୍ୟ କଣ ? ତେର ଭାବି ଭାବି ବିଦ୍ୟାଧର ସେ ରହସ୍ୟଟା ଉଦ୍‌ଘାଟନ କଲା । ରଙ୍ଗାଧରର ଝଣ୍ଡିଏ ଗଣେଶ ଛବି ଅଛି । କାଚଦିଆ ଫର୍ମାରେ ବନ୍ଧା ଛବିଟା ତା ବହି ପାଖରେ ରଖା ହୋଇଛି । ରଙ୍ଗାଧର ନିତ ଗାଧୋଇ ଆସି ତା ପାଦରେ ଗୋଟିଏ ଫୁଲ ଥୋଇ ଫୁସ୍ ଫୁସ୍ କରି କଣ କହି ଜୁହାର ହୁଏ । ତା ପରେ ଖାଇବାକୁ ଯାଏ । ପ୍ରତିଦିନ ସନ୍ଧ୍ୟାବେଳେ ଗଣେଶ ବନ୍ଦନା ପଢ଼ି ନମସ୍କାର କରେ । ତା ପରେ ପଢ଼ିବା ଘରକୁ ଯାଇ ଅଲ୍ଟଅ ଜାଳି ପାଠ ପଢ଼େ ।

ବିଦ୍ୟାଧର ଭାବିଲା— ରଙ୍ଗାଧରର ଯେ ପାସ ହୁଏଚି, ଏଇଟାହିଁ ତାର କାରଣ । ଗଣେଶ ଠାକୁର ନିଶ୍ଚୟ ତାକୁ ବର ଦିଅନ୍ତି । ତେଣୁ ସେ ସ୍ଥିର କଲା, ସେହି ଦିନଠାରୁ ସେ ଗଣେଶ ଆରାଧନା କରିବ । ରଙ୍ଗାଧର ସିନା ଖାଲି ଛବିଟାକୁ ପୂଜାକରେ । ସେ ବଜାରକୁ ଯାଇ ଗୋଟାଏ ପୁରା ଗଣେଶ ମୂର୍ତ୍ତି କିଣି ଆଣିବ । ରଙ୍ଗାଧରର ପୂଜା ଦି ମିନିଟରେ ଶେଷ ହୋଇଯାଏ, କିନ୍ତୁ ବିଦ୍ୟାଧର ପକ୍‌କା ପାଞ୍ଚ ମିନିଟ ପୂଜାରେ ବସିବ । ସତକୁ ସତ ସେ ଗୋଟାଏ ଗଣେଶ ମୂର୍ତ୍ତି କିଣି ଆଣିଲା । ପ୍ରତିଦିନ ତାକୁ ପୂଜା କରିବାକୁ ଲାଗିଲା । ରଙ୍ଗାଧର "ଲମ୍ବୋଦରଂ ସୁନ୍ଦରଂ" ବୋଲି ଯେଉଁ ଶ୍ଳୋକଟା ପଢ଼େ, ସେଟାକୁ ମଧ୍ୟ ସେ ଯୋଗାଡ଼ କରି ନେଲା । ମନରେ ବିଶ୍ୱାସ ଆସିଲା, ଏଥର ଗଣେଶ ନିଶ୍ଚୟ ବର ଦେବେ ।

ଏ ବର୍ଷ ବିଦ୍ୟାଧର ଓ ରଙ୍ଗାଧର ଦି ଭାଇ ଏକ କ୍ଲାସରେ । ରଙ୍ଗାଧର ତଳୁ ଉଠି ଆସି ବିଦ୍ୟାଧର ସାଙ୍ଗ ଧରିଛି, ବିଦ୍ୟାଧର କ୍ଲାସ ଉଠି ପାରୁନାହିଁ । ବୟସ ଓ୍ୱଣେଇଶରୁ ଯାଇ କୋଡ଼ିଏରେ ପଶିଲଣି । ବାପା ବିଶ୍ୱନାଥ କହୁଛନ୍ତି, ଏଥର ଯଦି ବିଦ୍ୟାଧର କ୍ଲାସ ନ ଉଠେ, ତା ହେଲେ ଚିରଦିନ ପାଇଁ ପୋଥିରେ ଡୋରି । କେବଳ

ସେତିକି ନୁହେଁ, ତାକୁ ଯାଇ ବଣିକ୍ ଷ୍ଟେଡ଼ ଲଲ ମାଟୁଅଡ଼ି ଘରେ ଗୋଲାମି କରିବାକୁ ହେବ । ବିଦ୍ୟାଧର ବୁଝିଛି ଯେ ଏଥର କ୍ଳାସ ଉଠି ନପାରିଲେ, ଆଉ ସାନଭାଇ ଉପରକୁ ଉଠିଲେ, ବାସ୍ତବିକ ତା ପୋଥିରେ ଡୋରି ପଡ଼ିବ । ବାପା ପଢେଇଲେ ବି ସେ ପଢ଼ିପାରିବନାହିଁ । ଛି, ଛି, କି ଲଜ୍ଜାର କଥା ! ସାନଭାଇ ପଢ଼ିବ ଉପରେ, ବଡ଼ଭାଇ ତଳେ । ସେ ଦୁନିଆକୁ ମୁହଁ ଟେକି ଚାହିଁ ପାରିବ ନାହିଁ । ତା ଅପେକ୍ଷା ମରିଯିବା ବରଂ ଭଲ ।

ବିଦ୍ୟାଧର ଆହୁରି ବୁଝିଛି—ଏଥର କ୍ଳାସ ନ ଉଠିଲେ ତା ପକ୍ଷରେ ଘରେ ରହିବା ବି ସମ୍ଭବପର ନୁହେଁ । ଚିରଦିନ ବାପାର ଅଶ୍ରଦ୍ଧାର ପାତ୍ର ହୋଇ ସେ କେମିତି ଚଳିବ ? ସାଇପଡ଼ିଶାର ଲୋକେ ତାକୁ ଛି ଛିକାର କରିବେ । କିଏ କେତେ ପ୍ରକାରେ ଧିକ୍କାର କରିବେ । ସାନ ଭାଇକୁ ସେ ସାନ ବୋଲି ମନେ କରିପାରିବ ନାହିଁ । ସାନ ହେବ ବଡ । ବଡ଼ ଯିବ ଚୁଲ୍ଲୀକି ।

ମାଆ ଅବଶ୍ୟ ଏ ଯାଏଁନ୍ତ ବିଦ୍ୟାଧରକୁ ସ୍ନେହ ଶ୍ରଦ୍ଧା କରିଆସିଛନ୍ତି, ଭବିଷ୍ୟତରେ ଯେ ନ କରିବେ ତା ନୁହେଁ । ସେ ମାଆ ନୁହେଁ,—ଭୁଇଁ ତଳେ ଛିଣ୍ଡି ପଡ଼ିଥିବା ସ୍ୱର୍ଗପୁରୀର ଦେବୀ । ତା ଚକ୍ଷୁରେ ଅକର୍ମା ପୁଅର ଶତ ବ୍ୟର୍ଥତା କିଛି ନୁହେଁ । କିନ୍ତୁ ମାଆର ଏ ସ୍ନେହଟିକ ନେଇ, ତାକୁ ପଣ୍ୟ କରି, ସେ କେତେ ଦିନ ଚଳିବ ? ପୁଣି, ଏ ସ୍ନେହ କେତେ ଦିନ ବା ଖାଣ୍ଟି ସ୍ନେହ ହୋଇ ରହିବ ? ଦିନେ ଏହା ପରିଣତ ହେବ କୃପାରେ । ସ୍ନେହର ବାହ୍ୟରୂପ ନେଇ ତା ପାଲଟିବ ଦୟା । ପ୍ରକୃତରେ ବିଦ୍ୟାଧର ହେବ ମାଆର ଦୟାର ପାତ୍ର ।

ଏହିପରି ନାନା ଅଳୀକ ଚିନ୍ତାକରି ବିଦ୍ୟାଧର ଗଭୀର ଭକ୍ତି-ସହକାରେ ଗଣନାଥଙ୍କର ଆରାଧନାରେ ଲାଗିଲା । ଦିନକୁ ଦିନ ପୂଜାର ସମୟ ବଢ଼ିଲା, ଭକ୍ତିର ମାତ୍ରା ବି ବଢ଼ି ଉଠିଲା । ସେ ଜାଣେ—ଏଥର

ଯଦି ପାସଟା ହୁଏ, ତେବେ ତା ଖାଲି ଗଣନାଥ କୃପାବଳରେ ହିଁ ହେବ, ଅନ୍ୟ କୌଣସି ପ୍ରକାରେ ସମ୍ଭବ ନୁହେଁ । ପାଠରେ ସେ ବହୁତ ତଳେ, ସେ ବହୁତ କଞ୍ଚା । ଖେଳ କସରତ ହୋଇଥିଲେ ସେ ଚିନ୍ତା କରନ୍ତା ନାହିଁ । ଖାଲି ସେତକରେ ଯଦି ପରୀକ୍ଷା ଦେଇ କ୍ଲାସ ଉଠା ହୁଅନ୍ତା, ସେ ଦିନକ ମଧ୍ୟରେ ସବୁ କ୍ଲାସ ଉଠିଯାନ୍ତା । କିନ୍ତୁ ସେ ସବୁକୁ ପଚାରେ କିଏ ? ତା ପାଇଁ ଯେ ବହିପାଠ ଦରକାର । ସେଇ ବହି ପାଠଟି ବିଦ୍ୟାଧରର ନିତାନ୍ତ ଅଭାବ । ତେଣୁ ଗଣନାଥଙ୍କ କୃପାହିଁ ଏକମାତ୍ର ଭରସା ।

ଅପ୍ରେଲ୍ ମାସ ଯାଇ ମଇମାସ ପଡ଼ିଲା । ଏଇ ମଇମାସଟା ଯେତିକି ଭଲ, ସେତିକି ମନ୍ଦ । ମଇମାସରେ ପରୀକ୍ଷା ହୁଏ,—କ୍ଲାସ ଉଠା ପରୀକ୍ଷା । ଏଥିରେ କାହା କପାଳରେ ଅମୃତ ବର୍ଷେ, କାହା କପାଳରେ ବା ଗରଳବୃଷ୍ଟି । କିଏ ଜୟଶ୍ରୀମଣ୍ଡିତ ହୁଏ, କିଏ ବା ବ୍ୟର୍ଥତାର କଳଙ୍କଭାର ବହନ କରେ । ସୁଖ ଦୁଃଖର ଭାଣ୍ଡ ନେଇ ଏ ମାସଟା ଉପସ୍ଥିତ ହୁଏ ଇସ୍କୁଲ୍ ପିଲାଙ୍କ ଆଗରେ । କାହାକୁ ଦିଏ ସୁଖ, କାହାକୁ ଦୁଃଖ; କାହାକୁ ସ୍ୱର୍ଗରେ ବସାଏ, କାହାକୁ ନରକରେ ପକାଏ ।

ଏଇ ମାସରେ ବିଦ୍ୟାଧରର ପରୀକ୍ଷା ହେଲା । ସବୁ ପିଲାଙ୍କର ମଧ୍ଯ ହେଲା । ବିଦ୍ୟାଧର ପରୀକ୍ଷା ହଲରେ ବସି ଗଣନାଥଙ୍କୁ ସୁମରଣା କରି ଯାହା କିଛି ଆସିଲା, ଲେଖି ପକାଇଲା । ମୁଠ ଖାତାରେ ପହିଲ ଲେଖା ହେଲା "ଶ୍ରୀ ଶ୍ରୀ ଶ୍ରୀ ଗଣେଶାୟ ନମଃ, ତୁମ୍ଭେହିଁ ଭରସା ପ୍ରଭୁ" । ତା ପରେ ପ୍ରଶ୍ନର ଉତ୍ତର ଛଳରେ ଯାହା ମନକୁ ଆସିଲା ତା ଲେଖିଲା । ତାକୁ ଯେପରି ଜଣାଗଲା—ଗଣନାଥ ତା କଣ୍ଠରେ ବସିଛନ୍ତି,—ଗଜେନ୍ଦ୍ର ବଦନ ଟିକେ ଉଠୁଛି,—ସୁନ୍ଦର ଲମ୍ବୋଦର ଠାକୁର,--

ସିନ୍ଦୁର ଶୋଭିକର ମୂର୍ତ୍ତି । ଗଜେନ୍ଦ୍ର ବଦନରୁ ପ୍ରସନ୍ନ ଦୃଷ୍ଟି ଝରି ପଡ଼ୁଛି । ତାଙ୍କର ପ୍ରେରଣା ପାଇ ସେ ଲେଖିଯାଉଛି । ଗ୍ଣବଦନ କାଳି ଏହିପରି ସେ ପରୀକ୍ଷା ଦେଇ ଅସିଲା । ମନେ ହେଲା—ଏଥର ନିଶ୍ଚୟ ସିଦ୍ଧି ମିଳିଯିବ । ପରୀକ୍ଷାରେ ଏତେ ପାଠ ସେ ଆଗେ କେବେ ଲେଖି ନ ଥିଲା । ଏ ଥରକୁ ଏ ଅଦ୍ଭୁତ ବ୍ୟାପାର, ଏଟା ଖାଣ୍ଟି ଗଣନାଥ କୃପା ।

ଯଥା ସମୟରେ ଫଳ ବାହାରିଲା । ବଡ଼ମାଷ୍ଟ୍ରେ ଲମ୍ବା ଫର୍ଦ୍ଦଧରି କ୍ଲାସ କ୍ଲାସ ବୁଲି ସୌଭାଗ୍ୟ ଦୁର୍ଭାଗ୍ୟ ବାଣ୍ଟି ବୁଲିଲେ । ବିଦ୍ୟାଧରର ଦଶମ ଶ୍ରେଣୀ । ବଡ଼ମାଷ୍ଟ୍ରେ ଦଶମ ଶ୍ରେଣୀରେ ପଶି କ୍ଲାସଉଠା ତାଲିକା ପଢ଼ିଲେ । ପହିଲି ନାଁ—ରଙ୍ଗାଧର ବିଶ୍ୱାଳ,—ପ୍ରଥମ । ବିଦ୍ୟାଧରର ଛାତିଟା ହଠାତ୍ ଫୁଲି ଉଠିଲା । ଭାଇର ଗୌରବରେ ସେ ନିଜକୁ ଅସୀମ ଗୌରବାନ୍ୱିତ ବୋଧକଲା । ତା ପରେ ଛାତିଟା ଧଡ଼ ପଡ଼ ହେବାକୁ ଲାଗିଲା,—ଗୋଟାଏ ଅନିଶ୍ଚିତତାର ଧକ୍କାରେ । ବଡ଼ମାଷ୍ଟ୍ରେ ଅନେକ ପିଲାଙ୍କୁ ଗୋଟି ଗୋଟିକରି କ୍ଲାସ ଉଠେଇ ଦେଇ ଗଲେ,—ସେମାନେ ଗୋଟି ଗୋଟି ଅସି ନମସ୍କାର କରି ପ୍ରସନ୍ନ ମୁଖରେ ଚାଲିଗଲେ । ତାଲିକାର ଶେଷ ନାମଟା ଶୁଣାଇଦେଇ ବଡ଼ ମାଷ୍ଟ୍ରେ ଅନ୍ୟଶ୍ରେଣୀକୁ ବାହାରିଗଲେ । ହାୟ, ବିଦ୍ୟାଧରର ନାମ ଉଚ୍ଚାରିତ ହେଲନାହିଁ । କ୍ଲାସ ଉଠି ନ ଥିବା ପିଲାମାନେ ଲମ୍ବ ମୁହଁ କରି, ଅଖି ଛଳ ଛଳ କରି ବସିବା ଜାଗାରୁ ଉଠିଗଲେ । ସବା ଶେଷରେ ଉଠି ଅସିଲା ବିଦ୍ୟାଧର । ମୁହଁ ତାର ଗମ୍ଭୀର, ଠିକ୍ ଘନ-ଘଟା ପୂର୍ଣ୍ଣ ଅମାବାସ୍ୟାର ଅର୍ଦ୍ଧରାତ୍ରପରି ଗମ୍ଭୀର ।

ବିଦ୍ୟାଧରର ଗୋଡ଼ ଦୁଟା ଅବାରିତ ଭାବରେ ଉଠିଲା, ପଡ଼ିଲା । ବିଦ୍ୟାଧର ଚାଲିଲା ଅନ୍ୟମନସ୍କ ଭାବରେ । ଘର ଆଡକୁ ନୁହେଁ । ପାଦ

ଦଣ୍ଡଟା ଘରର ରାସ୍ତା ଭୁଲିଯାଇଛି । କିନ୍ତୁ ସିଧାସଳଖ ଚାଲିଛି । ଖାଲି ଚାଲିଛି । ପାଦଦଣ୍ଡଟାର ଚାଳକ କେହି ନାହିଁ, ନିଜେ ନିଜର ଚାଳକ ।

ଅବଶେଷରେ ପାଦଦଣ୍ଡଟା ଆସି ଗୋଟାଏ ଛକ ଜାଗାରେ ହାବୋଡ଼ିଲା । ଜାଗାଟାର ନାମ ଚବମ୍ପା । ସେଠୁଁ ରାସ୍ତା ପଡ଼ିଛି ଇଷ୍ଟେସନକୁ । ବିଦ୍ୟାଧର ସେହି ରାସ୍ତା ଧରି ଚାଲିଲା । ଇଷ୍ଟେସନ ଭିତରେ ପଶି ଏଣେ ତେଣେ ବୁଲିବାକୁ ଲାଗିଲା । ସନ୍ଧ୍ୟା ହେବାକୁ ଯାଉଛି, ବେଳ ପ୍ରାୟ ପାଞ୍ଚଟା, ଗୋଟାଏ ରେଲଗାଡ଼ି ଆସିବ । ସେଟା ଦକ୍ଷିଣକୁ ଯିବ । ଲାଇନ ସଫା, ଯାତ୍ରୀ ଆସି ଜମୁଛନ୍ତି ।

ବିଦ୍ୟାଧରର ମନରେ ହଠାତ୍ ଏକ କଳ୍ପନା ପଶିଗଲା । ଏଇ ରେଲ ଲାଇନ ଉପରେ ଗାଡ଼ି ଆସିବା ବେଳେ ଫକ୍‌କର ଆଗକୁ ଡେଇଁ ପଡ଼ିଲେ ମନ୍ଦ କଣ ହୁଅନ୍ତା ?

କିନ୍ତୁ ଏ ପ୍ରସ୍ତାବଟାକୁ ତାର ଆତ୍ମା ଗ୍ରହଣ କଲାନାହିଁ । ଆତ୍ମା-ପୁରୁଷ ଭିତରୁ ଡାକି କହିଲା— ଛି ଛି, ବିଦ୍ୟାଧର, ଏ ଗର୍ହିତ କାର୍ଯ୍ୟ କାହିଁକି ? ତୁ କଣ ପୁରୁଷ ପୁଅ ନୋହୁଁ ? ତୋର ପୁରୁଷତ୍ୱ ନାହିଁ ?

ବିଦ୍ୟାଧରର ମୁଖରେ ଦୃଢ଼ତା ଆସିଲା । ସେ ଭୀରୁ ନୁହେଁ, ଭୀରୁ ଭଳି ସେ କାହିଁକି ମରିବ ? ଜୀବନ ଦେବତା ପାଖରେ ନିଜକୁ ବଳିଦେଇ କି ଲାଭ ? ସଂସାରର ସ୍ରୋତ ତାକୁ କେଉଁଆଡେ ନେଇ କଣ କରୁଛି ଦେଖାଯାଉ । ବିଦ୍ୟାଧରର କଳ୍ପନା ପଥର ପାଲଟିଗଲା ।

ନିକଟରେ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କର ମୁସାଫିରଖାନା । ତାର ବାରନ୍ଦାରେ ଯାଇ ସେ ବସି ପଡ଼ିଲା । ଗୋଟାଏ ପେସେଞ୍ଜର ଗାଡ଼ି ଆସି ଷ୍ଟେସନ ଧରିଲା । ବିଦ୍ୟାଧର ଉଠି ଗାଡ଼ିପାଖକୁ ଯାଇ ବୁଲି ଦେଖିବାକୁ ଲାଗିଲା, ଏଇ ଗାଡ଼ିଟା ଭିତରକୁ ପଶିଗଲେ କେମିତି ହୁଅନ୍ତା ? ତା ମନରେ ଏ ପ୍ରଶ୍ନ ଉଠିଲା । କିନ୍ତୁ ବିଦ୍ୟାଧର କିଛି ସ୍ଥିର କରିପାରିଲା ନାହିଁ ।

ଗାଡ଼ି ଛାଡ଼ିବାକୁ ଯାଉଛି । ଜଣେ ବାବୁ ଅତି ତରବରରେ ଆସି ସେକେଣ୍ଡ କ୍ଲାସ ଗାଡ଼ି ଭିତରକୁ ପଶିଲେ । ପଶୁଁ ପଶୁଁ ଉପର ଯାକ୍‌ଠରୁ କଣ ଗୋଟାଏ ଅଜ୍ଞାତରେ ଖସି ପଡ଼ିଲା । ସେହି ମୁହୂର୍ତ୍ତରେ ଗାଡ଼ି ମଧ୍ୟ ଛାଡ଼ିଦେଲା । ବିଦ୍ୟାଧର ନିକଟରେ ଥିଲା । ଜିନିଷଟା ତୋଳି ନେଇ ସେ ମାଲିକ ହାତରେ ଦେବାପାଇଁ ବ୍ୟଗ୍ର ହୋଇଉଠିଲା । ମାତ୍ର ସମ୍ଭବ ହେଲା ନାହିଁ । ଜିନିଷଟା ମନିବ୍ୟାଗ୍ । ବ୍ୟାଗ୍‌ର ମାଲିକ ଯେଉଁ କୋଠରିରେ ଥିଲେ ସେଟା ଦୂରକୁ ଗ୍ଲିଗଲାଣି । ତା ପରେ ଆଉ ଦିଟା କୋଠରି ପାର ହୋଇଗଲାଣି । ବିଦ୍ୟାଧର କଣ କରିବ ଭାବି ପାରିଲା ନାହିଁ । ନିକଟବର୍ତ୍ତୀ ତୃତୀୟ କୋଠରିର ଦ୍ୱାର ଖୋଲା-ଥିବାର ଦେଖି ହଠାତ୍ ତା ଭିତରକୁ ପଶିଗଲା । କୋଠରିର ଗୋଟାଏ କୋଣରେ ଯାଇ ବସି ପଡ଼ିଲା । ବ୍ୟାଗ୍‌ଟା ଖୋଲି ସେ ଦେଖିଲା । ଯାହା ଦେଖିଲା, ସେଥିରେ ତାର ଚକ୍ଷୁ ସ୍ଥିର । ନାନା କିସମର ନୋଟ୍ ମିଶି ସେଥିରେ ଥିଲା ଦୁଇ ହଜାରରୁ ବେଶି ଟଙ୍କା । ଓଃ, ଏତେ ଗୁଡ଼ାଏ ଟଙ୍କା ! ଜନ୍ମରୁ ସେ କେବେ ଏତେ ଟଙ୍କା ଦେଖି ନ ଥିଲା । ତା ମନକୁ ଶଙ୍କା ଛୁଇଁଲା, ଛାତିଟା ଧଡ଼୍ ଧଡ଼୍ ହେଲା । ଭିତରୁ ସଇତାନ୍ କହିଲା-"କରେ ବିଦା, ଏମିତ ହେଉଛୁ କାହିଁକି ? କପାଳ'ତ ତୋର ଖୋଲି-ଗଲା, ଚିନ୍ତା କଣ ? ଘଣ୍ଟାକ ମଧ୍ୟରେ ଯାହାର କପାଳ ତେଜି ଉଠେ ତାର ଏଇପରି ହୁଏ । ସେ ବାଦଶାହ ପାଲଟିଯାଏ । ତୋର ଏବେ ବାଦଶାହୀ ଜୀବନ ଆସି ପହଞ୍ଚିଗଲା, ମାଲ୍ ନେଇ 'ଛୁ' ଦେବେ ବିଦା ?"

ସଇତାନର ଏ ପରାମର୍ଶ ବିଦ୍ୟାଧର ଶୁଣିଲା । ପ୍ରଥମେ ତାର ମନେ ହେଲା,—ଏଇଟାହିଁ ବୋଧହୁଏ ସତ୍ ପରାମର୍ଶ, ଏକମାତ୍ର କର୍ତ୍ତବ୍ୟ । କିନ୍ତୁ ପରମୁହୂର୍ତ୍ତରେ ତାର ଅନ୍ତରାପୁରୁଷ ପୁନର୍ବାର ଚିତ୍କାର କରି ଉଠିଲେ—ଛି ଛି, ବିଦ୍ୟାଧର ! ତୁ କଣ ଏତେ ହୀନ ? ତୋର କଣ ଆଉ କିଛି କର୍ତ୍ତବ୍ୟ ନାହିଁ ?

ପରବର୍ତ୍ତୀ ଇଷ୍ଟେସନ ପାଖେଇ ଆସିଲା । ଗାଡ଼ିର ଗତି ମନ୍ଥର ହେଲା । ଶୀଘ୍ର ଗାଡ଼ି ଅସି ଇଷ୍ଟେସନ ଛୁଇଁଲା । ବିଦ୍ୟାଧର ଅସମ୍ଭାଳ ହୋଇ କୋଠରୀ ଭିତରୁ ବାହାରି ଆସିଲା । ବାହାରି ଅସି ଧାଇଁଲା,—ତିନିଟି କୋଠରୀ ପାରହେଲା । ଚତୁର୍ଥଟା ହେଉଛି ସେକେଣ୍ଡ କ୍ଲାସ କୋଠରୀ । ସେ ଝରକା ବାଟେ ଦେଖିଲା ମନିବ୍ୟାଗ୍‌ର ମାଲିକ ବସି ଗୋଟାଏ ସିଗାରେଟ୍ ଶୋଷିବାକୁ ଯାଉଛନ୍ତି । ସିଗାରେଟ୍‌ରେ ନିଆଁ ଲଗାଇ ତାର ଅନ୍ୟ ପ୍ରାନ୍ତରେ ଚୁମ୍ବନ ଦେବାକୁ ଉଦ୍ୟତ, ଏହିପରି ସମୟରେ ବିଦ୍ୟାଧର ତୋଫାନ ପରି ମାଡ଼ିଅସି ବ୍ୟାଗ୍‌ଟା ଅଗକୁ ବଢ଼ାଇ ଦେଇ କହିଲା—ସ୍ୟାର୍, ଏଇଟା ଖସି ପଡ଼ିଥିଲା ।

ବାବୁ ଦେଖିଲେ ତାଙ୍କର ବ୍ୟାଗ୍ । ତତ୍‌କ୍ଷଣାତ୍ ପକେଟ୍ ଅଣ୍ଡାଳି ବୁଝିଲେ—ଜିନିଷଟା ନାହିଁ । କେବଳ ନୋଟ ବୁକ ଖଣ୍ଡେ ପକେଟରେ ଅଛି । ସର୍ବନାଶ !

ବ୍ୟାଗ୍‌ରେ ଟଙ୍କା ଗୁଡ଼ାକ ଥିଲା । ହଠାତ୍ ସେ ସିଗାରେଟଟା ଫୋପାଡ଼ି ଦେଇ ବ୍ୟାଗଟା ଖୋଲି ଦେଖିଲେ, ନୋଟ୍‌ଗୁଡ଼ାକ ସବୁ ଠିକ୍ ରହିଛି । ତୁରନ୍ତ ଗଣିବାକୁ ଅରମ୍ଭ କଲେ । ବିଦ୍ୟାଧର ଛିଡ଼ା ହୋଇ ଚାହିଁଥାଏ,—ନୀରବ, ନିସ୍ପନ୍ଦ ।

ତହବିଲ ଗଣିସାରି ବାବୁ ଧଡ଼୍ ପରି ଉଠି ବିଦ୍ୟାଧରକୁ କୁଣ୍ଢାଇ ପକାଇଲେ । ତାଙ୍କର ଅନନ୍ଦର ସୀମା ରହିଲା ନାହିଁ । ବିଦ୍ୟାଧରକୁ ପାଖରେ ବସାଇ ତା ମୁହଁକୁ କୌତୁକପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଭାବିବାକୁ ଲାଗିଲେ, ପିଲାଟି କିଏ ? ସୁନ୍ଦର ପିଲାଟିତ ! ସାଧୁ, ସଚ୍ଚରିତ୍ର, ନିର୍ଲୋଭ । ଏଭଳି ପିଲା କେତେ ଜଣ ଥାଆନ୍ତି ? କଣ କରି ସେ ତାର ଋଣ ପାଶରୁ ମୁକୁଳିବେ ?

ବାବୁ କାମେଶ୍ୱର ରାଓ (ତାହାହିଁ ଭଦ୍ରଲୋକଙ୍କ ନାମ) ଅବିଳମ୍ବେ ବ୍ୟାଗ ଖୋଲି ଖଣ୍ଡିଏ ଶହେ ଟଙ୍କିଆ ନୋଟ ବାହାର କଲେ । ନୋଟ ଖଣ୍ଡି ସେ ବିଦ୍ୟାଧର ହାତକୁ ବଢ଼ାଇ ଦେଇ କହିଲେ—ନେ ବାପା, ଏଇ ତୋର ସାଧୁତାର ଯତ୍କିଞ୍ଚିତ୍ ପୁରସ୍କାର।

ବିଦ୍ୟାଧର କୁଣ୍ଠିତ ହୋଇ କହିଲା—"ନା ସାର୍, ରଖନ୍ତୁ । ପୁରସ୍କାର କଣ ହବ ?" ଏ ଅତି ଅଚମ୍ବିତ କଥା ! କାମେଶ୍ୱର ବାବୁ ଅବାକ ହୋଇଗଲେ ।

କୌଣସି ମତେ ବିଦ୍ୟାଧର ପୁରସ୍କାର ନେବାକୁ ରାଜି ହେଲା ନାହିଁ । କାମେଶ୍ୱରବାବୁ ବହୁତ ଅନୁରୋଧ କଲେ ସୁଦ୍ଧା ସେ ତା ଗ୍ରହଣ କଲା ନାହିଁ । କାମେଶ୍ୱର କେବଳ ଯେ ବିସ୍ମିତ ହେଲେ ତା ନୁହେଁ, ତାଙ୍କର କୌତୁହଳର ମାତ୍ରା ବଢିଗଲା । ବଡ଼ ଅଦ୍ଭୁତ ପିଲାଟି; ସେ ତାର ନାମ ପଚାରିଲେ, ଘରର ଠିକଣା ବୁଝିଲେ । 'କେଉଁଠିକି ଯାଉଛ' ବୋଲି ପ୍ରଶ୍ନ କଲେ । ବିଦ୍ୟାଧର ଶେଷ ପ୍ରଶ୍ନର ଜବାବ ଦେଲା—ସେ ଜାଣେ ନାହିଁ ।

କାମେଶ୍ୱର ତା ଶୁଣି ଅଧିକ ଆଶ୍ଚର୍ଯ୍ୟ ହୋଇଗଲେ । ପାଗଳ ନା କଣ ?

କିନ୍ତୁ ପିଲାଟାର ବ୍ୟବହାରରୁ ତ ସେ ପାଗଳ ପରି ଜଣା ଯାଉ ନାହିଁ । ଅନ୍ୟାନ୍ୟ କଥାବାର୍ତ୍ତା କରି ଜାଣିଲେ, ତାଠାରେ ପାଗଳାମିର କୌଣସି ଲକ୍ଷଣ ନାହିଁ । ବିଦ୍ୟାଧରର ସମସ୍ତ ହାଲ ବୁଝିବାକୁ ତାଙ୍କର ଅଦମ୍ୟ ଆଗ୍ରହ ଜାତ ହେଲା । ସେ ତାକୁ ପାଖରେ ବସାଇ, ତା ମୁଣ୍ଡରେ, ପିଠିରେ ହାତ ବୁଲାଇ ଅନେକ କଥା ପଚାରିଲେ । ବିଦ୍ୟାଧର ସମସ୍ତ କଥାର ଠିକ୍ ଠିକ୍ ଜବାବ ଦେଇଗଲା । କହିଲା—ସେ ଘର ଛାଡ଼ି ଚାଲି ଆସିଛି, ତାର ବାପ ମା ସବୁ ଅଛନ୍ତି, ସେ ଘରକୁ ଫେରିବାକୁ ଚାହେଁ ନାହିଁ । ଫେରି କିଛି ଲାଭ ନାହିଁ, ଚିରଦିନ ସେ

ସିଡାର ଅଶ୍ରଦ୍ଧାର ପାତ୍ର ହେଉଛି । ଆଉ ଅଧିକ ଅଶ୍ରଦ୍ଧା ଅର୍ଜନ କରିବାକୁ ସେ ପସନ୍ଦ କରେ ନାହିଁ, ଏଇଟାହିଁ ତାର ଦୃଢସଂକଳ୍ପ ।

କାମେଶ୍ୱର ପଚ୍ଚାରିଲେ—ତା ହେଲେ ମୋ ସଙ୍ଗରେ ଯିବ ?

ବିଦ୍ୟାଧର କୌଣସି ଦ୍ୱିଧା ପ୍ରକାଶ ନକରି ସଙ୍ଗେ ସଙ୍ଗେ ଉତ୍ତର ଦେଲା—ହଁ ।

ସେହି ଦିନଠାରୁ ବିଦ୍ୟାଧର ହୋଇ ପଡ଼ିଲା କାମେଶ୍ୱର ରାଓଙ୍କ ପରିବାରର ଏକ ଅଙ୍ଗ । କାମେଶ୍ୱର ବାବୁଙ୍କ ପରିବାର ବୋଲି କହିଲେ ବୋଧହୁଏ କଥାଟା ନିରର୍ଥକ । ସେ ପରିବାରରେ ନା ଅଛି ପତ୍ନୀ, ନା ଅଛନ୍ତି ପୁତ୍ର କନ୍ୟା । କାମେଶ୍ୱର ଚିର କୁମାର । ବିବାହର ସେ ପକ୍ଷପାତୀ ନୁହନ୍ତି । ବିବାହ ଏକ କୁସଂସ୍କାର ବୋଲି ତାଙ୍କର ମତ । ବିବାହରେ ବ୍ୟକ୍ତିସ୍ୱାତନ୍ତ୍ର୍ୟ ନଷ୍ଟ ହୁଏ ବୋଲି ସେ ମନେ କରନ୍ତି । ବିବାହ ବନ୍ଧନରୁ ଦୂରରେ ରହିଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ଲାଭ କରିବାର ସହଜ ସୁଯୋଗ ପାଏ ବୋଲି ସେ ଭାବନ୍ତି । ସୁତରାଂ ବୟଃକ୍ରମ ଚାଳିଶ ଟପି ଯାଇଥିଲେ ସୁଦ୍ଧା ସେ ଅବିବାହିତ । ତାଙ୍କ ଜୀବନରେ ବିବାହର ପ୍ରଶ୍ନହିଁ ନାହିଁ । କାମେଶ୍ୱର ବେଶ୍ ଆରାମରେ ଥାଆନ୍ତି – ବେଶ୍ ଆନନ୍ଦରେ କାଳ କାଟନ୍ତି । ଅଭାବ ନାହିଁ ସ୍ୱଭାବ ସୁନ୍ଦର, ଚରିତ୍ର କମନୀୟ । ଦୁଃଖୀର ଦୁଃଖ ମୋଚନ ପାଇଁ ସେ ମୁକ୍ତ-ହସ୍ତ । ଅଭାବଗ୍ରସ୍ତର ଅଭାବ ମେଣ୍ଟାଇବା ପାଇଁ ସେ ସବୁବେଳ ତତ୍ପର । ଅନେକ ଲୋକ ତାଙ୍କ ପାଖରେ ରହିଛି । ଅନେକ ଲୋକ ତାଙ୍କର ସାହାଯ୍ୟ ପାଇ ମଣିଷ ହୋଇଛନ୍ତି ।

ମାନ୍ଦ୍ରାଜ ପ୍ରଦେଶରେ ସଇଦାପେଟ ବୋଲି ଏକ ସହର । ସେଠାରେ Y.M.C.A. କଲେଜ । କାମେଶ୍ୱର ସେହି କଲେଜର ଜଣେ ଅଧ୍ୟାପକ । ଘର ଏକ ସମୟରେ ଗଞ୍ଜାମର ପାରଳାଖେମୁଣ୍ଡୀ ଅଞ୍ଚଳରେ ଥିଲା । ବର୍ତ୍ତମାନ ସେ ଘର ଏକ ଅନାଥାଶ୍ରମକୁ ଦାନ କରି

ଦେଇ ସେ ଏହି ସଇଦାପେଟ ସହରରେ ରହିଛନ୍ତି । ଗୋଟିଏ ନାରୀଜାତି ବିଧବାକୁ ଆଶ୍ରୟ ଦେଇ ପାଖରେ ରଖିଛନ୍ତି । ବିଧବାଟି ତାଙ୍କଠାରୁ ତିନି ଚାରି ବର୍ଷ ବଡ଼ । କାମେଶ୍ୱର ତାକୁ ମାଆ ପେଟର ଭଉଣୀ ପରି ମନେ କରନ୍ତି,—ସେ ମଧ୍ୟ କାମେଶ୍ୱରଙ୍କୁ ଗତ ଜନ୍ମର ସହୋଦର ବୋଲି ମନେ କରେ । ତାହାରି ଉପରେ ଗୃହର ଭାର । ବାହାରକୁ ସେ କାମେଶ୍ୱର ବାବୁଙ୍କର ଆଶ୍ରିତା । ପ୍ରକୃତରେ କହିବାକୁ ଗଲେ କାମେଶ୍ୱରହିଁ ତାର ଆଶ୍ରିତ ।

କିଛି ଦିନ ତଳେ କାମେଶ୍ୱର ଯାଇଥିଲେ ଉତ୍ତରାଞ୍ଚଳ ଭ୍ରମଣରେ । କଲିକତାରୁ ଫେରୁଥିଲେ ମାନ୍ଦ୍ରାଜ । ବିଦ୍ୟାଧର କାମେଶ୍ୱର ବାବୁଙ୍କ ସଂସାରଟିର ତୃତୀୟ ବ୍ୟକ୍ତି ହୋଇ ରହିଲା । ଏଇ କ୍ଷୁଦ୍ର ସଂସାରରେ ସେ ହେଲା ସ୍ନେହ ଓ ଶ୍ରଦ୍ଧାର ପାତ୍ର । ଘରର କଥା ସେ ଏକ ପ୍ରକାର ଭୁଲିଯିବାକୁ ଆରମ୍ଭ କଲା । ବାପାର ସ୍ମୃତିକୁ ସେ ମନରୁ ଏଡ଼ି ଦେଲା, ଭାଇର ସ୍ମୃତିକୁ ହୃଦୟର ଏକ କୋଣରେ ନେଇ ଅବହେଳିତ ଭାବରେ ଥୋଇ ଦେଲା, କିନ୍ତୁ ଏଡ଼ି ଦେଇ ପାରିଲା ନାହିଁ ଜଣଙ୍କର ସ୍ମୃତି । ସେ ହେଉଛି ତାର ମା, ତାର ସ୍ନେହମୟୀ, ଆଦରମୟୀ, ଜନ୍ମଦାତ୍ରୀ ମା ।

ଜୀବନରେ ଯଦି ବିଦ୍ୟାଧର କାହାରି ନିର୍ମଳ ସ୍ନେହ-ମମତା ଲାଭ କରିଥାଏ, ତେବେ ସେ ଏହି ନାରୀରୂପିଣୀ ଦେବୀ । ଘରେ ବାହାରେ ଯେତେବେଳେ ସମସ୍ତଙ୍କର ଅନାଦର ଆସି ତା ଉପରେ ଅଜସ୍ର ଧାରାରେ ବର୍ଷିଛି, ସେତେବେଳେ ଏଇ ଏକମାତ୍ର ନାରୀ ତାକୁ ଆଦର ଚକ୍ଷୁରେ ଦେଖିଛି । ତାର ମୁଖ ଚୁମ୍ବନ କରିଛି,ତାର ମର୍ମଦାହୀ ବିପଜ୍ଜ୍ୱାଳା ପ୍ରଶମନ କରିବାକୁ ଚେଷ୍ଟା କରିଛି । କି ସ୍ୱାର୍ଥଲେଶ-ହୀନ ସେ ଚେଷ୍ଟା, କେଡ଼େ ଅପାର୍ଥିବ କେଡ଼େ ଦୁର୍ଲ୍ଲଭ ସେ ବସ୍ତୁ । ତା

ମନେ ପକାଇ ବିଦ୍ୟାଧର ଆଖିକୁ ଲୁହ ଆସେ । ତାର ବିଚ୍ଛେଦ ତାକୁ ଅସହ୍ୟ ବୋଧହୁଏ । ସେ ଅସ୍ଥିର ହୋଇ ଉଠେ ।

କିନ୍ତୁ ବିଦ୍ୟାଧର ନିଜକୁ ସମ୍ଭାଳି ନିଏ । ମାଆର ମୂର୍ତ୍ତିଟିକୁ ସେ ଆତ୍ମା ଭିତରେ ରଖି, ପୂଜା କରି କରି ଜୀବନର ନୂଆ ରାସ୍ତାରେ ଚାଲେ । କାମେଶ୍ୱରଙ୍କ ଗଢଣଗଢ ତାକୁ ବଡ଼ ଭଲ ଲାଗେ । ତାଙ୍କର ଅମାୟିକ ସ୍ୱଭାବ ତାକୁ ଦିନକୁ ଦିନ ତାଙ୍କ ପାଖକୁ, ପାଖକୁ ଟାଣେ । କାମେଶ୍ୱରଙ୍କ ଗୃହଧାରୀ ବିଧବା ରମଣୀଟି ତାର ମାତୃସ୍ଥାନରେ ଅଧିଷ୍ଠିତା ହୋଇ ଉଠେ । ଅଶାନ୍ତିର ଅଗ୍ନିମୟ ବାତାବରଣରୁ ପଳାଇ ଆସି ସେ ଟିକିଏ ଶାନ୍ତିର ଶୀତଳ ଝରଣା କୂଳରେ ଆରାମ ଲାଭ କରେ ।

ସଇଦାପେଟକୁ ଆସିବାର ଛମାସ ପରେ ସେ ନିଜର ଠିକଣା ନ ଦେଇ ମା ପାଖକୁ ଖଣ୍ଡେ ଚିଠି ଦେଲା । ଲେଖିଲା—"ମା, ମୁଁ ଭଲ ଅଛି, ମୋ କଥା ଭାବିବୁ ନାହିଁ, ମୋ ପାଇଁ ମନରେ କଷ୍ଟ କରିବୁ ନାହିଁ । ମୁଁ ଯେଉଁଠି ଥିଲେ ତୋ'ର ପୁଅ, ତୁ ଯେଉଁଠି ଥିଲେ ମୋର ମା । ମୁଁ ସୁଖ ଶାନ୍ତିରେ ଅଛି, ଏତିକି ଜାଣି ତୁ ନିଶ୍ଚିନ୍ତ ରହିବୁ ।

ମାଆ ସେ ଚିଠି ପାଇଲା କି ନା ସେ ଜାଣେ ନାହିଁ । କିନ୍ତୁ ଚିଠିଟା ଲେଖି, ଆଉ ତାକୁ ମାଆ ଠିକଣାରେ ପଠାଇ ଦେଇ, ସେ ଯେପରି ପ୍ରାଣଟାକୁ ହାଲୁକା ବୋଧ କଲା ।

ଦେଖୁ ଦେଖୁ ବର୍ଷଟାଏ ପୂରିଗଲା । କାମେଶ୍ୱର ରାଓ ଦେଖିଲେ ପିଲାଟିକୁ ଯେ ସାଉଁଟି ଆଣିଲା ଭଳି ଆଣି ଖାଲି ନିଜ ଘରେ ଥୋଇ ଦେଇଛନ୍ତି । ସେଥିକରେ ଯେପରି ସେ ଋଣ ପାଶରୁ ମୁକ୍ତ । ସେ ଆଉ ଅଧିକ କିଛି କରିବାକୁ ଚେଷ୍ଟା କରି ନାହାନ୍ତି । ଚେଷ୍ଟା କରିବା ଦୂରେ

ଥାଉ, ତା ସେ ଥରେ ହେଲେ ଭାବିବାକୁ ମଧ୍ୟ ଯାଇ ନାହାନ୍ତି । କି ଅନ୍ୟାୟ ! କାମେଶ୍ବରଙ୍କ ମନରେ ଏ ଅନ୍ୟାୟର ଉପଲବ୍ଧିଟା ଦିନକୁ ଦିନ ଗୁରୁତର ଭାବରେ କୁହୁଳି ଉଠିଲା ।

ଦିନେ ଦ୍ୱିପ୍ରହର ସମୟରେ ବିଦ୍ୟାଧର ଗୋଟିଏ ଛୋଟ କୋଠରୀରେ ବିଛଣା ଖଣ୍ଡିଏ ପାରି ଦେଇ ତା ଉପରେ ନିଜର ଅଙ୍ଗ ମେଲି ଦେଇଛି, ଆଉ ଗୁଣୁ ଗୁଣୁ ସ୍ୱରରେ ଗାଉଛି ଗୋଟାଏ ଗୀତ । କାମେଶ୍ବର ହଠାତ୍ ମେଲା ଦୁଆର ଦେଇ ପଶି ଆସି କହିଲେ, 'ଆରେ, ବିଦ୍ୟାଧର ବାଃ ଗଳାଟି ତ ବେଶ୍ । ଗାଅ, ଗାଅ, ଲାଜ କାହିଁକି ?

ବହୁତ ଜିଦ୍ କରିବାରୁ, ବିଦ୍ୟାଧର ଗୀତଟା ଗାଇ ଶେଷ କଲା । ତା ପରେ ଆଉ ଏକ ଗୀତ, ତାପରେ ପୁଣି ଗୋଟାଏ, ପରେ ପରେ ତିନୋଟା ଗୀତ ଗାଇ ସେ ଶୁଣାଇଲା । କାମେଶ୍ବର ବଡ଼ ଖୁସି ହେଲେ । କହିଲେ—ସାବାସ୍, ଭଲ ବିଦ୍ୟାଟାଏ ହାସଲ କରିଛ ବିଦ୍ୟାଧର । ମୋର କିନ୍ତୁ ଏ ଜନ୍ମରେ ସେଟା ହେଲା ନାହିଁ । ମୁଁ ଏ ଯୁଗର ଗୋଟାଏ ବେତାଳ ପଞ୍ଚବିଂଶତି ।"

ଏହା କହି କାମେଶ୍ବର ଗୋଟାଏ ଢୋଟକ ହାସ୍ୟ ଆରମ୍ଭ କରି ଦେଲେ । ତା ପରେ ସେ ସ୍ନିଗ୍ଧ କଣ୍ଠରେ କହିଲେ "ଅଚ୍ଛା, ବନ୍ଧୁ, କିଛି ଖେଳ କସରତରେ ଦଖଲ ଅଛି ?"

ବିଦ୍ୟାଧର ନମ୍ର ମୁଖରେ ଉତ୍ତର ଦେଲା—ସେ ଇସ୍କୁଲରେ ପଢୁଥିବା ବେଳେ ବାର୍ଷିକ ସ୍ପୋର୍ଟସରେ ଥରେ ଦୁଇଥର ଚାମ୍ପିଅନ ହୋଇଛି ।

କାମେଶ୍ବର ବିସ୍ମାରିତ ନେତ୍ରରେ କହିଲେ—ସତେ ?

ତଦନନ୍ତର ସେ ବିଦ୍ୟାଧର ପାଖକୁ ଯାଇ ଅଦ୍ଭୁତ ଆଦେଶ ଦେଲେ । 'ତୁମ ଦେହରେ ଯେତେ ଜୋର ଅଛି ସମସ୍ତ ପ୍ରୟୋଗ କରି

ଏ ଦକ୍ଷିଣ ବାହୁ ମୂଳରେ ଗୋଟାଏ ମୁଷ୍ଟ୍ୟାଘାତ କର ତ । ବିଦ୍ୟାଧର ତା ଶୁଣି କାବା । ଏ କି ବିଚିତ୍ର ଆଦେଶ ! ମୃଦୁ ହାସ୍ୟର ଛଟା ତା ଓଷ୍ଠ ପ୍ରାନ୍ତରେ ଚମକି ଉଠିଲା । କିନ୍ତୁ କାମେଶ୍ୱର ନିର୍ଘେଷବନ୍ଦା । କହିଲେ - ଲଗାଅ, ଲଗାଅ । ଲଜ୍ଜା-ଭୟ କଣ ?

ବିଦ୍ୟାଧର ଦାନ୍ତ କାମୁଡ଼ି କାମେଶ୍ୱରଙ୍କ ବାହୁମୂଳରେ ଗୋଟାଏ ପ୍ରଚଣ୍ଡ ମୁଷ୍ଟି ପ୍ରହାର କରି ଦେଲା ।

କାମେଶ୍ୱର କହିଲେ—ସାବାସ ବିଦ୍ୟାଧର । ତାକତ୍ ଅଛି ଦେଖିଲି !

ପର ଦିନ ବିଦ୍ୟାଧରକୁ ଡାକି ସେ ତାର ଖେଳ କସରତର ପଟୁତା ବିଶେଷ ଭାବରେ ପରୀକ୍ଷା କରି ନେଲେ Y.M.C.A. କଲେଜ ପ୍ରାଙ୍ଗଣରେ ।

ସପ୍ତାହକ ପରେ ବିଦ୍ୟାଧରର ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ଆରମ୍ଭ ହେଲା । ଜଣେ ପ୍ରବୀଣ ଗୃହ ଶିକ୍ଷକ ନିଯୁକ୍ତ ହେଲେ । ପରୀକ୍ଷାରେ ପାସ କରେଇବା ପାଇଁ ନୁହେଁ, ଯୋଗ୍ୟତା ହାସଲ କରେଇବା ପାଇଁ ସେ ତାର ଅଧ୍ୟାପନାର ଭାର ନେଲେ ।

ତାଙ୍କର ସ୍ୱତନ୍ତ୍ର ପାଠ-ତାଲିକା, ସ୍ୱତନ୍ତ୍ର ପଦ୍ଧତି, ସ୍ୱତନ୍ତ୍ର ଷ୍ଟାଣ୍ଡାର୍ଡ । ତାଙ୍କ ତୁଣ୍ଡରୁ ବିଦ୍ୟାଧର 'ହୁଣ୍ଡା', 'ବୋକା', 'ଗଧ', 'ବିଲବିଲ୍ଲ' ଇତ୍ୟାଦି ପଦ ଶୁଣେ ନାହିଁ । ବରଂ ଶୁଣେ ଗମ୍ଭୀର ସହାନୁଭୂତିସୂଚକ କଥା, ମିଷ୍ଟବାଣୀ, ମନକିଣା ମଧୁରାଳାପ । ହସି ହସି ସେ ଦୋଷ ସଂଶୋଧନ କରିଦିଅନ୍ତି । କେତେବେଳେ ନିରାଶ ହେବାକୁ ଦିଅନ୍ତି ନାହିଁ । ବେଳେ ବେଳେ ପ୍ରଶଂସା କରନ୍ତି । ବିଦ୍ୟାଧରର ପାଠ ପ୍ରତି ଭୟ ତୁଟିଯାଏ । ଶ୍ରଦ୍ଧା ଆସେ । ସେ ବୁଝି ପାରେ, ସେ ହୁଣ୍ଡା ନୁହେଁ, ତାର ବେଶ ବୁଦ୍ଧି ଅକଲ ଅଛି ।

ଶିକ୍ଷକ ମଧ୍ୟ ସେ ଦିଗରେ ତାକୁ ଉତ୍ସାହିତ କରନ୍ତି । ତାଙ୍କର ଅସୀମ ଧୈର୍ଯ୍ୟ, ଅପରିସୀମ ସ୍ନେହ, ସୌଜନ୍ୟ ଓ ସହାନୁଭୂତି ବଳରେ ସେ ସମସ୍ତ ଦୁର୍ବଳତାକୁ ସଜାଡ଼ି ଦେଇ ପାରନ୍ତି, ଭଙ୍ଗାକୁ ଯୋଡ଼ି ଦେଇ ପାରନ୍ତି, ମର୍କଟକୁ ମଣିଷ କରି ପାରନ୍ତି ।

ଏପରି ଜଣେ ଦକ୍ଷ କାରିଗର ହାତରେ ପଡ଼ି ବିଦ୍ୟାଧର ସୁନ୍ଦର ହୋଇ ଗଢି ଉଠିଲା । ଦି'ମାସ ପରେ ଦେଖାଗଲା, ବିଦ୍ୟାଧର କିଛି ବିଦ୍ୟାର୍ଜନ କରି ପାରିଛି । ସେ ପୂର୍ବ ପରି ଆଉ ଗଙ୍ଗାଧର ପଣ୍ଡିତଙ୍କ 'ଗଣ୍ଡ ଭୈରବ' ହୋଇ ରହି ନାହିଁ ।

ପରବର୍ଷ କଲେଜ ସେସନ ଆରମ୍ଭବେଳେ ବିଦ୍ୟାଧର ଗୋଟାଏ ପ୍ରବେଶିକା ପରୀକ୍ଷା ଦେଇ ପ୍ରଥମ ପାଞ୍ଚ ଜଣଙ୍କ ଭିତରେ ସ୍ଥାନ ପାଇଗଲା । ଅବଶେଷରେ ସେ ହୋଇଗଲା Y.M.C.A. କଲେଜର ଛାତ୍ର । ବିଦ୍ୟାସ୍ଥାନ ବିଦ୍ୟାଧରର ଆନନ୍ଦର ସୀମା ରହିଲା ନାହିଁ। ଏକ ନୂତନ, ମଧୁମୟ, ମଙ୍ଗଳମୟ ବେଷ୍ଟନୀ ଭିତରକୁ ଆସି ତାର ଶୁଷ୍କ ନୀରସ ଜୀବନ-ବଲ୍ଲରୀଟି ଯେପରି କଅଁଳି ଉଠିଲା । ଅଜି ତାର ଜୀବନର ବାତାବରଣ ସମ୍ପୂର୍ଣ୍ଣ ଭିନ୍ନ । ତାର ଉତ୍ସାହର ଅନ୍ତ ନାହିଁ। ପ୍ରାଣରେ ତାର ଏକ ଅପୂର୍ବ ତେଜ । ଚିତ୍ତରେ ଅପୂର୍ବ ଉନ୍ମାଦନା ।

ଦିନ ପରେ ଦିନ କଟିଗଲା । ବିଦ୍ୟାଧର କଲେଜରେ ଖୁବ୍ ଭଲ ଫଳ ଦେଖେଇଲା । ଖୁବ୍ ସୁନାମ ଅର୍ଜ୍ଜନ କଲା । ଅବଶେଷରେ ସେ ପ୍ରଥମ ସ୍ଥାନ ଅଧିକାର କରି କଲେଜରୁ ଉତ୍ତୀର୍ଣ୍ଣ ହେଲା ।

ସେ ଥର ଭାରତ ସରକାର କେତେଜଣ କୃତୀ ଛାତ୍ରଙ୍କୁ ବୃତ୍ତି ଦେଇ ଇଂଲଣ୍ଡ ପଠେଇବାର କଥା । ଶାରୀରିକ ଶିକ୍ଷା ବିଜ୍ଞାନରେ ତାଲିମ ହେବା ପାଇଁ ଦୁଇଜଣଙ୍କୁ ପଠାଯିବ । କାମେଶ୍ୱର ରାଓ ବିଦ୍ୟାଧର ପାଇଁ ଯୋଗାଡ଼ ଯନ୍ତ୍ରରେ ଲାଗିଗଲେ । ନିଜର କୃତିତ୍ୱ

ବଳରେ ଓ କାମେଶ୍ବରଙ୍କ ଚେଷ୍ଟା ଫଳରେ ବିଦ୍ୟାଧର ବୃତ୍ତି ପାଇଲା। କାମେଶ୍ବର ମଧ୍ୟ ପ୍ରଚୁର ଅର୍ଥ ସାହାଯ୍ୟ କଲେ। ବିଦ୍ୟାଧରର ବିଲାତ ଯିବାର ଦିନ ନିକଟ ହୋଇ ଆସିଲା।

ଯିବା ଆଗରୁ ତାର ଇଚ୍ଛା ହେଲା—ଥରେ ଯାଇ ଲୁଚି କରି ସେ ମାଆକୁ ଦେଖି ଆସନ୍ତା। କିନ୍ତୁ ଅନେକ କାରଣରୁ ତା ହୋଇ ପାରିଲା ନାହିଁ। ବିଦ୍ୟାଧର ମନେ ମନେ କହିଲା—ଥାଉ, ବିଲାତରୁ ଫେରି ସେ ପ୍ରଥମେ ମାଆର ଚରଣ-ରେଣୁ ମସ୍ତକରେ ଧାରଣ କରି, ତା ପରେ ଅନ୍ୟ ଯାତ୍ରା କରିବ।

ବିଲାତରେ ବିଦ୍ୟାଧରକୁ ପ୍ରାୟ ଦୁଇ ବର୍ଷ କଟାଇବାକୁ ପଡ଼ିଲା। ଶିକ୍ଷା ସମାପ୍ତ କରି ପ୍ରଶଂସାର ସହିତ ଯୋଗ୍ୟତା ଅର୍ଜନ କରି ସେ ସ୍ବଦେଶକୁ ଫେରିଲା। ଫେରିବାର କିଛି ଦିନ ଆଗରୁ ସେ ଗୋଟାଏ ନିଯୁକ୍ତି ଲାଭ କରି ସାରିଥିଲା। ଏକ ବଡ଼ ଧରଣର ଚାକିରି। 'Chief Organiser of Physical Education, Madras'.

ଏ ନିଯୁକ୍ତିରେ କାମେଶ୍ବରଙ୍କର ହାତ ଥିଲା। ଏଥିପାଇଁ ତାଙ୍କୁ ଅନେକ ବଡ଼ ବଡ଼ ସରକାରୀ କର୍ମଚାରୀଙ୍କୁ ଧରିବାକୁ ପଡ଼ିଲା,—ଅଜସ୍ର ଅର୍ଥ ମଧ୍ୟ ଶ୍ରାଦ୍ଧ କରିବାକୁ ହୋଇଚି।

ବିଲାତ ତ୍ୟାଗ କରିବା ପୂର୍ବରୁ ବିଦ୍ୟାଧର ମନସ୍ଥ କଲା—ବମ୍ବେରେ ଓହ୍ଲାଇ ମାନ୍ଦ୍ରାଜ ଯିବା ରାସ୍ତାରେ ସେ ଥରେ ମାଆର ଚରଣ ଦର୍ଶନ କରିବାର ସୁଯୋଗ ଗ୍ରହଣ କରିବ। ଥରେ ମାଆର ଚରଣ ଧୂଳିରେ ଦେହଟି ପୁଲକିତ ହୋଇ ଉଠିବ, ଯଦି ମାଆ ରାଜି ହୁଏ, ତେବେ ତାଙ୍କୁ ସଙ୍ଗରେ ନେଇ ମାନ୍ଦ୍ରାଜ ଅଭିମୁଖରେ ଚାଲିବ।

ଘରଢିରେ ପାଦ ଦେଇ ବିଦ୍ୟାଧର ସେହି ସଂକଳ୍ପ କାର୍ଯ୍ୟରେ ପରିଣତ କରିବାକୁ ଗଲା । ପ୍ରାଣର ଅସମ୍ଭାଳ ଆବେଗ ନେଇ ସେ ଆସି ତାର ପୈତୃକ ବାସ ଭୂମିରେ ଉପସ୍ଥିତ ହୋଇଗଲା । ହାତରେ ଖଣ୍ଡିଏ ଚମଡ଼ା ସୁଟକେଶ ମାତ୍ର । ଆଉ ସବୁ ଜିନିଷ ସେ ମାଦ୍ରାଜରୁ ବୁକ୍ କରି ଦେଇଛି ।

ବେଳ ପ୍ରାୟ ଦୁଇଟା, ଖର ଟାଣ ଖରା । ଗାଁର ଲୋକେ ଖାଇ ପିଇ ବିଶ୍ରାମରତ । ଗାଁଟା ଏକ ପ୍ରକାର ନିର୍ଜନ । ପ୍ରାୟ ପ୍ରତି ଘରର ସଦର ଦ୍ୱାର ବନ୍ଦ ।

ବିଦ୍ୟାଧର ନିଜର ପୈତୃକ ବାସଭବନ ସମ୍ମୁଖରେ ଆସି ଛିଡ଼ା ହେଲା । ଏ କଣ ? ଦୁଆରରେ ତାଲା ପଡ଼ିଛି । ଭାବିଲା— ଘରେ କେହି ନାହାନ୍ତି ପରା ।

ବିଦ୍ୟାଧର ପାଞ୍ଚ ମିନିଟ କାଳ ଘରକୁ ଅନେଇ ଛିଡ଼ା ହେଲା । ତାର ଅନ୍ତସ୍ଥଳ ଭିତରେ କି ଗୋଟାଏ ଅନିର୍ବଚନୀୟ ଶୂନ୍ୟତା ଆସି ଧକ୍କା ଦେଲା । ମନେ ହେଲା ଯେପରି ଚିର ପରିଚିତ ବାସଗୃହ ନିକଟରେ ସେ ଆଜି ଅଚିହ୍ନା । ସେ ଯେପରି ସେଗୃହରେ କେହି ନୁହେଁ,— ସେ ଯେପରି ସାତ ପରଠାରୁ ହୀନ ।

ବିଦ୍ୟାଧର ଚାରିଆଡ଼କୁ ଚାହିଁଲା । କେହି କୁଆଡ଼େ ନାହିଁ । ଧୀରେ ଧୀରେ ସେ ସ୍ଥାନ ତ୍ୟାଗ କରି ରାସ୍ତା ଉପରକୁ ଆସିଲା । ରାସ୍ତା କଡ଼ରେ ଗୋଟିଏ ନିମ୍ବ ଗଛ । ବିଦ୍ୟାଧର ତାହାର ମୂଳରେ ସୁଟକେଶ୍ ଖଣ୍ଡିକ ରଖି ଦେଇ ଗଛକୁ ଆଉଜି ଟିକିଏ ଛିଡ଼ା ହେଲା ।

ଅଳ୍ପ ସମୟ ପରେ ଗୋଟିଏ ବୁଢ଼ୀ ସ୍ତ୍ରୀଲୋକ ସେହି ବାଟ ଦେଇ ଆସିଲା । ବିଦ୍ୟାଧର ତାକୁ ଚିହ୍ନେ ନାହିଁ, କିନ୍ତୁ ପିଲା

ଦିନେ ସେ ତାକୁ ଦୁଇ ଚାରି ଥର ଦେଖିଛି । ସ୍ତ୍ରୀ ଲୋକଟିର ଘର ଖଣ୍ଡେ ଗାଁ ଛାଡ଼ି । ସେ ତାକୁ ପଚାରିଲା—ମାଉସୀ, ଚିହ୍ନିଏ ଶୁଣିବକି ?

ବିଦ୍ୟାଧର ସ୍ତ୍ରୀ ଲୋକଟିଠାରୁ ଏକ ମର୍ମନ୍ତୁଦ ସମ୍ବାଦ ପାଇଲା । ତାର ମା ଆଉ ଏ ଜଗତରେ ନାହିଁ । କଥାଟା ଶୁଣିଲା ମାତ୍ରେ ତାର ବୁକୁ ଭିତରଟା ହଠାତ୍ ଯେପରି ପୋଡ଼ି ଛାରଖାର ହୋଇଗଲା । ହାୟ୍ ହାୟ୍ । ସେ ଯାହାର ଚରଣ ଧୂଳିଟିକ ମଥାରେ ବୋଳିବା ପାଇଁ ଏତେ ସତ୍ୱରରେ ଧାଇଁ ଆସିଥିଲା, ସେଇ ମା ତାର ଆଉ ନାହିଁ— ହତଭାଗ୍ୟ ସେ, ଆଜ ବିଧାତା ତାକୁ ଚିରଦିନ ପାଇଁ ଆଖି ଆଗରୁ ଲୁଚାଇ ରଖିଲା ।

ସ୍ତ୍ରୀଲୋକଟିଠାରୁ ସେ ଶୁଣିଲା ସମସ୍ତ କଥା । ସ୍ତ୍ରୀଲୋକଟି କହିଲା—ବାପା, ମାସ ଗୋଟାଏ ହବ କି ନାହିଁ, ବିଦା-ବୋଉର କାଳ ହୋଇଗଲା । ବିଦାକୁ ଝୁରି ଝୁରି ତା ପ୍ରାଣ ବାହାରି ଗଲା । ଟୋକାଟା ଯେଉଁ ଦିନରୁ ପଳେଇଗଲା, ସେଇ ଦିନରୁ ସେ ଅନ୍ନ ଛାଡ଼ି ଦେଇ ବସିଥିଲା ।

ବିଦ୍ୟାଧରର ଆଉ ଅଧିକ କିଛି ଶୁଣିବାକୁ ମନ ହେଲାନାହିଁ । ଆଖିର ଲୁହ ଅସମ୍ଭାଳ ହୋଇ ଉଠିଲା । ତାର ପ୍ରାଣ ଅସ୍ଥିର ହେଇ ପଡ଼ିଲା ପଳେଇ ଯିବା ପାଇଁ ।

ସ୍ତ୍ରୀ ଲୋକଟି ଶୁଣି କହିଲା—ହେଲେ, ବାପା, ପୁଅ ଖଣ୍ଡେ ଦେଖିଲି ରଙ୍ଗାଧର । ମାଆର ଢେର ଢେର ସେବା କରିଚି । ମାଆର କାଳ ହବାର ମାସକ ଆଗରୁ ଚାକିରିରୁ ଛୁଟି ନେଇ ଆସି ପହଞ୍ଚିଗଲା । ବହୁତ ଡାକ୍ତର ବଇଦ ଲଗେଇଲା—ଔଷଧ ମୌଷଧ ଦେଲା,

ମାଅର ଷୋଡ଼ଶ ଦାନ ଦେଇ ଢେର ଢେର କଉଡ଼ି ସାରିଲି, ମାଅର କ୍ରିୟାଟିକୁ ଭଲ କରି କଲି, ଏବେ ବାପକୁ ସାଙ୍ଗରେ ନେଇ ଯାଉଚି ଚୁକଶି ଜାଗାକୁ ଚାଲି । ବଡ଼ ଭଲ ପିଲା ବାପା, ବଡ଼ ଭଲ ପିଲା ।

କଥା ଗୁଡ଼ାକ ଶୁଣି ବିଦ୍ୟାଧରର ଦୁଃଖରେ ବି ଆନନ୍ଦ ଆସିଲା । ବୁକୁ ଗର୍ବରେ ଫୁଲି ଉଠିଲା । ରଙ୍ଗାଧର ଯେ ତାର ଭାଇ । କିନ୍ତୁ କ୍ଷଣେ ପରେ ବିଦ୍ୟାଧର ସୁଟ୍‌କେଶ ଖଣ୍ଡିକ ତଳୁ ଉଠାଇ ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ଚାଲିଲା । ସମସ୍ତ ତାକୁ ଶୂନ୍ୟ ଜଣାଗଲା । ଯଥା ସମୟରେ ଷ୍ଟେସନରେ ପହଞ୍ଚି ସେ ରେଲଗାଡ଼ି ଧରିଲା ।

ମାନ୍ଦ୍ରାଜ ମେଲର ପ୍ରଥମଶ୍ରେଣୀ କୋଠରୀରେ ବସି ବିଦ୍ୟାଧର ଦୁଇ ଠୋପା ଲୁହ ଅଖିରୁ ଗଡ଼ାଇ କହିଲା—"ଧନ୍ୟ ରଙ୍ଗାଧର ।"

ଜୀବନର ଦୁଃଖ

ବାରବାର ମନେ ପଡ଼େ, ତିଲୋତ୍ତମା ଦେଈଙ୍କର ଗୋଟାଏ କଥା । ବାହା ହୋଇ ଶାଶୁଘର ମାଡ଼ିଲା ପରେ ତିନିବର୍ଷ କଟିଯାଇଥାଏ । ଏହି ତିନିବର୍ଷ ଭିତରେ ବୋହୂର ପୁଅ ଝିଅ ନହେବାର ଦେଖି ଶାଶୁ ସରସ୍ୱତୀ ଦେଈଙ୍କ ମନରେ ଭାରି ଦୁଃଖ । କେତେ ଆନନ୍ଦରେ ପୁଅ ବାହା କରି ଘରକୁ ଆଣିଥିଲେ ଚନ୍ଦ୍ରଉଦଅ ପରି ବୋହୂଟିଏ—ରୂପରେ ଉପମା ଦେବାକୁ ନାହିଁ, ଦେଖିବାକୁ ଦୁର୍ଗାମୂର୍ତ୍ତି—ଗୁଣରେ ବି ଊଣା ନୁହେଁ—ଶାଶୁ ଶଶୁରଙ୍କ ସେବା କରିବାଠାରୁ ଘରସଂସାର ସମ୍ଭାଳିବା ପର୍ଯ୍ୟନ୍ତ ସବୁଥିରେ ଧୁରନ୍ଧର । ହେଲେ କଣ ହେବ ? ବର୍ଷେ ଯାଇ, ଦିବର୍ଷ ଯାଇ, ତିନିବର୍ଷ ଗଲା, ପୁଅ ଝିଅଟିଏ କୋଡ଼ ଭରିଲା ନାହିଁ—ହାୟରେ କପାଳ !

ସରସ୍ୱତୀ ଦେଈ ଜ୍ୟୋତିଷ ଡାକି ଜାତକ ଦେଖେଇଲେ । ଜ୍ୟୋତିଷ ଠିକଣାଙ୍କ କରି ଗଣନା କଲେ, ବହୁତ ଖଡ଼ି ଘଷିଲେ,

ବହୁତ ଅଙ୍କ କଷିଲେ, ଶୋଳକ ସୂତ୍ର ଅଭିଡ଼ିଲେ, ଶେଷରେ କହିଲେ, ଦେଖ ମା ! ଟିକିଏ ଗ୍ରହଦୋଷ ରହିଯାଇଚି, ଚାରିବର୍ଷ-ଯାଏଁ ଗଛରେ ଫଳ ଫଳିବନାହିଁ । ଖାଲି ଚାରିଟା ବର୍ଷ ସହି ସମ୍ଭାଳି ରହିଯାଅ, ତେଣିକି ଦେଖିବ, ବୋହୂ ସପ୍ତ ପାଞ୍ଚ ପୁଅ ତିନି ଝିଅର ମା ନହେବ, ଏପାଞ୍ଜି ପାଞ୍ଜି ନୁହେଁ, ଦାମ ନାହାକର କଥା କଥା ନୁହେଁ ।

ସେ ଦିନ ସରସ୍ୱତୀ ମନକୁ ଆଶ୍ୱାସନା ଦେଇ କହିଥିଲେ, ହଉ, ହଉ; ତିନିବର୍ଷ ତ ଗଲା, ଆଉ ବର୍ଷଟାଏ ପାଇଁ କଣ ଅଛି !—ଭାଲି ଯର ଗଡ଼ି ପଡ଼ିବ, ଭଗବାନ ବଞ୍ଚାଇ ରଖନ୍ତୁ, ପୁଅ ବୋହୂଙ୍କୁ ପରମାୟୁ ଦିଅନ୍ତୁ, ଦିନେ ହେଲେ ପୁଅଝିଅରେ କୋଳ ହସିଉଠିବ ।

କିନ୍ତୁ ସେତ ମଣିଷର ଆଶା ! ବିଧାତାର କୃପା ସହିତ ତା ଯଦି ସମାନ ତାଳ ପକେଇ ଚାଲିପାରୁଥାନ୍ତା, ତେବେ ଦୁନିଆରେ ଏତେ ନୈରାଶ୍ୟ ନଥାନ୍ତା ।

ସରସ୍ୱତୀଙ୍କ ଆଶା ପୂରିବା ଦୂରେଥାଉ, ଛମାସ ପୂରିଛି କି ନାହିଁ, ବିଧାତା ସରସ୍ୱତୀଙ୍କୁ ଦୁନିଆରୁ ପୋଛିନେଲା । ବର୍ଷକ ଭିତରେ ଦାମ ଭାଉଜ ବି ଖସିଗଲେ । ଚାରିବର୍ଷ ଯାଇ ପୁରା ଯୁଗଟାଏ ବି ବିତିଗଲା । ତିଳୋତ୍ତମା ଦେଈଙ୍କ କୋଳକୁ ସନ୍ତାନ ଆସିଲା ନାହିଁ,—କଣା କୁଜା ହୋଇ ପିଲାଟିଏ ବି ଦେଖାଦେଲା ନାହିଁ ।

ବାହାବେଳକୁ ତିଳୋତ୍ତମାଙ୍କ ବୟସ ହୋଇଥିଲା ଅଠର । ତା ପରେ ଗୋଟିକପରେ ଗୋଟିଏ ପନ୍ଦରବର୍ଷ ଆସି ବିତିଗଲା,—ଖାଲି ଆଖିର ତତଲା ଲୁହରେ, ବୁକୁର ହାହାକାର ଧ୍ୱନିରେ, ନୈରାଶ୍ୟର ନିଃଶ୍ୱାସରେ । କୁଳର ଭରସା ତୁଟିଲା । ଦୁନିଆ ଚକ୍ଷୁରେ ତିଳୋତ୍ତମା ହେଲେ ଧୂଣ୍ୟା—ସକାଳୁ ଉଠି ଯାହାର ମୁହଁ ଚାହିଁଲେ ଲୋକରେ ହୁଏ ଅପଯଶ, ଆଉ ଅମଙ୍ଗଳ ।

ଅନ୍ୟ ଦିଗରୁ ଦେଖିବାକୁ ଗଲେ ତିଲୋତ୍ତମା ଦେଈଙ୍କର ସଂସାରଟି ଥିଲା ସୁଖର ସଂସାର । ଧନ-ଧାନ୍ୟ, ପଇସା-କଉଡ଼ିର ଅଭାବ ନଥିଲା । ସ୍ୱାମୀ ବୀରଭଦ୍ର ଦାସଙ୍କର ଥିଲା ସ୍ତ୍ରୀ ଉପରେ ଅପରିସୀମ ସ୍ନେହ । ତିଲୋତ୍ତମାଙ୍କୁ ଦିନେ ହେଲେ ସେ କଡ଼ା କଥା କହି ନାହାନ୍ତି । ସ୍ତ୍ରୀ ସ୍ୱାମୀ ହେଇ ଘର କରିଥିଲେ କେତେବେଳେ କେତେ କଥା । ଏମିତ ଘର ବି ଅଛି—ଯେଉଁଠି ଦିନ ରାତି ଲୁଣ୍ଡି ବାଜେ । ହେଲେ ବୀରଭଦ୍ରଙ୍କ ସଂସାରଟି ଥିଲା ତାର ଠିକ୍ ବିପରୀତ । କଳି ନାହିଁ, ଝିକରାଳ ନାହିଁ, ଦିନଗୁଡ଼ିକ ଶାନ୍ତିରେ କଟିଯାଏ । ତିଲୋତ୍ତମା ସ୍ୱାମୀଙ୍କ ମନ ନେଇ ଚଳନ୍ତି, ସ୍ୱାମୀ ତିଲୋତ୍ତମାଙ୍କ ମନରେ ବିରକ୍ତି ଆଣିବା ଭଳି କାମ କରନ୍ତି ନାହିଁ । ଦୁହିଁଙ୍କ ଭିତରେ ଅଖଣ୍ଡ ପ୍ରୀତି, ଅଭାବନୀୟ ମନର ମେଳ । ପାରାବତ ଦମ୍ପତି ପରି ପରସ୍ପର ପରସ୍ପରକୁ ଆଦର ଦିନାତିପାତ କରନ୍ତି ।

ଶାଶୁ ସରସ୍ୱତୀ ଦେଈ ବଞ୍ଚିଥିବା ବେଳେ ବୋହୂ ତିଲୋତ୍ତମା ଥିଲେ ତାଙ୍କର ପ୍ରାଣର ପ୍ରତିମା, ନୟନର ମଣି, ହୃଦୟର ହାର । ସରସ୍ୱତୀଙ୍କର ସନ୍ତାନ ବୋଇଲେ ଗୋଟିଏ ବୋଲି ପୁଅ, ବୀରଭଦ୍ର । ଆଉ ପିଲା ପିଲି ନଥିଲେ । ବଅସ ଥିଲା ବେଳେ ସରସ୍ୱତୀ କହୁଥିଲେ, ହେ ପ୍ରଭୁ, ମୋର ଆଉ ପୁଅର ଦରକାର ନାହିଁ, ଏଇ ଝିଅଟିଏ ଦେଇ, ଯାରି ଉପରେ ତୁମର ସୁନଜର ପଡ଼ୁ । ହେ କାଳିଆ ସାଆନ୍ତ ! ଆଉ ଯଦି ଦୟା କରିବାକୁ ମନ, ତେବେ ଏ କୋଳକୁ ଝିଅ ଝିଅଟିଏ ଦିଅ, ଆଉ ବେଶୀ ମୋର ଲୋଡ଼ା ନାହିଁ ।

କିନ୍ତୁ କାଳିଆ ସାଆନ୍ତଙ୍କର ସେ ଦିଗରେ କୃପା ହେଲା ନାହିଁ । ସରସ୍ୱତୀ ପାଇଲେ ନାହିଁ କୋଳକୁ ଝିଅଟିଏ । ହେଲେ, ସେ ଅଭାବ ଦୂର ହୋଇଥିଲା ପୁଅ ବୀରଭଦ୍ରର ବିବାହ ପରେ । ମନଲାଖି

ବୋଧହୁଏ ତିଲୋତ୍ତମା ଯେତେବେଳେ ଲକ୍ଷ୍ମୀଠାକୁରାଣୀ ପରି ଆସି ଘରେ ପଶିଗଲେ, ସେତେବେଳେ ସରସ୍ୱତୀ ଦେଈଙ୍କର ପଡ଼ିଗଲା ତାଙ୍କ ଉପରେ ଅମୃତଦୃଷ୍ଟି । ଯେଉଁ ଝିଅଟିଏ ପାଇଁ ସରସ୍ୱତୀଙ୍କ ଆତ୍ମା ଏତେକାଳ ବ୍ୟାକୁଳ ହୋଇ ରହିଥିଲା, ସେଇ ଝିଅ ମୂର୍ତ୍ତି ଧରି ଆସିଲେ ତିଲୋତ୍ତମା । ଅଠର ବର୍ଷର କଅଁଳ ଚେହେରା,—ପ୍ରଭାତ-କଇଁଟି ପରି ସୁନ୍ଦର ମୁହଁ, ହସ ହସ ଅଧର, ପାଦଦୁଇଟି ଅବିକଳ ଲକ୍ଷ୍ମୀପାଦ । ସରସ୍ୱତୀଙ୍କ ପ୍ରାଣ ପୂରି ଉଠିଲା । ମା' ଆଜି ତାର ଝିଅ ପାଇଲା । ହୃଦୟର ଅବାରିତ ସ୍ନେହଧାରା ନେଇ ସରସ୍ୱତୀ ଟାଣି ଆଣିଲେ ତାଙ୍କୁ ନିଜର ବକ୍ଷ ଉପରକୁ । ଆଉ ଯୁବତୀର କାଞ୍ଚନମୟ ଲଲାଟପଟରେ ଆଙ୍କି ଦେଲେ ଗୋଟିଏ ଅପୂର୍ବ ମମତାଭରା ଚୁମ୍ବନ । ସେହି ଦିନଠାରୁ ତିଲୋତ୍ତମା ହେଲେ ସରସ୍ୱତୀ ଦେଈଙ୍କର ପ୍ରାଣର "ତିଳ" । ସରସ୍ୱତୀ ସ୍ୱପ୍ନ ଦେଖିଲେ, କାଳକ୍ରମେ ତିଳର ହେବେ ପୁତ୍ରକନ୍ୟା, କୁଳ ବଢ଼ି ଉଠିବ, ଗୃହ ମୁଖରିତ ହେବ ପୁତ୍ରକନ୍ୟାର କଳରବରେ ।

ହାୟ ! ହାୟ ! ସେ ସ୍ୱପ୍ନ ଖାଲି ସ୍ୱପ୍ନରେ ରହିଗଲା । ତିଲୋତ୍ତମା ହୋଇରହିଲେ ଚିରବନ୍ଧ୍ୟା । ତିଲୋତ୍ତମାଦେଈଙ୍କ ଖୁଡ଼ତାଝିଅ ଭଉଣୀର ନାଁ ଚନ୍ଦ୍ରଲେଖା । ଚନ୍ଦ୍ରଲେଖା ହଠାତ୍ ଦିନେ ଆସି ତିଲୋତ୍ତମାଙ୍କ ଘରେ ଉପସ୍ଥିତ ହେଲେ । ସାଙ୍ଗରେ ସ୍ୱାମୀ, କାଖରେ ଦେଢ଼ବର୍ଷର ଶିଶୁପୁତ୍ର, ପଛରେ ଗୋଟିଏ ଦାସୀ ।

ସ୍ୱାମୀ ଦିମାସ ଛୁଟିନେଇ ଘରକୁ ଫେରୁଛନ୍ତି । ବାଟରେ ତିଲୋତ୍ତମାଙ୍କ ଘର । ତିଳଅପାଙ୍କୁ ଥରେ ଦେଖାକରି ନଯିବାଟା ବଡ଼ ଅସୁନ୍ଦର କଥାହେବ । ତେଣୁ ସ୍ୱାମୀଙ୍କୁ ନେଇ ଦିନକ ପାଇଁ ସେ ଆସିଛନ୍ତି । ଅନେକ ଦିନରୁ ଦେଖା ହୋଇନାହିଁ । ପାଞ୍ଚ ଛବର୍ଷ ତଳର କଥା, ସେତେବେଳେ ଚନ୍ଦ୍ରଲେଖା ଥିଲେ କୁମାରୀ,

ବର ଖୋଜା ଚାଲିଥାଏ । ଆଜି ସେ ବିବାହିତା, ଖାଲି ବିବାହିତା ନୁହେଁ, ସନ୍ତାନବତୀ ।

ଗୋଟିଏ ପୁଅଟିକୁ କାଖେଇ ଚନ୍ଦ୍ରଲେଖା ପୁର ଭିତରକୁ ପଶି ଆସିଲେ । ତିଲୋତ୍ତମା ଘର କାର୍ଯ୍ୟରେ ବ୍ୟସ୍ତ ଥିଲେ । ଚନ୍ଦ୍ର ଡାକିଲେ —"ତିଳଅପା !"

ତିଲୋତ୍ତମା ଚମକି ପଡ଼ି ଘରର ବାହାରକୁ ଆସି ଠିଆହୋଇଲେ ।

"ଏଁ ! ଏଁ ! କିଏଲୋ ? ଚନ୍ଦ୍ର ?

ଚନ୍ଦ୍ରଲେଖା ପୁଅକୁ କାଖରୁ ଓହ୍ଲାଇଦେଇ ତଳେ ମୁଣ୍ଡିରଖି ଜୁହାର ହେଲେ ।

ପୁଅର ଡାକ-ନାଁ "ଝୁନୁ" ।

ଝୁନୁ ବି ଜୁହାର ଦଣ୍ଡବତ କରିବାକୁ ଶିଖିଛି । ମାଆକୁ ଜୁହାର ହେବାର ଦେଖି ସେ ବି ଜୁହାର ହେବାକୁ ଆରମ୍ଭ କରିଦେଲା । ତିଲୋତ୍ତମା ଅତି ଆହ୍ଲାଦରେ ଝୁନୁକୁ କାଖକୁ ନେଇ ଚୁମାଟିଏ ଦେଲେ । ମା ହେବାପାଇଁ ପ୍ରାଣର ଯେଉଁ ବ୍ୟାକୁଳତା, ହଠାତ୍ ସେ ବ୍ୟାକୁଳତା ଆସି କଲିଜାକୁ ଧକ୍କା ଦେଲା । ଅଶ୍ରୁକଣାଟିଏ ଅତର୍କିତରେ ଆସି ତିଲୋତ୍ତମାଙ୍କ ନେତ୍ରକୋଣରେ ଲାଗିଗଲା ।

ତିଲୋତ୍ତମା ପଚାରିଲେ—ପୁଅର ତ ବର୍ଷେ ପୂରିଯିବଣି ଲୋ ଚନ୍ଦି ?

ଚନ୍ଦ୍ରଲେଖା କହିଲେ—ହଁ ଅପା, ଦେଢ଼ବର୍ଷ ଚାଲିଲା ।

ତିଲୋତ୍ତମାଙ୍କ ବୁକୁ ଭିତରୁ ହଠାତ୍ ଗୋଟାଏ ଦୁର୍ବାର ଦୀର୍ଘ ନିଃଶ୍ୱାସ ବାହାରି ଆସିବାକୁ ଚେଷ୍ଟା କଲା ।

କାଲିପରି କଥା ! ନବୋଢ଼ା ଚନ୍ଦ୍ରଲେଖା ଏଇ ସେଦିନ ଯାଇ ଶାଶୁଘରେ ସଂସାର ଆରମ୍ଭ କରିଛି । କେତୋଟି ଦିନପରେ ସେ ଆଜି

ସନ୍ତାନବତୀ, ସେ ଆଜ "ମା" । ଆଉ ତିଲୋତ୍ତମା ? ପୂରା ପନ୍ଦର-ବର୍ଷ ହୋଇଗଲା, ଭାଗ୍ୟ ଫିଟିଲା ନାହିଁ । ଆଉ ଫିଟିବାର ଆଶା ବି ନାହିଁ ।

ସେ ଦିନଟି ତିଲୋତ୍ତମାର ଦୁଃଖ ଓ ଆନନ୍ଦର ମିଶ୍ରିତ ଅନୁଭୂତିରେ କଟିଗଲା । ଦୁଃଖ, ନିଜର ପୋଡ଼ା ଭାଗ୍ୟର କଥା ଭାବି, ଆଉ ଆନନ୍ଦ,—ଚନ୍ଦ୍ରଲେଖା ପ୍ରଭୃତିଙ୍କ ଚର୍ଚ୍ଚାରେ । ବହୁ ଆଦରରେ ସେ ଚନ୍ଦ୍ରଲେଖା ଓ ତାଙ୍କ ସ୍ୱାମୀଙ୍କର ଚର୍ଚ୍ଚା କଲେ । ଖିଆପିଆର ବିସ୍ତୃତ ଆୟୋଜନ ଚାଲିଲା । ବୀରଭଦ୍ର ସ୍ତ୍ରୀଙ୍କ ବିଚାର ଅନୁସାରେ ସବୁ ଆଣି ପହଞ୍ଚାଇ ଦେଲେ । ଝୁନୁ ପାଇଁ ପୋଷାକ ପତ୍ର ବି ବାଦ୍ ଗଲା ନାହିଁ । ରେଶମୀ ପେଣ୍ଟ୍, ରେଶମୀ ଜାମା, ମୋଜା, ଜୋତା, ସବୁ ଆସିଲା । ଝୁନୁର ଆନନ୍ଦର ସୀମା ରହିଲା ନାହିଁ । ଦେଢ଼ ବର୍ଷର ବାଳୁତ ହେଲେ କଣ ହେଲା, ସଂସାରର ରୀତି ତାକୁ ଛୁଇଁ ସାରିଛି । ଦୁନିଆ ଚାହେଁ ଭଲ ଖାଇବାକୁ, ଭଲ ପିନ୍ଧିବାକୁ ଓ ସୌଖିନ ଜିନିସକୁ ଆପଣାର କରିବାକୁ । ଝୁନୁ ସେ ନିୟମରୁ ବାହାରିଯିବ କାହିଁକି ?

ଯଥା ସମୟରେ ଚନ୍ଦ୍ରଲେଖା ଓ ତାର ସ୍ୱାମୀ ବିଦାୟ ନେଲେ । ତିଲୋତ୍ତମା ଝୁନୁର ମୁଖ ଚୁମ୍ବନ କରି ବିଦାୟ ଦେଲେ ।

ରାତି ପ୍ରାୟ ଦଶଟା ସରି । ରନ୍ଧା ରନ୍ଧି ଶେଷ । ତିଲୋତ୍ତମା ବୀରଭଦ୍ରଙ୍କୁ ଖାଇବାକୁ ଦେଲେ । ବୀରଭଦ୍ର ଠାଏରେ ବସିଲେ । ଖାଉଁ ଖାଉଁ ଲକ୍ଷ୍ୟ କଲେ ତିଲୋତ୍ତମାଙ୍କ ମୁହଁଟି ବିରସ ଦେଖାଯାଉଛି ! ସବୁ ଦିନ ପରି ସେ ଦିନ ମୁହଁରେ ପ୍ରସନ୍ନତା ଫୁଟୁ ନାହିଁ । ବୀର ଭାବିଲେ—ବୋଧହୁଏ ଚନ୍ଦ୍ରଲେଖା ଚାଲିଯିବାରୁ ମନରେ ଟିକିଏ ବିଷାଦ ଜାତ ହୋଇଛି, ଅଳ୍ପ ବିଚ୍ଛେଦର ଦୁଃଖ ।

ଖାଇସାରି ବୀରଭଦ୍ର ଶୋଇବାକୁ ଗଲେ । ପ୍ରତିଦିନ ଶୋଇବା ପୂର୍ବରୁ ସେ ଖବର କାଗଜ ଖଣ୍ଡିଏ ପଢ଼ନ୍ତି । ଖବର କାଗଜ ପଢ଼ାରେ ପନ୍ଦର କୋଡ଼ିଏ ମିନିଟ ଯାଏ । ପଢ଼ୁ ପଢ଼ୁ ନିଦ ଆସେ । ବୀରଭଦ୍ର ଶୋଇ ପଡ଼ନ୍ତି । ଖବର କାଗଜଟା ହାତରୁ ଖସି ତଳେ ପଡ଼ିଯାଏ, ତିଲୋତ୍ତମା ଆସି ଗୋଟାଇ ରଖନ୍ତି ।

ସେ ଦିନ ଖବର କାଗଜ ପଢ଼ା ସରି ନାହିଁ, ନିଦ ଆସି ନାହିଁ, ତିଲୋତ୍ତମା ଶୋଇବା ପାଇଁ ଆସି ଶୟନ କକ୍ଷରେ ପ୍ରବେଶ କଲେ । ସବୁ ଦିନେ ଏତେ ଚଞ୍ଚଳ ସେ ଆସନ୍ତି ନାହିଁ । ଖାଇ, ପିଇ, ପାଇଟି ତୁଟାଇ ଆସିବାକୁ ଟିକିଏ ସମୟ ଲାଗେ ।

ଆଜି ସ୍ତ୍ରୀଙ୍କୁ ଏତେ ଶୀଘ୍ର ଆସିବାର ଦେଖି ବୀରଭଦ୍ର ଟିକିଏ ବିସ୍ମିତ ହୋଇ ପଚାରିଲେ,—କହୋ ? ଏତେ ଚଞ୍ଚଳ କେମିତି ? ଖାଇଛ ତ ?

"ନାଁ" ।

"କାହିଁକି" ?

"ଖାଇବି ନାହିଁ ।"

"ଦେହ କିଛି ଖରାପ ଲାଗୁଛି ?"

"ନାଁ ।"

"ଆଉ ତେବେ ?"

"ଖାଇବାକୁ ଇଚ୍ଛା ନାହିଁ, କିଏ ଖାଉଛି ?"

ବୀରଭଦ୍ର ବିଛଣାରୁ ଉଠି, ଖବର କାଗଜଟା ରଖି ଦେଇ ପଚାରିଲେ—"କଣ ମ ? କଥା କଣ ?"

ତିଲୋତ୍ତମା କହିଲେ—"କିଛି ନା, ତମେ ଶୁଅ ।"

ବୀରଭଦ୍ର ଜିଗର କଲେ,—"ନା,ନା, ମୋ ରାଣଟି, କୁହ ।"

ତିଲୋତ୍ତମା କହିଲେ—"ସବୁ କଥାରେ ଗୋଟାଏ ସର୍ତ୍ତ କାହିଁକମ ?"

ବୀରଭଦ୍ର—"ଆଉ ବିନା ସର୍ତ୍ତରେ କୁହ ନାହିଁ ସେ !"

ତିଲୋତ୍ତମା ସ୍ୱାମୀଙ୍କ ନିକଟକୁ ଯାଇ, ସ୍ୱାମୀଙ୍କ ହାତ ଧରି କହିଲେ—"ଛିଃ, ତମେ ଶୁଅ ।"

ବୀରଭଦ୍ର ଜିଦ୍ ଧରିଲେ,—'ନା, ତୁମେ କୁହ ।'

ତିଲୋତ୍ତମା—"ଅଚ୍ଛା, କହିଲେ କଣ ଶୁଣିବ ?"

ବୀରଭଦ୍ର—"ନିଶ୍ଚୟ, ଶୁଣିବି—ମନ କର୍ଣ୍ଣ ଦେଇ ।"

ତିଲୋତ୍ତମା—"ନା, ନା, ଥଟ୍ଟା ନୁହେଁ, ତୁମେ କଣ କଥା ରଖିବ ?"

ବୀରଭଦ୍ର ଅବାକ୍ ହୋଇ ଅନେଇ ରହିଲେ । ଭାବିଲେ ତିଲୋତ୍ତମାଙ୍କର କି କଥା ଏମିତି ଅଛି ଯେ ରଖି ହେବ ନାହିଁ ?

ସ୍ୱାମୀଙ୍କୁ ନୀରବ ଦେଖି ତିଲୋତ୍ତମା ଦୋହରେଇ ପଚାରିଲେ—"କଣ ? ରଖିବ ?"

ବୀରଭଦ୍ର ହସି ହସି ଉତ୍ତର ଦେଲେ—"ଆଗେ କହିବା ନୁଅଁ"

"ନା, ଆଗେ ରଖିବ ବୋଲି ଜବାବ୍ ଦିଅ ।"

ସାମାନ୍ୟ ଇତସ୍ତତଃ ହୋଇ ବୀରଭଦ୍ର ଜବାବ୍ ଦେଲେ—

"ଅଚ୍ଛା, ଦେଲି, ତେବେ ସେଟା ଏ କ୍ଷୁଦ୍ର ଶକ୍ତିର ବାହାରେ ନୁହେଁ ତ ?"

ତିଲୋତ୍ତମା—"ନା ।"

"ତେବେ କୁହ ।"

ତିଲୋତ୍ତମା ପୁଣି ପରି ସ୍ୱାମୀଙ୍କ ହାତଟି ଧରି କହିଲେ—"ତୁମେ ଆଉ ଥରେ ବିଭା ହୁଅ ।

ତିଳୋତ୍ତମାଙ୍କ ଆଖି ଦୁଇଟିରେ ଅନ୍ତସ୍ତଳର ସମସ୍ତ ବାଷ୍ପ ଆସି ଠୁଳ ହୋଇଗଲା । ସତେ ଅବା ଖସିପଡ଼ିବ ! କିନ୍ତୁ ଗର୍ବିର ଗ୍ଲାନ୍ତି ଭିତରେ ସେ ବାଷ୍ପ ଅଦୃଶ୍ୟରେ ମିଳାଇଗଲା, କେହି ଦେଖିଲେ ନାହିଁ ।

ତିଳୋତ୍ତମା ଯେତେବେଳେ କହିଲେ—"ତୁମେ ଆଉ ଥରେ ବଡ଼ ହୁଅ", ସେତେବେଳେ ବୀରଭଦ୍ର ଠୋ ଠୋ ହୋଇ ହସି ଉଠିଲେ । ବ୍ୟଙ୍ଗ କରି କହିଲେ—"ଆଉ ତମେ ବାଦ୍ ଯିବ କାହିଁକି ହେ ! ଏ ଅଯୋଗ୍ୟ ହାତଟାକୁ ଇସ୍ତଫା ଦେଇ ଆଉ ଗୋଟାଏ ହାତ ଧରି ପକାଅ ।"

ତିଳୋତ୍ତମା ସ୍ୱାମୀଙ୍କ ହାତଟା ଜୋରରେ ଛାଟିଦେଇ କହିଲେ —'ଯାଅ ମ, ସବୁବେଳେ ଟାପର ।' ତା ପରେ ସେ ଯାଇ ଗୃହତଳେ ନିଜର ଶଯ୍ୟା ପାରି ଶୋଇବାକୁ ଆରମ୍ଭ କଲେ । ବୀରଭଦ୍ର ମୂକ ହୋଇ ଚାହିଁ ରହିଲେ । ତିଳୋତ୍ତମା ବିଛଣାରେ ମୁହଁ ମାଡି ଶୋଇଲେ । ମୁହଁ ଖଣ୍ଡିକ ତକିଆରେ ଲୁଚି ରହିଲା । ତୁଣ୍ଡ ନୀରବ ।

ବୀରଭଦ୍ର ଧୀରେ ଧୀରେ ଆସି ପାଖରେ ପହଞ୍ଚିଗଲେ । ଧୀରେ ଧୀରେ ଅଙ୍ଗସ୍ପର୍ଶ କରି କହିଲେ—"ରାଗିଲ କି ?"

ତିଳୋତ୍ତମା କୌଣସି ଜବାବ୍ ଦେଲେନାହିଁ ।

ବୀରଭଦ୍ର ଦେଖିଲେ—ତକିଆଖଣ୍ଡ ଆର୍ଦ୍ର ହୋଇଉଠିଛି । ତିଳୋତ୍ତମାଙ୍କ ନୟନ ପ୍ରାନ୍ତରୁ ଲୁହ ଧାର ଧାର ହୋଇ ଭାସିଯାଉଛି ।

ସ୍ନେହମୟ ସ୍ୱାମୀର ହୃଦୟରେ ଆଘାତ ଲାଗିଲା । ତା ପରେ ଯାହା ଯାହା ହେଲା, ଯଦି ସ୍ନେହମୟ ସ୍ୱାମୀ ହୋଇଥାଅ, ଯଦି ସ୍ନେହମୟୀ, ଅଭିମାନିନୀ ପତ୍ନୀକୁ ଆଦର କରି ଜାଣ, ତା ହେଲେ ଅନୁମାନ କରିନିଅ । ମୁଁ ଆଉ ଅଧିକ କଣ କହିବି ?

ତେବେ ସେ ଦିନ ରାତରେ ଅନେକ କଥା ହେଲା । ପ୍ରାଣର ଗୋପନ ବ୍ୟଥା ଅନେକ ପ୍ରକାରେ ଆତ୍ମପ୍ରକାଶ କଲା । ଦୁଇଟି ଖୋଲା ପ୍ରାଣର ଖୋଲା ଖୋଲି ଆଲୋଚନା ଚାଲିଲା । ସେ ଆଲୋଚନା ଅନେକ ସମୟ ପର୍ଯ୍ୟନ୍ତ ଲାଗିରହିଲା । ଜଣକର ଆବେଗମୟ ଆବେଦନ, ଅନ୍ୟ ଜଣକର ନିଷ୍କପଟ କୁଣ୍ଠା ପ୍ରକାଶ ମଧ୍ୟରେ ରାତିର ମୁହୂର୍ତ୍ତଗୁଡ଼ିକ ମୁଖରିତ ହେବାକୁ ଲାଗିଲା । ତା ପରେ ନିଦ୍ରାର କୁହୁକ ସ୍ପର୍ଶ ଉଭୟଙ୍କ ଉପରେ ପ୍ରଭାବ ବିସ୍ତାର କଲା । ରାତିର ନିବିଡ଼ତା ଚରମ ସୀମାରେ ପହଞ୍ଚିଲା । ନିଦ୍ରିତ ଆତ୍ମା ଦୁଇଟି ଅବଶେଷରେ ନିଜ ନିଜ ଶଯ୍ୟାରେ ମୌନାବଲମ୍ବନ କଲେ ।

ଅବଶେଷରେ ତିଲୋତ୍ତମାଙ୍କ କଥା ରହିଲା ।

ବର୍ଷକ ପରେ ବୀରଭଦ୍ର ପୁଣି ବିବାହ କଲେ । ଘରକୁ ନୂତନ ବୋହୂ ଆସିଲା । ନାମ—ବିଦ୍ୟୁତ୍ ପ୍ରଭା ।

ବିଦ୍ୟୁତ୍ ପ୍ରଭା ଖୁବ୍ ସୁନ୍ଦରୀ ନୁହନ୍ତି,—ତଥାପି ଅସୁନ୍ଦରୀ ମଧ୍ୟ ନୁହନ୍ତି । କିନ୍ତୁ ତିଲୋତ୍ତମାଙ୍କ ସୌନ୍ଦର୍ଯ୍ୟରେ ଯେଉଁ ମନୋହାରିଣୀ ସ୍ନିଗ୍ଧତା ଫୁଟିଉଠେ, ବିଦ୍ୟୁତ୍ ପ୍ରଭାଙ୍କ ସୌନ୍ଦର୍ଯ୍ୟରେ ତାର ଅଭାବ ସୁସ୍ପଷ୍ଟ । ବିଦ୍ୟୁତ୍ ପ୍ରଭା ତିଲୋତ୍ତମାଙ୍କ ରୂପ ବିଭବ ଦେଖି ମନେ ମନେ ଈର୍ଷା କରନ୍ତି । ମାତ୍ର ନିଜର ସୁନ୍ଦରପଣକୁ କୌଣସି ବିଷୟରେ ନ୍ୟୂନ ବୋଲି ମନେ କରନ୍ତି ନାହିଁ । ବରଂ ତାହା ଅଧିକ ରମଣୀୟ ବୋଲି ଭାବନ୍ତି ।

ଦିନକୁ ଦିନ ଈର୍ଷା ଘନୀଭୂତ ହୋଇଉଠେ । ସେହି ଈର୍ଷାରୁ ଅଶ୍ରଦ୍ଧା ଜାତ ହୋଇ କ୍ରମେ କ୍ରମେ ତାହା ବୃଦ୍ଧିପାଏ । ତିଲୋତ୍ତମା ବିଦ୍ୟୁତ୍ ପ୍ରଭାଙ୍କୁ ଯେତେ ଶ୍ରଦ୍ଧା କଲେ ସୁଦ୍ଧା, ବିଦ୍ୟୁତ୍ ପ୍ରଭାଙ୍କ ଅଶ୍ରଦ୍ଧାର ହୁତାଶନ ଉପରେ ତା କୌଣସି ପ୍ରଭାବ ପକାଇ ପାରେ

ନାହିଁ । ସେ ଶ୍ରଦ୍ଧା ତାଙ୍କୁ ବିଷପରି ବୋଧହୁଏ । ନାନା ଦୈନନ୍ଦିନ ଘଟଣାରୁ ତିଲୋତ୍ତମାଙ୍କ ପ୍ରତି ବିଦ୍ୱେଷଭାବ ବଢ଼େ । ସ୍ୱାମୀ ବୀରଭଦ୍ର, ତିଲୋତ୍ତମାଙ୍କ ସହିତ ଯେତେବେଳେ ଟିକିଏ ସରସ ବାକ୍ୟାଳାପ କରିବାର ଦେଖିଲେ ବିଦ୍ୟୁତ୍‌ପ୍ରଭାଙ୍କର ଅସହ୍ୟ ଗାତ୍ରଦାହ ହୁଏ । ବୀରଭଦ୍ର, ତିଲୋତ୍ତମାଙ୍କୁ ପଦେ ଅଧେ ସ୍ନେହରେ କଥା କହିଲେ, ବିଦ୍ୟୁତ୍‌ପ୍ରଭାଙ୍କ ପ୍ରାଣରେ ତାହା ଶକ୍ତିଶେଲ ପରି ଆସି ବାଜେ । ମନରେ କ୍ରୋଧ ଜଳି ଉଠେ, ମୁହଁ ଫଣ ଫଣ ଦେଖାଯାଏ । ବୀରଭଦ୍ର ଯେତେବେଳେ ଡାକନ୍ତି "ତିଲ", ବିଦ୍ୟୁତ୍‌ପ୍ରଭାଙ୍କର ମନେ ହୁଏ କେହି ଯେପରି ତାଙ୍କ କାନରେ ଗୋଟାଏ ଜଳନ୍ତା ନିଆଁ ଖୁଣ୍ଟା ଖୁଞ୍ଚି ଦେଉଛି । ସେ ଅସ୍ଥିର ହୋଇ ଉଠନ୍ତି, ତୁଣ୍ଡ ବିଲି ବିଳେଇ ଉଠେ—"ମା ଲୋ ! କି ସୁଅଗ !"

ବୀରଭଦ୍ର ଭଲ ଦିନରେ ଭଲ ପର୍ବରେ ବଜାରରୁ ଶାଢ଼ୀ ବ୍ଲାଉଜ କିଣି ଆଣି ଦୁଇଜଣଙ୍କୁ ଦିଅନ୍ତି । ସମାନ ଦରର ଜିନିଷ, ଏକ ଢଙ୍ଗର ପଦାର୍ଥ । କିନ୍ତୁ ବିଦ୍ୟୁତ୍ ପ୍ରଭା ମନେ କରନ୍ତି, ତାଙ୍କ ଶାଢ଼ୀ ବ୍ଲାଉଜ ନୀରସ, ତିଲୋତ୍ତମାଙ୍କ ଶାଢ଼ୀ ବ୍ଲାଉଜ ସରସ । ମୁଖ, ଚକ୍ଷୁରେ ଗଭୀର ଅସନ୍ତୋଷ ପ୍ରକାଶ ପାଏ । ତିଲୋତ୍ତମା ତା ଲକ୍ଷ୍ୟ କରି କହନ୍ତି—ତୁ ଏ ଦିଟା ନିଅ୍‌ ବିଦୁ, ମୋତେ ସେ ଦିଟା ଦେ । ଏଥିରେ ବିଦ୍ୟୁତ୍ ପ୍ରଭା ଅଧିକ ଚିଡ଼ି ଉଠନ୍ତି । କଟୁକଥା କହିବାକୁ ଛାଡନ୍ତି ନାହିଁ । କହନ୍ତି, "କେଡ଼େ ଉଦାରପଣିଆ ଦେଖାଉଛ ଗୋ । ତମକୁ ଯେଉଁଟା ଶରଧା କରି ଜଣେ ଦେଲା ମୁଁ ସେଉଟା କାହିଁକି ନିଅିବି ?" କଟୁ ଉକ୍ତିଟା ଶୁଣି ତିଲୋତ୍ତମାଙ୍କ ଚକ୍ଷୁ ଛଳ ଛଳ ହୋଇ ଉଠେ, କିନ୍ତୁ ସେ ତା ନୀରବରେ ସହିଯାନ୍ତି ।

ବୀରଭଦ୍ର ଅନେକ ସମୟରେ ବିଦ୍ୟୁତ୍ ପ୍ରଭାଙ୍କର ଏ ମନୋଭାବ ଲକ୍ଷ୍ୟକରି ବ୍ୟଥିତ ହୁଅନ୍ତି । ବେଳେ ଅଧେ ବିଦ୍ୟୁତ୍‌ପ୍ରଭାଙ୍କୁ ଶାସନ

ଭରିବାକୁ ଚେଷ୍ଟା କରନ୍ତି, କିନ୍ତୁ ତାର ଫଳ ହୁଏ ବିଷମୟ । କେବଳ ଅଶାନ୍ତିର ମାତ୍ରା ବଢ଼େ । ବିଦ୍ୟୁତପ୍ରଭାଙ୍କ କ୍ରୋଧ ଅସମ୍ଭାଳ ହୋଇଉଠେ । କେବଳ ଘରର କଥା ପରର କାନରେ ଯାଇ ବାଜେ । ତିଲୋତ୍ତମାଙ୍କ ପ୍ରାଣରେ ଅଧିକ ବେଦନା ଜାତ ହୁଏ । ଘର ଭିତରେ ହଟହଟା ହେବା ଏକ କଥା, କିନ୍ତୁ ତା ପଦାରେ ପଡ଼ିଲେ, ଆଉ ବାକୀ ରହିଲା କଣ ? ତଦ୍ଦ୍ୱାରା ଖାଲି କୁଳର ମର୍ଯ୍ୟାଦା କ୍ଷୁଣ୍ଣ ହେବା ସାର । କୁଳଲକ୍ଷ୍ମୀ ପ୍ରାଣରେ ତା ଅସହ୍ୟ । ତିଲୋତ୍ତମାଙ୍କ ପ୍ରାଣ ଆତୁର ହୋଇ କାନ୍ଦି ଉଠେ । ତିଲୋତ୍ତମା ଗୋପନରେ ଯାଇ ସ୍ୱାମୀଙ୍କ ହାତ-ଧରି କହନ୍ତି "ମୋ ରାଣଟି, ତୁମେ ବିଦୁକୁ କିଛି କୁହ ନାହିଁ, କହିଲେ କଣ ଲାଭ ହେଉଛି ? ଯାହାର ଯେଉଁ ସ୍ୱଭାବ, ସେ ସହଜରେ ତା ଛାଡ଼ିପାରିବ ନାହିଁ । ମୋର ସହିବାର କଥା, ମୁଁ ସହିବି, ତୁମେ କାହିଁକି ମନ କଷ୍ଟ କରୁଛ ? ଦାଣ୍ଡକୁ ଏଟା ଭାରି ଅସୁନ୍ଦର ହେଉଛି, କୁଳର ମାନ ଯାଉଛି, ଛି ଛି ତୁମେ ଚୁପ୍ ହୋଇରୁହ । ଘରର କଥା ପଦାକୁ ଯିବାକୁ ଦିଅ ନାହିଁ ।"

ବୀରଭଦ୍ର ନିଜକୁ ନିଭାଇବାପାଇଁ ବ୍ୟର୍ଥ ପ୍ରୟାସ କରି ଦେଖନ୍ତି, ତିଲୋତ୍ତମାଙ୍କ କଥାହିଁ ଠିକ୍ । ସେ ବିଦ୍ୟୁତପ୍ରଭାଙ୍କ ଉତ୍ପାତ ଉପଦ୍ରବକୁ ସିଠେଇ ନିଅନ୍ତି, ମନର କଷ୍ଟ ମନରେ ମାରିବାକୁ ଯତ୍ନ କରନ୍ତି । ଜୀବନରେ ତାଙ୍କର ଯେ ଗୋଟାଏ ପ୍ରକାଣ୍ଡ ଭୁଲ ହୋଇଯାଇଛି, ତାହା ମର୍ମେ ମର୍ମେ ଅନୁଭବ କରନ୍ତି । ସେ ଭୁଲଦ୍ୱାରା କୁଳରକ୍ଷା ହେବ କି ନା ତା ତ ଅଜଣା, ଅଶାନ୍ତିଟା ମାତ୍ର ସାର ହେଲା, ଏହା ସେ ପ୍ରାଣେ ପ୍ରାଣେ ବୋଧ କରନ୍ତି । ବେଳେ ବେଳେ ଭାବନ୍ତି, ଏଥିପାଇଁ ସେ ନିଜେ ଦାୟୀ । ଏ ଅମଙ୍ଗଳକୁ ସେ ନିଜେ ଡାକି ଆଣିଛନ୍ତି ପୁନର୍ବାର ବିଭା ହେବାକୁ ସ୍ୱାମୀକୁ ଜଗର କରି ।

କିନ୍ତୁ ଧୀର ଚିତ୍ତରେ ବିଚାର କରି ବୀରଭଦ୍ର ବୁଝି ପାରନ୍ତି—ଏଥିରେ ତିଲୋତ୍ତମାଙ୍କୁ ଦୋଷ ଦେବା ଅନ୍ୟାୟ । ମଙ୍ଗଳାକାଂକ୍ଷିଣୀ କୁଳବଧୂ ତାର କାର୍ଯ୍ୟ କରିଛନ୍ତି, ସତ୍ ଉଦ୍ଦେଶ୍ୟ ନେଇ—ସରଳ ପ୍ରାଣର ଉଦାର ଭାବ ନେଇ । ମାତ୍ର କପାଳଗୁଣକୁ ଅମୃତଭାଣ୍ଡ ବିଷ ପାଲଟିଛି । ସେଥିରେ ତାର କି କସୁର୍ ?

ସାତ ପାଞ୍ଚ ଭାବି ବୀରଭଦ୍ର ନିର୍ବିକଳ୍ପ, ଉଦାସୀନ ରହିବାକୁ ଚେଷ୍ଟା କଲେ ।

ଦିନ ପରେ ଦିନ ଗଡ଼ିଗଲା । କିନ୍ତୁ ସଂସାରର ପୂର୍ବ ଶାନ୍ତି ଫେରିଲା ନାହିଁ । ଜୀବନର ତୁଷାର ମଣ୍ଡଳରେ ଶୀତ ଦିନର ତୁଷାରର ସ୍ତର କ୍ରମେ କ୍ରମେ ଜମି ଉଠି ଉଚ୍ଚକୁ ଉଚ୍ଚ ଶୃଙ୍ଗ ତୋଳିଲା । ବୀରଭଦ୍ର ଗୁହାଁ ରହିଲେ । ଆଉ ତିଲୋତ୍ତମା ସହିଗଲେ ତାର ତୀବ୍ରତା ।

ଏହିପରି ଆଉ ଗୋଟାଏ ବର୍ଷ ବି ବିତିଗଲା । କିନ୍ତୁ ତାହା ବିଦ୍ୟୁତ୍ପ୍ରଭାଙ୍କ ଚିତ୍ତ-ସରୋବରରେ ପଦ୍ମ ଫୁଟିବାର ଆଭାସ ଦେଇଗଲା । ବିଦ୍ୟୁତ୍ପ୍ରଭାଙ୍କର ଗର୍ଭଲକ୍ଷଣ ପ୍ରକାଶ ପାଇଲା । କାଳକ୍ରମେ ନିଃସନ୍ତାନ ପୁରୀରେ ସନ୍ତାନର ଆବିର୍ଭାବ ହେଲା । ବିଦ୍ୟୁତ୍ପ୍ରଭା ପୁତ୍ର ସନ୍ତାନ ପ୍ରସବ କଲେ ।

ପୁତ୍ରବତୀ ବିଦ୍ୟୁତ୍ପ୍ରଭାଙ୍କ ପ୍ରତି ସ୍ୱାମୀ ବୀରଭଦ୍ରଙ୍କର ଆକର୍ଷଣ ସଂସାରର ସ୍ୱାଭାବିକ ନିୟମରେ ଟିକିଏ ବୃଦ୍ଧି ପାଇଲା । ସ୍ତ୍ରୀର ପୂର୍ବକୃତ ଅପରାଧ ଅନେକାଂଶରେ କ୍ଷମଣୀୟ ବୋଧହେଲା । ମନରେ ଅନୁରାଗର ମାତ୍ରା ବଢ଼ି ଉଠିଲା ।

ଆଉ ତିଲୋତ୍ତମା ! ସନ୍ତାନହୀନା ନାରୀ ତିଲୋତ୍ତମା ! ଯେଉଁ ମୁହୂର୍ତ୍ତରେ ବିଦ୍ୟୁତ୍ପ୍ରଭାର ପୁତ୍ରଲାଭ ହେଲା, ତିଲୋତ୍ତମାଙ୍କ ନାରୀ ହୃଦୟଟା ହଠାତ୍ ଯେପରି ଆତ୍ମବଶରୁ ଖସିଗଲା । ହଠାତ୍

ଚକ୍ଷୁକୋଣରେ ଚଳଚଳ ହୋଇ ଉଠିଲା ଦୁଇଟି ଅଶ୍ରୁକଣା । ସେ ଅଶ୍ରୁ ଆନନ୍ଦର ଅଶ୍ରୁ ନୁହେଁ । ପୁଣି ଦୁଃଖର ଅଶ୍ରୁ ବୋଲି ତାର ପରିଚୟ ଦେବା ସଙ୍ଗତ ହେବନାହିଁ । ଏ ଘଟଣାରେ ତିଳୋତ୍ତମା-ଙ୍କର ଆନନ୍ଦିତ ହେବାର ଯଥେଷ୍ଟ କାରଣ ଥିଲା । ବାସ୍ତବିକ୍ ଏଟା ତାଙ୍କ ପକ୍ଷରେ ଗର୍ବର କଥା । ବିଦ୍ୟୁତ୍‌ପ୍ରଭାଙ୍କ ପୁତ୍ରଲାଭ ପ୍ରକୃତରେ ତିଳୋତ୍ତମାଙ୍କ ବିଜୟ । ତଥାପି ଆଜି ତିଳୋତ୍ତମାଙ୍କ ନେତ୍ରକୋଣରେ ଅବାରିତ ଅଶ୍ରୁକଣା ଆସି ସ୍ଥାନ ଦଖଲକରି ବସିଲା । ଏଟା ଯେପରି ଆପଣାପାଖରେ ଆପଣାର ପରାଜୟ । ତିଳୋତ୍ତମା ଏ ପରାଭବକୁ ବାଧା ଦେଇ ପାରିଲେ ନାହିଁ । କ୍ଷଣକ ପାଇଁ ହେଲେ ମଧ୍ୟ ସେ ତହିଁରେ ଅଭିଭୂତ ହୋଇପଡ଼ିଲେ । ବାରମ୍ବାର ଏଇ ଅବାଞ୍ଛିତ ମନୋବିକାରଟା ଆସି ତାଙ୍କୁ ବ୍ୟତିବ୍ୟସ୍ତ କରିବାକୁ ଲାଗିଲା ।

ନାରୀ ନେତ୍ରରେ ନାରୀର ମନୋଭାବ ଅତି ଅଳ୍ପକ୍ଷଣରେ ଧରା ପଡ଼େ । ବିଦ୍ୟୁତପ୍ରଭାଙ୍କ ବିଦ୍ୟୁତ ଦୃଷ୍ଟିକି ତା ଏଡ଼ି ଦେଇ ପାରିଲା ନାହିଁ । ବିଦ୍ୟୁତ୍‌ପ୍ରଭା ମର୍ମେ ମର୍ମେ ଅନୁଭବ କଲେ ଯେ ତାଙ୍କର ପୁତ୍ରଲାଭ ତିଳୋତ୍ତମାଙ୍କ ପକ୍ଷରେ ଅସହ୍ୟ ହୋଇ ଉଠିଛି । ବାହାରକୁ ସେ ଯେତେ ଯାହା ଦେଖାଇ ହୁଅନ୍ତୁ ପଛକେ, ଭିତରେ ଭିନ୍ନ ରୂପ । ମନେ ମନେ ସେ ଦୃଢ଼ ସିଦ୍ଧାନ୍ତ କରିନେଲେ ଯେ ତିଳୋତ୍ତମା ବାହାରକୁ ମୋହିନୀ, ଭିତରେ ଡାକିନୀ,—ତାଙ୍କର ଶିଶୁ ସନ୍ତାନ ପକ୍ଷରେ ତିଳୋତ୍ତମା ଅମଙ୍ଗଳର ଧୂମକେତୁ । ସୁତରାଂ ତାଙ୍କର ସାବଧାନ ହେବା ଦରକାର । କିଏ ଜାଣେ, ଡାକିନୀ କେତେବେଳେ କି ଅମଙ୍ଗଳ ଘଟେଇବ ! ପୂତନାର ସ୍ନେହ ଦାନ ତାଙ୍କର ସର୍ବନାଶର କାରଣ ଯେ ନ ହେବ ତା କିଏ କହିବ ?

ଏହି ଧାରଣାର ବଶବର୍ତ୍ତୀ ହୋଇ ବିଦ୍ୟୁତପ୍ରଭା ତିଳୋତ୍ତମାଙ୍କ ନିର୍ମଳ ସ୍ନେହଧାରାକୁ ଅବିଳ ମନେ କଲେ । ତିଳୋତ୍ତମାଙ୍କ

ପ୍ରତି ତାଙ୍କର ବିଦ୍ୱେଷ ବଢ଼ିଲା । କାଲ୍ପନିକ ଆଶଙ୍କାରେ ମନଟା ପୂର୍ଣ୍ଣ ହୋଇଗଲା । ତାଙ୍କର ପିଲା ତିଲୋତ୍ତମାଙ୍କ ନିକଟରୁ ଯେତେ ଦୂରରେ ରହିପାରେ ସେତେ ଭଲ ବୋଲି ସେ ଭାବିଲେ । ପିଲାକୁ ତିଲୋତ୍ତମାଙ୍କ କୋଳକୁ ଦେବାକୁ ସେ କୁଣ୍ଠିତ ହୁଅନ୍ତି,—ସେଥିରେ ସେ ବିରକ୍ତି ପ୍ରକାଶ କରନ୍ତି । ତିଲୋତ୍ତମା ପିଲାଟିକୁ ଧରିଲେ, ବିଦ୍ୟୁତ୍ ଅସ୍ଥିର ହୋଇଉଠନ୍ତି । ନାନା କାରଣ ଦେଖାଇ ପିଲାକୁ ତିଲୋତ୍ତମାଙ୍କ ପାଖରୁ ନେଇଆସନ୍ତି । ତିଲୋତ୍ତମାଙ୍କ ପ୍ରାଣ ଅକୁଳ ହୋଇଉଠେ ପିଲାଟିକୁ ଆଦର—ଯତ୍ନ କରିବାପାଇଁ । ମନ ହୁଏ, ସବୁବେଳେ ତାକୁ କୋଳରେ ଧରି ବସି ରହିବାକୁ, ନିଜ ପେଟର ପିଲାଭଳି ମଣି ତା ପ୍ରତି ସ୍ନେହ ସୁଆଗ ପ୍ରକାଶ କରିବାକୁ । ପିଲାଟିର ମୁଖ ଚକ୍ଷୁରେ ସେ ଦେଖନ୍ତି ସ୍ୱାମୀ ବୀରଭଦ୍ରଙ୍କର ପ୍ରତିବିମ୍ବ । ପ୍ରାଣର ଅତଳ ପ୍ରଦେଶରୁ ମମତା ଝରି ଉଠେ । କିନ୍ତୁ ବେଶି କ୍ଷଣ ସେ ପିଲାଟିକୁ ନିଜ ପାଖରେ ରଖିପାରନ୍ତି ନାହିଁ । ବିଦ୍ୟୁତ୍‌ପ୍ରଭା କୌଣସି ଉପାୟରେ—କୌଣସି ଛଳ କୌଶଳ କରି ତାକୁ ପାଖରୁ କାଢ଼ି ନିଅନ୍ତି ।

କିଛିଦିନ ପରେ ବିଦ୍ୟୁତ୍‌ପ୍ରଭା ନିଜର ଏକ ଦୂର ସମ୍ପର୍କୀୟା ବାଳିକାକୁ ଆଣି ପାଖରେ ରଖିଲେ । ନାଁ ମଣି । ବୟସ ପ୍ରାୟ ବାର କି ତେର । ଖାସ୍ ପିଲାଟି ପାଇଁ ତାର ନିଯୁକ୍ତି । ବିଦ୍ୟୁତ୍‌ପ୍ରଭା ମଣିକୁ ବାରମ୍ବାର ସତର୍କ କରିଦେଲେ—"ଦେଖ୍ ମଣି ! ବରାବର ପୁଅର ପାଖେ ପାଖେ ଥିବୁ, ଆଉ କାହା ହାତକୁ ପିଲାକୁ ଦେବୁନାହିଁ । କିଏ ଜାଣେ କାହା ମନରେ କଣ ଅଛି ?"

ମଣି ପିଲାଟିକୁ ଧରି ବସିଥିବାବେଳେ ତିଲୋତ୍ତମାଙ୍କର ମନ ହୁଏ,— ତାଠାରୁ ଆଣି ପିଲାଟିକୁ ଧରିବାକୁ,—ତାର ଛୋଟ ମୁହଁଟିରେ

ଗୋଟିଏ ଚୁମା ଦେବାକୁ,—ତାକୁ ନିଜର ବକ୍ଷ ଉପରକୁ ଟାଣିନେଇ ଭିଡ଼ି ଧରିବାକୁ । ସେତେବେଳେ ବନ୍ଧ୍ୟା ରମଣୀର ବୋଧହୁଏ, ସତେ ଯେପରି ଅସରନ୍ତି ସ୍ତନ୍ୟଭାରରେ ତାର ସ୍ତନ ଦୁଇଟି ଫାଟି ପଡ଼ୁଛି, ସୁସ୍ଥବକ୍ଷରୁ ଯେପରି ଅବାରିତ ସ୍ତନ୍ୟଧାରା ଝରି ଆସୁଛି । କିନ୍ତୁ ମଣି ପିଲାଟିକୁ ତାଙ୍କ ହାତକୁ ଦିଏ ନାହିଁ । କହେ—ନା ନା, ନାନୀ ରାଗିବ ।

ଏହା ଶୁଣି ଭଲୋଉମାଙ୍କର ମରିଯିବାକୁ ଇଚ୍ଛା ହୁଏ । ଅନ୍ତସ୍ତଳ ଅପରିସୀମ ବେଦନାରେ ଭରି ଉଠେ, ପ୍ରାଣ ହାହାକାର କରେ । ଅକଥନୀୟ ବ୍ୟଥାର ତରଳ ଉଷ୍ଣଧାରା ଚକ୍ଷୁପୂର୍ଣ୍ଣ କରି ଶ୍ରାବଣର ବୃଷ୍ଟିଧାରାପରି ଝର ଝର ହୋଇ ଝରି ଆସେ ।

ବେଳେ ବେଳେ ଭଲୋଉମାଙ୍କର ଇଚ୍ଛା ହୁଏ—ସେ ସ୍ୱାମୀଙ୍କୁ ଯାଇ କହନ୍ତେ—ହେ ସ୍ୱାମୀ ! ହେ ମୋର ସ୍ନେହମୟ ପ୍ରଭୁ ! ଏ ଥର ଏ ଦାସୀକୁ ମୁକ୍ତି ଦିଅ । ଏ ଘରେ ତାର ଆବଶ୍ୟକତା ଆଉ କଣ ? ଦୂରରେ ଥାଇ ସେ ତୁମ୍ଭର ଉପାସନା କରିପାରେ, ନିର୍ଜନରେ ରହି ଭକ୍ତିର ଅର୍ଘ୍ୟ ଢାଳିପାରେ । ପାଖରେ ରହିବାର କୌଣସି ପ୍ରୟୋଜନ ନାହିଁ । ବଦ୍ୟୁତପ୍ରଭା ପାଖରେ ଥାଉ । ତୁମେ ସ୍ତ୍ରୀ ପୁଅ ନେଇ ସୁଖରେ ସଂସାର କର । ଏ ଅଭାଗିନୀକୁ ବିଦାୟ ଦିଅ । ଏ ଅଭାଗିନୀଠାରୁ ଯାହା ଦିନେ ଆଶା କରୁଥିଲ, ତାହା ତୁମ୍ଭେ ବିଦ୍ୟୁତପ୍ରଭାଠାରୁ ପାଇଛ । ଆଉ ଅଧିକ କଣ ଦରକାର ?

କିନ୍ତୁ,—ଛି ଛି—ସେ ଯାଇ ସ୍ୱାମୀଙ୍କୁ ଏ ସବୁ କଥା କେମିତି କହିବେ ? ଏପରି କଥା କି ତୁଣ୍ଡରେ କହି ହୁଏ ? ସ୍ୱାମୀ ତା ଶୁଣି କଣ ଭାବିବେ ? ତାଙ୍କ ମନରେ କଷ୍ଟ ହୋଇପାରେ, ବିରକ୍ତି ଆସିପାରେ । ଆସିବ ନିଶ୍ଚୟ । ଏ କଣ ସ୍ତ୍ରୀର ଧର୍ମ ?

ତିଲୋତ୍ତମା ସାତ ପାଞ୍ଚ ଭାବି ସେ କଳ୍ପନା ତ୍ୟାଗ କରନ୍ତି । ଜୀବନର ସମସ୍ତ ଦୁଃଖ ଲାଞ୍ଛନା ନୀରବରେ ସହିଯିବାକୁ ସଙ୍କଳ୍ପ କରନ୍ତି ।

ବୀରଭଦ୍ର ଏ ମାନସିକ ଝଡର ସୂଚନା ପାଆନ୍ତି ନାହିଁ, ତା ପାଇବାର ଅବକାଶ ନ ଥାଏ । କିନ୍ତୁ ସେ ଲକ୍ଷ୍ୟ କରନ୍ତି,—ତିଲୋତ୍ତମାଙ୍କ ଶରୀର ଦିନକୁ ଦିନ ଶୀର୍ଣ୍ଣ ହେଉଛି, ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରହୁନାହିଁ, ଅବୟବର ସୌକୁମାର୍ଯ୍ୟ ତୁଟିଯାଉଛି । ଲବଣ୍ୟମୟୀର ଲାବଣ୍ୟ ମଉଳି ପଡ଼ୁଛି ।

ବୀରଭଦ୍ର ପଚାରନ୍ତି—ତିଲ, ତୁମର କଣ ହେଲା ?

ତିଲୋତ୍ତମା ଉତ୍ତର ଦିଅନ୍ତି—କାହିଁ ? କିଛି ନା ତ ?

ବୀରଭଦ୍ର—"ତୁମେ ସେ ଏମିତି ଶୁଖିଲି ଦେଖାଯାଉଛ ?"

ତିଲୋତ୍ତମା ଅଧରରେ କ୍ଷୀଣ ହାସ୍ୟ ଫୁଟାଇ କହନ୍ତି—ସବୁ ଦିନେ କଣ ଦେହଟା ସଜଫୁଲ ପରି ଝଟକୁଥାନ୍ତା ?

ଏହା କହି ସେ ଯଥା ଶୀଘ୍ର ଅପସରଯାନ୍ତି । ସ୍ୱାମୀଙ୍କୁ ଆଉ ସେ ବିଷୟରେ ବେଶୀ ଆଲୋଚନା କରିବାକୁ ଦିଅନ୍ତି ନାହିଁ ।

କିନ୍ତୁ ତିଲୋତ୍ତମାଙ୍କ ଶରୀର ଉପରେ ମନର କ୍ରିୟା ଦିନକୁ ଦିନ ପ୍ରବଳ ହୋଇ ଉଠିଲା । ତିଲୋତ୍ତମାଙ୍କ ସ୍ୱାସ୍ଥ୍ୟ ଯେ ଏକାବେଳକେ ନଷ୍ଟ ହୋଇଗଲାଣି ତା ଦେଖି ବୀରଭଦ୍ର ବ୍ୟସ୍ତ ହୋଇପଡ଼ିଲେ । କହିଲେ,—ଡାକ୍ତର ବଇଦ ଡାକି ଟିକିଏ ଦେଖେଇଲେ ହୁଅନ୍ତା ନାହିଁ, ତିଲ ?

ତିଲୋତ୍ତମା ଉତ୍ତର ଦେଲେ—କାହିଁକି ? କି ଦରକାର ? ମିଛଟାରେ ପଇସା ଖର୍ଚ୍ଚ କରି ଲାଭ କଣ ?

ଅନେକ ସମୟରେ ତିଲୋତ୍ତମାଙ୍କ ଶୁଷ୍କ ମୁଖରୁ ବୀରଭଦ୍ରଙ୍କର ସନ୍ଦେହ ହୁଏ । ସେ ଲକ୍ଷ୍ୟକରି ଦେଖିବାକୁ ଚେଷ୍ଟାକରନ୍ତି, ବ୍ୟାଧିଟା

କଣ । ସପତ୍ନୀର ଆଚରଣ ଯେ ତିଲୋତ୍ତମାଙ୍କ ଅନ୍ତନ୍ତ ପ୍ରସନ୍ନତାକୁ ଖଣ୍ଡ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେଇଛି, ତାହା ବୁଝିବାକୁ ତାଙ୍କର ବାକୀ ରହେ ନାହିଁ । ଦେହ କ୍ଷୀଣ ହେବାର ତାହା ନିଶ୍ଚୟ ପ୍ରଧାନ କାରଣ । କିନ୍ତୁ ତାର ସେ କି ପ୍ରତିବିଧାନ କରିବେ, ଠିକ୍ କରି ପାରନ୍ତି ନାହିଁ ।

ବିଦ୍ୟୁତ୍‌ପ୍ରଭାଙ୍କୁ ସେ କଥା ପ୍ରସଙ୍ଗରେ ଏହାର କାରଣ ପଚାରନ୍ତି । ସେ ବିରକ୍ତ ହୋଇ ମୁହଁ ଝାଡ଼ି କହନ୍ତି—କି ମଣିଷଟାଏ ତୁମେ ! ଏତିକି ବୁଝିବାର ଶକ୍ତି ନାହିଁ । ପୁଅ ହେଲା ଧନକୁ ଲେଉଟାର ଗତିବିଧି ତୁମେ ଦେଖୁନାହିଁ ? ଅସଲକଥା—ମୋର କାହିଁକି ପୁଅ ହେଲା ! ଧିହସୁହା ହେଉନାହିଁ ପରା ? ସେଥିପାଇଁ ସବୁବେଳେ ଗରଗର, ଫଁ ଫଁ !

ଯୁକ୍ତି ଶୁଣି ବୀରଭଦ୍ରଙ୍କ ମନ ବୁଝେ ନାହିଁ । ସେ ଭାବନ୍ତି, ସତେ କଣ ଏଇଆ ? ସତେ କଣ ତିଲୋତ୍ତମାଙ୍କ ପ୍ରକୃତି ବଦଳି ଯାଇଛି ? ବୀରଭଦ୍ର ଏହା ବିଶ୍ୱାସ ନ କରିପାରିଲେ ସୁଦ୍ଧା ଏକାବେଳକେ ଅବିଶ୍ୱାସ ମଧ୍ୟ କରିପାରିଲେ ନାହିଁ । କିଏ ଜାଣେ ନାରୀ ମନର ନିଗୂଢ଼ ରହସ୍ୟ ?

ବୀରଭଦ୍ର ଲକ୍ଷ୍ୟକଲେ—ତିଲୋତ୍ତମା ପିଲାଟିକୁ ଆଦର ଯତ୍ନ କରୁନାହାନ୍ତି, ତା ପ୍ରତି ସ୍ନେହ ସୁଆଗ ପ୍ରକାଶ କରିବାର ଦେଖାଯାଉ-ନାହିଁ । କେତେବେଳେ ହେଲେ ତ ପିଲାଟିକୁ ସେ କୋଳକୁ ନେଉନାହାନ୍ତି । ତା ସହିତ ତାଙ୍କର ଯେପରି କୌଣସି ସମ୍ପର୍କ ନାହିଁ । ସେ ଯେପରି ପିଲାଟିଠାରୁ ବରାବର ଦୂରେଇ ରହିବାକୁ ଚାହାନ୍ତି ! ଏ କଣ ?

ତିଲୋତ୍ତମା ପିଲାଟିର ନାମ ଦେଇଥିଲେ ନୀଳମଣି; ଡାକନ୍ତି 'ନୀଳୁ' ।

ଧନେ ବୀରଭଦ୍ର ନାଗେଲାରେ ନୀଲୁକୁ ନେଇ ତଲୋତ୍ତମାଙ୍କ ପାଖରେ ଉପସ୍ଥିତ ହୋଇ କହିଲେ—ତଲ ! ଏକଣ ତୁମର ନୁହେଁ ! ତୁମେ କାହିଁକି—

କଥାଟା ଶେଷ ନହେଉଣୁ ତଲୋତ୍ତମା କଁ କଁ ହୋଇ କାନ୍ଦି ଉଠିଲେ । ସତେ ଯେପରି ପ୍ରାଣର ଅତି ନିଗୂଢ଼ ପ୍ରଦେଶରେ କିଏ ଅକସ୍ମାତ୍ ଏକ ପ୍ରଚଣ୍ଡ ବଜ୍ରାଘାତ କଲା । ମୁହୂର୍ତ୍ତକ ମଧ୍ୟରେ ନେତ୍ରବକ୍ଷ ସମସ୍ତହିଁ ଅସରନ୍ତି ଲୋତକ ପ୍ରବାହରେ ଭାସିଯିବାକୁ ଆରମ୍ଭ କଲା ।

ବୀରଭଦ୍ର ଏହା ଦେଖି ସ୍ତମ୍ଭିତ ହୋଇଗଲେ ।

କ୍ଷଣକପରେ ପ୍ରକୃତିସ୍ଥା ହୋଇ ତଲୋତ୍ତମା ନୀଳୁକୁ କୋଳକୁ ଟାଣିନେଇ ଶିଶୁର ମୁଖ, ଚକ୍ଷୁ, ଓଷ୍ଠାଧର, ଲଲାଟପଟ ସର୍ବାଙ୍ଗରେ ଚୁମା ବୃଷ୍ଟିକରି, ଅପୂର୍ବ ଆବେଗରେ ବକ୍ଷରେ ଭିଡ଼ିଧରି ଅଜସ୍ର ଅଶ୍ରୁପାତ କରିବାକୁ ଲାଗିଲେ । ସତେ ଯେପରି ଶତଜନ୍ମର ଅପହୃତ ଅନ୍ତରର ନିଧି ଆଜି ତାଙ୍କର ହସ୍ତଗତ । ସେ ତାକୁ ଛାଡ଼ିବାକୁ ନାରାଜ ।

ଠିକ୍ ଏହି ସମୟରେ ବିଦ୍ୟୁତ୍‌ପ୍ରଭା ତୋଫାନ ବେଗରେ ଆସି ଉପସ୍ଥିତ ହେଲେ । ନୀଳୁକୁ ତଲୋତ୍ତମାଙ୍କ କୋଳରେ ଦେଖି ତାଙ୍କର ହାଡ଼ମାଂସ ଯେପରି ଜଳି ଉଠିଲା ! ତଲୋତ୍ତମା ଶିଶୁକୁ ଭିଡ଼ି ଧରିଛନ୍ତି । ବୀରଭଦ୍ର ଦାରୁଭୂତ ମୂର୍ତ୍ତି ଭଳି ଛିଡ଼ାହୋଇ ରହିଛନ୍ତି । ନୀଳୁ ମା'କୁ ଦେଖି ମା କୋଳକୁ ଯିବାପାଇଁ ଆଗ୍ରହାନ୍ୱିତ ।

ବିଦ୍ୟୁତ୍‌ପ୍ରଭା ନିଜର ମୁଖ ଚକ୍ଷୁରେ ଅଗ୍ନି ବୃଷ୍ଟିକରି କ୍ଷୀପ୍ର-ହସ୍ତରେ ଶିଶୁକୁ ଝିଙ୍କିନେଇ କହିଲେ—"ଏଟି କଣ ତାମସା ଲାଗିଛି ।"

ଏହା କହି ସେ ଦ୍ରୁତପଦରେ ଯାଇ ମଣି ନିକଟରେ ଉପସ୍ଥିତ ହୋଇଗଲେ । ନିକଟରେ ଟୋଟାଏ ଝାଡ଼ୁ ପଡ଼ିଥିଲା । ସେଥିରେ ସେ ମଣିର ପିଠିରେ ପାଞ୍ଚ ସାତ ପାହାର ବସାଇଦେଲେ ଏବଂ

ପରେ ପରେ ଭୀଷଣ ଶୋଧନ ଅରମ୍ଭ କରିଦେଲେ । ମଣି କାହିଁକି ପିଲାକୁ ନ ନେଲା ? ପିଲା କାହିଁକି ତିଲୋତ୍ତମାଙ୍କ କୋଳକୁ ଗଲା ? ମଣିଟା କଣ ବସି ବସି ଗେଫା ମାରିବାକୁ ଏଠିକି ଅସିଛି ? ଇତ୍ୟାଦି ଇତ୍ୟାଦି ।

ମଣି ଧକେଇ ଧକେଇ ପିଲାକୁ ନେଇ ବାହାରିଗଲା ।

ବୀରଭଦ୍ର କାଷ୍ଠପୁତ୍ତଳୀ ପରି ଛିଡ଼ାହୋଇ ରହିଲେ ।

ସେ ଦିନଟା ଭୟଙ୍କର ଅଶାନ୍ତିରେ କଟିଲା ।

ଦିନେ ଦୁଇଦିନ ପରେ ବୀରଭଦ୍ର ମଣିକୁ ଡାକି ଅତି ଗୋପନରେ ପଚାରିଲେ—ମଣି, ତୋର ବଡ଼ ନାନୀ ପାଖକୁ ପିଲାକୁ ଛାଡ଼ିବାକୁ ତୋତେ କେହି ମନା କରିଛି କି ?

ମଣି ଥଙ୍ଗ ଥଙ୍ଗ ହେଲା । ସତ କଥାଟା କହିବାକୁ ତାକୁ ଡର ଲାଗିଲା ।

ବୀରଭଦ୍ର ତା ବୁଝିପାରିଲେ । କହିଲେ—ଡରିବାର କିଛି କାରଣ ନାହିଁ, ମଣି । ମିଛଟାରେ ତୁ ଯେ ନାନୀ ହାତରୁ ମାଡ଼ ଖାଇଲୁ, ସେଥିପାଇଁ ମୋ ମନରେ ଦୁଃଖ । ମୋ ଯୋଗୁଁ ସିନା ତୋର ଏ ବିପତ୍ତି । ମୋତେ ଅଗରୁ ସେ କଥା କହିଥିଲେ ମୁଁ କାହିଁକି ତୋର ବଡ଼ ନାନୀ ହାତକୁ ପିଲାକୁ ଦେଇଥାନ୍ତି ।

ଏକଥା ଶୁଣି ମଣି ସବୁ କଥା ଖୋଲି କହିଲା । ବୀରଭଦ୍ର ବୁଝିଲେ—ତିଲୋତ୍ତମା ଯେ ପିଲାଟିକୁ ସ୍ନେହାଦର କରିବାକୁ ଚାହାନ୍ତି ନାହିଁ, ତା ନୁହେଁ । ବିଦ୍ୱେଷପ୍ରବୃତ୍ତି ସେ ସ୍ନେହମାର୍ଗ ରୁନ୍ଧ ଦେଇଛି ।

ଏହା ପରେ ମାସଟାଏ ବିତିଗଲା । ତିଲୋତ୍ତମା ଏକ ପ୍ରକାର ଶଯ୍ୟାଶାୟୀ ହୋଇ ପଡ଼ିଲେ । ପ୍ରତିଦିନ ଟିକିଏ ଟିକିଏ ଜ୍ୱରହୁଏ । ଖାଇବା ପିଇବା ସେମିତି ସେମିତି ।

ପାଶ ଅଞ୍ଚଳରେ ଠାଏଁ ଠାଏଁ ବସନ୍ତ ଲାଗିଲା । ମୃତ୍ୟୁ ଅଧେ ବ ଗଲେଣି ବୋଲି ଖବର ମିଳିଲା ।

ଧନେ ବିଦ୍ୟୁତ୍‌ପ୍ରଭା ବୀରଭଦ୍ରଙ୍କ ଆଗରେ ପ୍ରସ୍ତାବ କଲେ—

କିଛୁଦିନ ପାଇଁ ଅନ୍ୟ କେଉଁଠି ଯାଇ ରହିଲେ ହୁଅନ୍ତା ନାହିଁ ? ପିଲାପିଲିଙ୍କୁ ନେଇ ଏ ସମୟରେ ରହିବାଟା ମୁଁ ଭଲ ମନେ କରୁନାହିଁ ।

ବୀରଭଦ୍ର କହିଲେ—ତାହା ବୋଲି କଣ ଗାଁ ସାରା ଲୋକେ ଘରଦ୍ୱାର ଛାଡ଼ି ପଳେଇବେ ?

ବିଦ୍ୟୁତ୍‌ପ୍ରଭା ଚିଡ଼ିଉଠି ଜବାବ ଦେଲେ—ତମ ପାଖରେ ଗୋଟାଏ ଭଲ କଥା କହିବା ଯାହା, ଏଇ କାଠଖୁଣ୍ଟଟା ପାଖରେ କହିବା ତାହା ।

ଏହା କହି ସେ ଉଗ ଉଗ ହୋଇ ଚାଲିଗଲେ । କିନ୍ତୁ ଅଳ୍ପଦିନ ପରେ ବିଦ୍ୟୁତ୍‌ପ୍ରଭାଙ୍କର ଭୟର କାରଣ ନିଜ ଘର ଭିତରେହିଁ ଆସି ଦେଖାଦେଲା । ତିଳୋତ୍ତମାଙ୍କ ରୁଗ୍ଣ ଦେହରେ ବସନ୍ତର ଅବିର୍ଭାବ ପ୍ରକାଶ ପାଇଲା । ତିଳୋତ୍ତମା ସ୍ୱାମୀଙ୍କୁ ରୋଗଶଯ୍ୟା ନିକଟକୁ ଡାକି ବିନୀତ କଣ୍ଠରେ କହିଲେ—ତୁମ ପାଖରେ ମୋର ଗୋଟାଏ ଅଳି ଅଛି, ସେଇଟା ମୋର ଶେଷ ଅଳି, ତୁମକୁ ରଖିବାକୁ ହେବ ।

ବୀରଭଦ୍ର ବ୍ୟସ୍ତ ହୋଇ ବାଧା ଦେଲେ—ଛି, ଛି, ଏମିତ କଥା କାହିଁକି ତୁଣ୍ଡରେ ଧରୁଛ ?

ତିଳୋତ୍ତମା କହିଲେ—ନା, ଶୁଣ, ମୋର କଥା ରଖ । ବିଦ୍ୟୁ ଓ ନୀତକୁ ନେଇ ତୁମେ କିଛୁଦିନ ପାଇଁ କେଉଁଆଡ଼କୁ ଯାଅ । ଏ ଘରେ ଆଉ ରହନାହିଁ । ବୁଡ଼ିବା ଶୁଝିବା ଲୋକ ହୋଇ ଅବୁଝା ହେଉଛ କାହିଁକି ?

ବୀରଭଦ୍ର ଚୁପ୍ ରହିଲେ । କୌଣସି ଜବାବ ଦେଲେ ନାହିଁ ।

ତିଳୋତ୍ତମା ଜିଦ୍ ଧରିଲେ—କଣ କହୁଛ ?

ବୀରଭଦ୍ର କହିଲେ—ଅସମ୍ଭବ । ଆଜି ସେ ଯିବାର ଯାଉପଛେ, ମୋ ଯିବାର ପ୍ରଶ୍ନ ଉଠୁନାହିଁ ।

ମାତ୍ର ବଦ୍ରୀପ୍ରସାଦ ସେହିଦିନ ଅତି ନିଶ୍ଚିତ ଭାବରେ ସ୍ଥିର କଲେ—ମୀନୁ ଓ ମଣିକୁ ନେଇ ସେ ଭୁବନେଶ୍ୱର ଯିବେ । ଭୁବନେଶ୍ୱରରେ ତାଙ୍କ ବାପା ଚାକିରି କରନ୍ତି । ସେହିଠାରେ ସେ କିଛି ଦିନ ରହିବେ, ଅନ୍ତତଃ ବସନ୍ତ ବ୍ୟାଧିର ଉପଶମ ପର୍ଯ୍ୟନ୍ତ ।

ବାହାରିବାପୂର୍ବରୁ ବଦ୍ରୀପ୍ରସାଦ ବୀରଭଦ୍ରଙ୍କୁ ଡାକି ପଚାରିଲେ ତୁମେ କଣ ଯିବ ନାହିଁ ? ବୀରଭଦ୍ର କହିଲେ—ନା ।

ବଦ୍ରୀର ହୁଙ୍କାର ଉଠିଲେ—"ନା ! ସବୁବେଳେ ନା ! !" ସେ ତ ମରିବ, ଆଜି ତୁମେ ଥାଇ ତାର ପିଣ୍ଡ ବାନ୍ଧିବ ।

ସେହିଦିନ ବଦ୍ରୀପ୍ରସାଦ ମୀନୁ ଓ ମଣିକୁ ନେଇ କାହାରିକୁ କିଛି ନକହି, ସ୍ୱାମୀଙ୍କ ସହିତ ବାକ୍ୟାଳାପ ନକରି ଘରୁ ଚାଲିଗଲେ । ସ୍ୱାମୀ ବୀରଭଦ୍ର କୌଣସି ପ୍ରକାର ବାଧା ଦେଲେ ନାହିଁ ।

ସପ୍ତାହକ ପରେ ବୀରଭଦ୍ରଙ୍କ ନାମରେ ଭୁବନେଶ୍ୱରରୁ ଟେଲିଗ୍ରାମ ଆସିଲା—ଶୀଘ୍ର ଆସ, ବଦ୍ରୀପ୍ରସାଦ ସାଙ୍ଘାତିକ ପୀଡ଼ିତ ।

ଟେଲିଗ୍ରାମର କଥା ସେ ତିଲୋତ୍ତମାଙ୍କୁ କହିଲେ । ତିଲୋତ୍ତମା ବ୍ୟାକୁଳ ହୋଇ ଉଠିଲେ । "ଯାଅ ଯାଅ, ଶୀଘ୍ରଯାଅ" ବୋଲି ସ୍ୱାମୀଙ୍କୁ ସେ ଅସ୍ଥିର କରିପକାଇଲେ । ବୀରଭଦ୍ର ପଚାରିଲେ କେମିତି ଯିବି ? ତୁମେ କଣ ଏକୁଟିଆ ରହିବ, ତିଲି ? ମୁଁ ଗଲେ ସେ ତୁମର ଭୟଙ୍କର ଅସୁବିଧା ହେବ ।

ତିଲି ଜିଦ୍ ଧରିଲେ—ନା, ନା, ତୁମେ ଯାଅ । ମୋ ଦେହ ତ ଟିକିଏ ବାଗକୁ ଆସିଲାଣି, ମୋତେ କଣ ସହଜରେ ମରଣ ଅଛି ?

ଶେଷ କଥା ପଦକ ବୀରଭଦ୍ରଙ୍କ ପ୍ରାଣରେ ନିଷ୍ଠୁର ଆଘାତ ଦେଲା । ପ୍ରାଣ ନୀରବରେ ବିକଳ ଆର୍ତ୍ତନାଦ କରି ଉଠିଲା । ବୀର କହିଲେ—ସେପରି କଥା କୁହ ନାହିଁ, ତିଲି ।

ତିଳୋତ୍ତମା ଓଷ୍ଠାଧରରେ ମଳିନ ହାସ୍ୟ ଫୁଟାଇ ଜବାବ ଦେଲେ, "ନା, ତୁମେ ଯାଅ, ମୁଁ ବନମାଳୀମାଙ୍କୁ ନେଇ ଦ'ସ୍ତବଦନ ଚଳିଯିବି। ତୁମର ଯିବା ନିତାନ୍ତ ଦରକାର।"

ବନମାଳୀ ମା ପାଖପଡ଼ିଶା। ଘରକୁ ଘର ଲାଗିଛି। ତିଳୋତ୍ତମାଙ୍କ ସହିତ ତାର ଅନିର୍ବଚନୀୟ ଘନିଷ୍ଠତା। ସେହିଦିନ ବୀରଭଦ୍ର ଭୁବନେଶ୍ୱର ଅଭିମୁଖରେ ଯାତ୍ରା କଲେ। ଯିବା ପୂର୍ବରୁ ତିଳୋତ୍ତମା କହିଲେ, ବିଦୁକୁ କହ ଟିକିଏ ମୀତୁକୁ ଆଣିବ।

କିନ୍ତୁ ପରମୁହୂର୍ତ୍ତରେ ସେ କଣ ଭାବି ମନା କରିଦେଲେ। କହିଲେ—ନା, ନା, ଥାଉ। ସଙ୍ଗେ ସଙ୍ଗେ ଗୋଟିଏ କରୁଣ ନିଃଶ୍ୱାସ ଅନ୍ତସ୍ତଳ ଅତିଲଙ୍ଘନ କରି ନୀରବରେ ବାହାରି ଆସିଲା।

ବୀରଭଦ୍ର ଶ୍ୱଶୁରାଳୟରେ ପାଦ ଦେଇ ଦେଖିଲେ—ଘରଟାର ବାତାବରଣରେ ବିଷାଦର ଢେଉ ଖେଳୁଛି। ସବୁ ଶେଷ, ବିଦ୍ୟୁତ-ପ୍ରଭା ଦାରୁଣ ବସନ୍ତ ବ୍ୟାଧିର କବଳରେ ପଡ଼ି ସଂସାରରୁ ବିଦାୟ ନେଇ ଯାଇଛନ୍ତି।

ବୀରଭଦ୍ର ଆଉ ରହିବା ଉଚିତ ମନେ କଲେନାହିଁ।

ସେହିଦିନ ବୀରଭଦ୍ର ନୀତୁକୁ ନେଇ ଫେରି ଆସିଲେ।

ତିଳୋତ୍ତମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ—ସବୁ ଭଲ ତ?

ବୀରଭଦ୍ର ନୀରବରେ ନୀତୁକୁ ସଦ୍ୟରୋଗମୁକ୍ତା ପତ୍ନୀର କୋଳକୁ ଦେଇ କହିଲେ—କିଛି ପଚାର ନାହିଁ ତିଳ! ଏଇ ନିଅ, ଏଥର ନୀଳୁ ତମକୁ ଲଭିଲା।

ବୀରଭଦ୍ରଙ୍କ ଗମ୍ଭୀର ମୁଖ ଦେଇ ଝରି ଆସିଲା ଦୁଇଟି ଅର୍ଥପୂର୍ଣ୍ଣ ଅଶ୍ରୁ ବିନ୍ଦୁ।

ସନେଇର ସଙ୍କଳ୍ପ

ପଦ୍ମପୁର ଗାଁର ପଶ୍ଚିମମୁଣ୍ଡରେ ହୀରାମଣି ଦେଈଙ୍କ ପୋଖରୀ । ପୋଖରୀର ବଗିଚରୀ ଉପରେ ବସି ସନେଇ କନା ଥଳୀରୁ ବାହାର କଲା—ସାରା ଜୀବନର ଝାଳବୁହା ସଞ୍ଚିତ ଅର୍ଥ, ବଡ଼ ବଡ଼ ନୋଟ୍ । ପ୍ରତି ବଡ଼ାରେ ଦଶଖଣ୍ଡେ ଲେଖାଏଁ ବନ୍ଧା ହୋଇଥିବା ଟଙ୍କିଆ ନୋଟ୍ । ଖୁବ୍ ଯତ୍ନରେ ବନ୍ଧାହୋଇ ରହିଛି ନାଲି ସୂତା ଖଣ୍ଡ-ମାନଙ୍କରେ । ସନେଇ ଗୋଟି ଗୋଟି କରି ବଡ଼ାଗୁଡ଼ିକ କାଢ଼ିଲା । ଗୋଟିକ ପରେ ଗୋଟିଏ ସବୁ ସଜେଇ ରଖିଲା । ତାପରେ କାଢ଼ିଲା ରୁପାର ଟଙ୍କା, ଅଠାଲି, ସୁକି, ଦୋଅଣି । ସବୁ ସ୍ୱତନ୍ତ୍ର ଭାବରେ ପୁଡ଼ିଆ ବନ୍ଧାହୋଇ ରହିଛି କାଗଜରେ । ସନେଇ ସବୁ ଗୁଡ଼ିକ କାଢ଼ି ମୁହୂର୍ତ୍ତକ ଲାଗି ଏକ-ଧ୍ୟାନରେ ଚାହିଁ ରହିଲା ସେଗୁଡ଼ିକୁ । ହଁ, ସବୁ ଠିକ ଅଛି । ନୋଟ୍, ଟଙ୍କା, ରେଜକି ମିଶି ଠିକ୍ ପାଞ୍ଚଶ' ଅଛି । ଗଲା ଦଶବର୍ଷର କଥାଗୁଡ଼ାକ ମନ ଭିତରେ ଠେଲି ଠେଲି, ପେଲି-

ଫେଲ୍ ହେବାକୁ ଲାଗିଲେ । ସନେଇ ମନ କ୍ରମେ ଭାରାକ୍ରାନ୍ତ ହୋଇ ଉଠିଲା । ଦୁଃଖ, ଘୃଣା, ବିରକ୍ତି ଆସି ସେ ମନ ଭିତରେ ଠୁଳ ହୋଇଗଲା । ସନେଇ ମୁହଁଟା ଦେଖାଗଲା କଠୋର ।

ବେଳ ବୁଡ଼ବୁଡ଼ ହେଉଛି । ଗୋଟାଏ ବଡ଼ ନାଲି ଫେଣ୍ଟୁଳା-ପରି ସୂର୍ଯ୍ୟଦେବତା ଦୂର ଆକାଶତଳେ ଲୁଚିଯିବାକୁ ଆୟୋଜନ କରୁଛନ୍ତି । 'ହୀରାମଣି ଦେଈ' ପୋଖରୀର ଅଗାଧ ପାଣିରେ ପଡ଼ୁଛି ତାର ସୁନେଲି ଆଭା । ପାଣି ଯେପରି ତରଳ ସୁନା ପାଲଟି ଯାଇଛି । ଆଖପାଖରେ କେହି ନାହାଁନ୍ତି, ଖୁବ୍‌ଆଡ଼େ ଖାଲି ବିଲଗୁଡ଼ାକ । ଧାନ କଟା ସରିଛି । ରୁକ୍ଷ ଚେହେରା ନେଇ ଧାନଜମିଗୁଡ଼ାକ ଆକାଶକୁ ଚାହିଁ ରହିଛନ୍ତି । ଖୁବ୍‌ଆଡ ନୀରବ, ନିର୍ଜ୍ଜନ, ନିସ୍ପନ୍ଦ ।

'ହୁମ୍' ବୋଲି ଗୋଟାଏ ଶବ୍ଦ କରି ସନେଇ ଦାନ୍ତକାଳୀ ଗର୍ଜ୍ଜି ଉଠିଲା ଥରେ । ତାପରେ ଅତି କ୍ଷିପ୍ରହସ୍ତରେ ଟଙ୍କା ନୋଟ୍ ସବୁ ଗୁଣ୍ଡେଇ ନେଇ ଥଳୀଭିତରେ ପୂରେଇ ଥଳୀର ମୁହଁଟା ଖୁବ୍ ଭଲ କରି ବାନ୍ଧିଲା । ତା ପରେ ପୁଣି ଥରେ ଗର୍ଜ୍ଜି ଉଠିଲା—"ହୁମ୍" । ସଙ୍ଗେ ସଙ୍ଗେ ଡାହାଣ ହାତର ଦୃଢ଼ମୁଷ୍ଟିରୁ ଥଳୀଟା ଯାଇ ଟବ୍ କରି ପଡ଼ିଲା 'ହୀରାମଣି ଦେଈ' ପୋଖରୀର ମଝି ଦାଣ୍ଡି ପାଖରେ । ସୁନେଲି ପାଣି ଉପରେ ଖେଳି ଗଲା ଚଞ୍ଚଳ ତରଙ୍ଗ । ଥଳୀଟା ଅଗାଧ ପାଣି ଭିତରେ ବୁଡ଼ି ବୁଡ଼ି ପୋଖରୀର କର୍ଦ୍ଦମ ଶଯ୍ୟା ଛୁଇଁଲା । ସନେଇ କହିଲା—"ଯା, ଯା; ଏଥର ଯାଇ ସେଇଠି ରହି ଚେର ମାରି ଶିର ଢାଳକୁ ଥା" ।

ତା ପରେ ସେ ଗୋଟାଏ ବଣୁଆ ହରିଣ ପରି ଡିଆଁ ପରେ ଡିଆଁ ମାରି ପଳେଇ ଗଲା ପୋଖରୀ ଅଞ୍ଚଳରୁ । ସିଧା ସଳଖ ଧାଇଁଲା ଷ୍ଟେସନକୁ ଟ୍ରେନ୍ ଗାଡ଼ି ଧରିବାକୁ ।

ଅସ୍ତଗାମୀ ସୂର୍ଯ୍ୟ ଦେବତା ତାର ରଙ୍ଗ ଢଙ୍ଗ ଦେଖି ହସି ହସି ଲୁଚିଗଲେ ଦୂର ଧଦ୍‌ବେଳସ୍ପୁର ତଳେ ।

× × ×

ପାଞ୍ଚବର୍ଷ ତଳେ ସନେଇ ଥିଲା ୨୫ ବର୍ଷର ଭେଣ୍ଡିଆ । ଘରକୁ ମା ପୁଅ ଦୁ'ଜଣ । ସନେଇର ମା ମନ କରିଥିଲା ପୁଅକୁ ବାହାକରି ଘରକୁ ଆଣିବ ବୋହୂ । ପାଖ ଗାଁ ଦୋଲଗୋବିନ୍ଦପୁରର ମଙ୍କର ମଳିକ ସାଙ୍ଗରେ ବହୁ ଦିନରୁ କଥାବାର୍ତ୍ତା କରି ରଖିଥିଲା,—ମଳିକ ଝିଅ ସାଙ୍ଗରେ ପୁଅ ସନେଇର ହାତଛନ୍ଦା କରିବ । ମଙ୍କର ମଳିକର ଝିଅ ନାଁ ପଦ୍ମା । ପଦ୍ମା ସେତେବେଳେ ଆଠ ନଅ ବର୍ଷର ପିଲା । ମଳିକ ଜବାବ୍ ଦେଇଥିଲା—ଝିଅ ଟିକିଏ ବଡ଼ିଗଲେ ନିଶ୍ଚେ ସନେଇକୁ ବାହା ଦେବ । ତେବେ କନିଆସୁନା କଥାଟା ପକ୍କା ନ ଥିଲା । ତାଙ୍କ ଜାତିରେ କନିଅସୁନା ପ୍ରଥାଟା ଅଛି । କନିଅର ଦରଦାମ ହୁଏ,—କିଏ ଦୁ' ଶହ, କିଏ ଚାରି ଶହ, କିମ୍ବା ପାଞ୍ଚଶହ ପର୍ଯ୍ୟନ୍ତ ଉଠେ । ଯେମିତି କନ୍ୟାକୁ ସେମିତି ଦର । ବଢ଼ିଲା କନ୍ୟା ହୋଇ-ଥିଲେ ଦର ଟିକିଏ ଚଢ଼େ । ବଅସ ନେଇ ଦର ହୁଏ । ପୁଣି ପାକଳ ବର ହୋଇଥିଲେ କନ୍ୟାସୁନାବି ଟାଣ ହୋଇଥାଏ । ବୁଢ଼ାବର ପାଇଁ ଟେରଟ ସବୁଠୁଁ ବଡ଼ା ।

ଅବଶ୍ୟ ବୁଢ଼ାବରରେ ଝିଅକୁ ଦେବାପାଇଁ ମଙ୍କରର ଇଚ୍ଛା ନ ଥିଲା । ମଳିକ ଘରଣୀ ସେ ବିଷୟରେ ଥିଲା ଅଧିକ ବେଶୀ ସତର୍କ । ସେ କେତେଥର ଗିରସ୍ତକୁ କହିଛି—ଦେଖ, ପଦ୍ମା-ବାପ ଖବରଦାର, ମୋ ଝିଅ ଯେମିତି ବୁଢ଼ାବରରେ ନ ପଡ଼େ, ଦେଖିଶୁଣି ପାତ୍ର ଠିକଣା କରିବ ।

ତେବେ ପଦ୍ମାବାପାର ପାତ୍ର ବାଛିବାଛିବାର ଅସି ନ ଥିଲା । ଏତେ ତରବର କାହିଁ ? ଝିଅ ଟିକିଏ ବଡ଼ୁ, ଅଖିବୁଝା ହେଉ ।

ଯାଏ, ତ ଗଣ୍ଡାଗଣ୍ଡା ଗୋଡପାଖକୁ ଅସିବେ । ଆଠ ନଅ ବର୍ଷ ପାଏଁଠାରୁ କି ଦର ଭଟିବ ?

କିନ୍ତୁ ସନେଇ ମାଅଟା ସବୁବେଳେ ସିନ୍ଧୁଧର ଲାଗିଥିଲା— ଝିଅଟିଏ କେମିତି ପୁଅର ହାତ ଛଡ଼ାଟା ହୋଇଗଲେ ଭଲ ହୁଅନ୍ତା । ଖାଲି ମଲିକଙ୍କୁ ନୁହେଁ, ମଲିକ—ଘରଣୀଙ୍କୁ ବି ଖୁବ୍ ସାକୁଲି ସାକୁଲି କରୁଥିଲା । ହରବଖତ ଯାଇ କହୁଥିଲା—ପଦ୍ମାବୋଉ, ମୋ କଥାଟା କଣ କଲ ? ଭୁଲିଗଲ କି ?

ପଦ୍ମାବୋଉ ଜବାବ ଦେଉଥିଲା—ନା ଗୋ, ଭୁଲିଯିବ କାହିଁ ? ମନେ ଅଛି । ତେବେ ବେଳକାଳ ଦେଖିତ କରିବାକୁ ହବ । ତା ଛଡ଼ା ଜାଣିନାହିଁ ନା, ସନେଇ ମା, ସେ ଗୋଟାଏ ଯୋଗର କଥା । ବାହା-ଯୋଗ ପଡ଼ିଲେ ଦଣ୍ଡେ କେହି ବସି ରହି ପାରିବ ନାହିଁ । ଏତେ ଯ୍ଗନଅ ହେଉଛ କାହିଁକି ? ମୁଁ ତ କହୁଛି—ସନେଇକୁ ଛାଡ଼ି ଆଉ କାହାର ହାତରେ ପଦ୍ମାକୁ ଦେବି ନାହିଁ । ତୁମେ ଟିକିଏ ସମ୍ଭାଳିଯାଅ, ବେଳଟା ଅସିଯାଉ ।

କଥାଟା ମିଛ ନୁହେଁ । ପ୍ରକୃତରେ ପଦ୍ମାବୋଉର ଇଚ୍ଛା ପଦ୍ମାକୁ ସନେଇ ହାତରେ ଦବାକୁ । ଟୋକାଟା ବେଶ୍ ମନଲାଖି, ଦେହେରୀଟି ମନ୍ଦ ନୁହେଁ । ପିଲାଟାକୁ ଦେଖିଲେ ତାର କାହିଁକି କେଜାଣି ମନରେ ମମତା ବସେ । ତେବେ ପରଜାପତି ହାତରକଥା, ମଣିଷ ହାତରେ କଣ ଅଛି ? ଦଇବ ଯଦି ଇଚ୍ଛା ନ କରେ, ମଣିଷ ହଜାରେ ଚେଷ୍ଟା କରିବି କଣ ହେବ ?

କିନ୍ତୁ ଦଇବର ମସୁଧା ହେଲା ଭିନ୍ନ ପ୍ରକାରର । ପୁଅର ହାତଛଡ଼ା ନ ହେଉଣୁ ଦଇବ ଟାଣିନେଲା ସନେଇ ମାଅକୁ ଆରପୁରକୁ । ହଇଜାରେ ସେ ଗାଁର ପଚାଶ ମୁଣ୍ଡ ଗଲେ । ସନେଇ ମା ବି ତାଙ୍କ ସଙ୍ଗରେ ଗଲିଲା । ବୋହୂ ଘରକୁ ଆଣି ଥରେ ତା ହାତରୁ

ତୋରଣି ଫେଂସାଏ ପିଇବା ତା କପାଳକୁ ଘଟିଲା ନାହିଁ । ଘରେ ରହିଲା ସନେଇ ଏକାକୀ । ବାପ ନାହିଁ, ମା ନାହିଁ, ଭାଇ ନାହିଁ, ଭଉଣୀ ନାହିଁ, କେହି ନାହିଁ । ଘରଟା ଶୂନ୍‌ଶାନ୍ । ନିଃସଙ୍ଗ ଜୀବନ, ପଦେ କଥାଭାଷା ହେବାକୁ ବି ମଣିଷଟାଏ ନାହିଁ । ଏକୁଟିଆ ହୋଇପଡ଼ିଲା ସନେଇ । ଏତେବଡ଼ ଦୁନିଆଁଟାରେ ନିଜର ବୋଲି କହିବାକୁ ରହିଲା ନାହିଁ କେହି । ହେଲେ କଣ ହେବ, ସନେଇ ପିଲଟା ଭାରି ସାହସୀ, ବେଧଡ଼କ୍ ଗ୍ଲୁଡ । ଭୟ କଣ, ସେ ଜାଣେ ନାହିଁ । ଅପଣା ଗୋଡ଼ରେ ଛିଡ଼ା ହେବା ମଣିଷ, ପରପିଠିରେ ଲଦିହୋଇ ଚଳିବା ଲୋକ ସେ ନୁହେଁ । ସନେଇ ଅର୍ଜି ଜାଣେ, ନିଜ ଅର୍ଜନରେ ଆରାମରେ ଚଳିଯାଏ । ଆନନ୍ଦରେ ଖାଇପିଇ ନିର୍ଜନ ମନ୍ଦିରଟିରେ ରଜାପୁଅପରି ପଡ଼ିଥାଏ । ବେଳେବେଳେ ଭାରି ମନେ ପଡ଼େ ମା'କଥା,—ମାଆର ଯତ୍ନ ଆଦର, ସ୍ନେହର କଥା । ସେ ସବୁକଥା ଭୁଲିବାର ନୁହେଁ, ସନେଇ ତା ଭୁଲିପାରେ ନାହିଁ ।

ହାୟ, ହାୟ, ମାଆର ଗୋଟାଏ ମନର ସଉକ ରହିଗଲା । ମା ମନ କରିଥିଲା,—ପୁଅକୁ ବାହା କରିବ, ଘରକୁ ବୋହୂ ଆଣିବ । ବିଧାତା ସେ କଥା କରିଦେଲା ନାହିଁ, ମାଆର ମନର ସାଧ ମେଣ୍ଟିଲା ନାହିଁ, ତାର ଆଶା ପୂର୍ଣ୍ଣହେଲା ନାହିଁ ।

ମରିବାକୁ ଦି'ଦିନଥାଏ, ହିଇଜା ଧରି ନ ଥାଏ । ସନେଇମା ନିଦବେଳାରେ ପୁଅକୁ ପାଖକୁ ଡାକି କହିଥିଲା—ସନେଇରେ, କଅଣ କରିବା କହ ନ ପୁଅ ? ମଲିକ କହୁଛି—ତିନିଶହ ଟଙ୍କା ସଜିଲ କରିବାକୁ କନିଆ ସୁନା ବାବଦକୁ । ସେ ତିନିଶହରୁ କମ୍ କଲାପରି ଦେଖାଯାଉ ନାହିଁ । ହେଲେ ପାଣିକୁ ଗୁହିଁ, ଅଳଙ୍କାର କଥାରକୁ ଗୁହିଁ ସେ ଟଙ୍କାଟା ବେଶୀ ନୁହେଁ । ପଦ୍ମିଟି ପରି ପାଣିବି ମିଳିବା ସହଜ ନୁହେଁ । ଗୁଣ ଯେମିତି, କାମଦାମକୁ ସେମିତି ।

ପାରିଲା ଝିଅ, ଘରେ ପାଦଦେଲା ମାତ୍ରେ ଘରକରଣା ମୁଣ୍ଡେଇ ବସିବ । ପିଲାଟିର ଲାଜ ଅଛି, ସରମ ଅଛି, ଉଦ୍ଦଣ୍ଡୀ ନୁହେଁ—ଉଦ୍‌ବାଇଜୀ ନୁହେଁ । ଯେମିତି ହେଲେ ଏତକ ଟଙ୍କା ଯୋଗାଡ଼କର୍ ବାପା । ହାତପାଣି ଯାହା କିଛି ଅଛି ତା ଅକ୍ଳାଣ ପଡ଼ୁଛି । ଟେପରେ ଦୁଇଶହରୁ ବେଶୀ ନାହିଁ । ଆଉ ଶହେ କଟମେଇଲେ ଯାଇ କାମ ଇଞ୍ଜାମ ହେବ । କଣ କହୁଛୁ ବାପା ?

ସନେଇ କହୁଥିଲା—ମା, ଏତେ ତରତର କାହିଁକି ? ଯାଉ ବର୍ଷେ ଦି'ବର୍ଷ, ତେଣିକି ଦେଖିବା । ଶହେଟା ଟଙ୍କା କଣ ସନେଇ କମେଇ ପାରିବ ନାହିଁ !

ସନେଇ ମା ଉତ୍ତର ଦେଇଥିଲା—ନାନା, ସେ କଥା ନୁହେଁ ବାପା । ଆସିଲା ବୈଶାଖ ମାସକୁ ମୁଁ ଜବାବ ଦେଇଛି । ଆଜି ହେଲା ପୁଷମାସର ପାଞ୍ଚଦିନ । ମଝିରେ ରହିଲା ମାଘ, ଫଗୁଣ, ଚଇତ । ଏଇ ତିନିମାସ ଭିତରେ ସଜିଲ କରିବାକୁ ହେବ । କେତେବେଳେ କେଉଁକଥା, ପାଣିଟା ହାତଛଡ଼ା ହେଇଗଲେ ଆଉ ମିଳିବ କାହୁଁ ?

ସନେଇ ବୁଝି ପାରିଥିଲା—ମାଆର ଭାରି ମନ ପଦ୍ମାକୁ ବୋହୂ କରିବା ପାଇଁ । ମଲିକ ଝିଅଟା ବି ମନ୍ଦ ନୁହେଁ, ଖାସା ପିଲାଟା । ସାଙ୍ଗ ଗାଁର ଝିଅ, ସବୁକଥା ଜଣାଶୁଣା । ଢଙ୍ଗଢାଙ୍ଗ, ଅକଲ ଆଚରଣ ସବୁ ମାଲୁମ୍ । ତେବେ ଟଙ୍କା କଥାଟା ଯାହା ଟିକିଏ ଅଡୁଆ । ହେଲେ ସେଟା କଅଣ ସନେଇ ପାଖରେ ବଳି ପଡ଼ିବ ?

ସନେଇ କହିଥିଲା—ଅଛି, ଦେଖିବା ମା, ତୁ ସେଥିପାଇଁ ଚିନ୍ତା କରନା ।

କିନ୍ତୁ କିଏ ଜାଣିଥିଲା, ଦି ଦିନପରେ ଏମିତି ଦାରୁଣ ଦୁର୍ବିପାକ ଘୋଟିବ ବୋଲି । କିଏ ଜାଣିଥିଲା—ଦି ଦିନପରେ ପୁଅକୁ ଏକୁଟିଆ କରିଦେଇ, ଘରକୁ ବୋହୂ ଆଣିବା କଥାକୁ ପାଣି ଫୋଟକା ପରି

ଫଟଫଟଇଦେଇ ସନେଇମା ସଂସାରରୁ ଉଡ଼ି ଚାଲିଯିବ, ବିଧାତା ପୁରୁଷର ମୁହୂର୍ତ୍ତକର ସଙ୍କେତରେ ।

ସନେଇମା ତ ଚାଲିଗଲା । ସନେଇ ବାହାହେବା ଚିନ୍ତା ଏକରକମ ଛାଡ଼ି ଦେଲା । ମନେ ମନେ କହିଲା, କଣ ମିଳିବ ସେ ବାହାଘରରୁ । ଦିନ କଟିଗଲେ ଗଲା । ବାହା ହୋଇ ହଇରାଣ ହେବାରେ କି ଲାଭ ? ଦୁନିଆରେ ବା ସମସ୍ତଙ୍କର ବାହାଘର ହେବାର କି ଦରକାର ! ନ ହେଲେ ଚଳିବ ।

ସତ କଥା । ବାହାହେବାଟା ଯେ ଜୀବନରେ ନିତାନ୍ତ ଅପରିହାର୍ଯ୍ୟ, ତା ନୁହେଁ । ତେବେ ଦୁନିଆରେ କେତେ ଲୋକ ଏକଥା ବୁଝନ୍ତି ? ସମସ୍ତେ ଚାହାନ୍ତି ବାହାହେବେ, ପୁଅଝିଅ ନେଇ ଘର କରିବେ, ନ ହେଲେ କୁଳ ବୁଡ଼ିଯିବ । ଏଇ କୁଳ ବୁଡ଼ିବା ଚିନ୍ତାଟା ଏକ ବିଚିତ୍ର ଚିନ୍ତା । କେତେଗୋଟା କୁଳ ଏ ଦୁନିଆରେ ନ ବୁଡ଼ି ରହିଲାଣି ତା କିଏ ଭାବିବାକୁ ଯାଏ । ଆଉ ବୁଡ଼ିଗଲେ ବି କଣ ହେଲା ? ସବୁ କୁଳ ବା ରହି ଲାଭ କଣ ? ସନେଇ ଏସବୁ କଥା କିଛି ଦିନ ଭାବିଲା । ଅନେକ ଭାବିଲା । ଅନେକ ଲୋକ ବି ତାକୁ କହିଲେ—କିରେ ସନେଇ, କେତେ ଦିନ ଆଉ ଏକୁଟିଆ ପଡ଼ିଥିବୁ ? ବାହାଘରକୁ ମନ ଦେଉନାହୁଁ କାହିଁକି ? ବାବାଜି ହେବୁନା କଣ ? ତା ଯଦି ହେବାକୁ ମନ ତେବେ ଦୋସରା ରାସ୍ତା ଧର୍ । କମ୍ବଳ, କମଣ୍ଡଳୁ ନେଇ ବାହାରିପଡ଼୍ । ନହେଲେ ଘରକୁ ବୋହୂ ଆଣ, ଘର ଦ୍ୱାର କର ।

ସନେଇର ସାଙ୍ଗ ଲଛମନିଆ । କଥା ପ୍ରସଙ୍ଗରେ ଦିନେ ଲଛମନିଆ କହିଲା—ଭାଇରେ, ବଇରାଗୀ ଢଙ୍ଗ ଛାଡ଼୍ । ସେଟା ସଭିଙ୍କି ପୋଷାଏ ନାହିଁ । ଘରେ ରହିଲେ ଘରଣୀ ଦରକାର । କଥାରେ କହନ୍ତି—ବଣକୁ ହରିଣୀ ସୁନ୍ଦର, ଘରକୁ ଘରଣୀ ସୁନ୍ଦର ।

ଏସବୁ କଥା ଶୁଣି ସନେଇ ଟିକିଏ ଗୋଳମାଳରେ ପଡ଼ିଗଲା । କଣ କରିବ, କିଛି ଠିକ୍ କରିପାରିଲା ନାହିଁ । କେତେବେଳେ ଭାବିଲା —ତାହା ହେବ । କେତେବେଳେ ପୁଣି ସିଦ୍ଧାନ୍ତ କରି ବସିଲା— ନା, ଥାଉ, ଆଉ କିଛି ଦିନ ଯାଉ ।

ଆଉ କିଛି ଦିନ ଗଲା । ଦିନେ ସନେଇକୁ ଭାରି ଅସୁବିଧାରେ ପକାଇ ଦେଲା—ଗୋଟାଏ ଅଢ଼େଇଦିନିଆ ଠେଙ୍ଗାଜର । କିଛି କୁଆଡ଼େ ନାହିଁ, ହଠାତ୍ ଆସି ଦିନ ଦିପହରଟାରେ ଧରି ପକେଇଲା । ଅଢ଼େଇ ଦିନ କାଳ ତାକୁ କାବୁ କରି ରଖି ଦେଲା । ଦିହ ହାତ ପରାସ ହୋଇଗଲା । ସନେଇର ଇଚ୍ଛାହେଲା—କିଏ ଆସି ଟିକେ ସୋଡ଼ିଷ ମାଲିପାରେ ଭଲାଜରି ଦିଟା ଫୁଟାଇ ଦିହରେ ମାଲିସ କରିଦେଇ ଯାଆନ୍ତା କି ! ବଡ଼ ଆରାମ ଲାଗନ୍ତା ; ହେଲେ, କିଏ ଅଛି ଯେ ତା କରିବ ? ସନେଇକି ବଡ଼ ବାଧିଲା । ଖିଆ ନାହିଁ ପିଆ ନାହିଁ, ଦିହରେ ତାକତ ନାହିଁ । ଗୋଡ଼ ହାତ ଛେଚି କୁଟି ହଉଚି । ସନେଇ ଭାରି ଦିକ୍‌ଦାର ହୋଇ ମନେ ମନେ ଭାବିଲା—ନା, ଏମିତ ଆଉ ଚଳିବ ନାହିଁ । ଯାହାର ଗୋଟାଏ କିଛି କିନାରା କରିବାକୁ ହେବ ।

ଅଢ଼େଇ ଦିନ ଭାଲ ଘାଣ୍ଟି ହୋଇ ସନେଇ ଉଠି ସେଦିନ ବଜାରକୁ ସାହୁ ଦୋକାନକୁ ଗଲା । ଦୋକାନରୁ ଚାରି ପଇସାର ମୁଢ଼ି କିଣି ଘରକୁ ଫେରି ତାକୁ ଚୋବାଇ ଟିକିଏ ସ୍ୱସ୍ତି ବୋଧ କଲା । ରାତିରେ କିଛି ନ ଖାଇ ଶୋଇ ରହିଲା । ରାତି ପାହିବାକୁ ଡେରିଅଛି । ସନେଇ ସପନ ଦେଖିଲା । ମା ଆସି ତା ପାଖରେ ବସି ଦିହ ମୁଣ୍ଡରେ ହାତ ବୁଲାଇ କହୁଛି—ପୁଅରେ ! କେଡ଼େ ହାଲିଆ ହୋଇଗଲୁ, ଏତେ ଦିନଯାଏଁ ହାତକୁ ଦିହାତ ହେଲୁ ନାହିଁ । ତା ହେଇଥିଲେ କି ତୁ ଆଜି ଏତେସବୁ ହେଉଥାନ୍ତୁ ।

ସନେଇର ନିଦ ଚଡ଼୍ କରି ଭାଙ୍ଗିଗଲା । ସେ ବିଛଣାରୁ ଉଠି ବସିଲା । ତାର ମନେ ହେଲା, ଏଇ ଯେପରି ତା ମା ଚାଲିଯାଉଛି ତା ପାଖରୁ । ତାର ଦେହ ଫୁଲି ଉଠିଲା, ଲୋମ ଠାକୁରି ଉଠିଲା । ସେ ଆଉ ଶୋଇ ପାରିଲା ନାହିଁ, ଖାଲି ମାଅର କଥା ମନେ ପଡ଼ିଲା । ମାଆ ମନ କରିଥିଲା— ବୈଶାଖ ମାସରେ ବୁଅ ବିଭା କରି ଘରକୁ ବୋହୂ ଆଣିବ, ସେଥିପାଇଁ ସେ ବାଛି ରଖିଥିଲା ମନଲାଖି ପାତ୍ରୀ,— ମଲ୍ଲିକ ଝିଅ ପଦ୍ମା । ବୈଶାଖ ଯାଇ ଆଉ ଏକ ବୈଶାଖ ଲେଣି । ସନେଇ ଏ ଯାବତ୍ ମାଅର ମନର ସାଧ ମେଣ୍ଟେଇ ପାରିନାହିଁ । ଧିକ୍ ତା ପୁରୁଷ ପଣ !

ରାତି ପାହିଲା ।

ସନେଇର ଆଉ ଜ୍ୱର ନାହିଁ, ଦେହଟା ହାଲ୍‌କା ଲାଗୁଛି । ବାସି ପାଇଟି ସାରି ସନେଇ ଚାଲିଲା ବରଜୁ ସାହୁ ଦୋକାନକୁ । ବରଜୁ ଦୋକାନ ପିଣ୍ଡାରେ ବସି ଦାନ୍ତ ଘଷୁଥିଲା । ସନେଇକୁ ଦେଖି କହିଲା—କରେ, ସନାତନ ଏଡ଼େ ସକାଳେ ଯେ ! ସନେଇ କହିଲା— "ମଉସା, ଦି ପଇସାର ଚା ନ ଦେଲେ ଚଳିବ ନାହିଁ, ଆଉ ଚାରି ପଇସାର ମୁଢ଼ି । କାଲି ରାତିରେ ଉପାସ । ସକାଳୁ ମୁଢ଼ି ଗଣ୍ଡାଏ ଆଉ ଚା ପାଣି ଟୋପେ ପେଟରେ ନ ପଶିଲେ ମିଜାସ୍ ଠିକ୍ ରହିବ ନାହିଁ ।"

ବରଜୁ ସାହୁ ହସିଲା । ଦୋକାନ ଭିତରକୁ ଯାଇ ଗୋଟାଏ ଚା ଗିଲାସ ଆଉ ମାଣେ ମୁଢ଼ି ଆଣି ସନେଇକୁ ଦେଇ କହିଲା— ଆଜି ସକାଳୁ ତୋରି ହାତ ଲାଗିଲାରେ ସନାତନ ।

ସନେଇ ପଇସା ବଢ଼େଇ ଦେଇ ଜବାବ୍ ଦେଲା—ହଉ ମଉସା, ଦେଖିବ ଏ ହାତର ଗୁଣ । ଆଜି ଡବଲ ବିକ୍ରୀ ଯଦି ନ ହେବ ମୋ ନାଁ ସନାତନ ନୁହେଁ ।

ଘରକୁ ଆସି ସନେଇ ସ୍ନାନ କଲା । ଗରମ ଭାତରେ ମୁଠି ପକେଇ ଟିକିଏ ଲୁଣ ମିଶେଇ କଂସାଏ ପିଇଲା । ତା ପରେ ଗୋଟାଏ ଅରାମର ହାକୁଟି ମାରି ଉଠିଲା । ସିଧା ଚାଲିଲା ପେଡ଼ି ପାଖକୁ, ପେଡ଼ି ଖୋଲିଲା । ପେଡ଼ିରେ ତିନି ଶହ ଟଙ୍କା ବନ୍ଧା ହୋଇ ଥୁଆ ହୋଇଛି, ଦେଖିଲା । ତାକୁ ବାହାର କରି ପେଡ଼ି ବନ୍ଦ କଲା । ତା ପରେ ଜାମାଯୋଡ଼ା ହୋଇ ଘରତାଲା ବନ୍ଦ କରି ବାହାରି ପଡ଼ିଲା ।

ଖଣ୍ଡେ ଦୂରରେ ଦୋଳଗୋବିନ୍ଦପୁର ଗାଁ । ସନେଇ ସିଧା ଯାଇ ହାବୁଡ଼ିଲା—ମଦର ମଲିକ ଦୁଆରେ । ମଦର ମଲିକ ଗୋଟାଏ କୋଦାଳ ଧରି ବାହାରି ଆସୁଥିଲା ଘରୁ । ସନେଇକୁ ଦେଖି କହିଲା—କିରେ ସନାତନ ଯେ ! କେମିତି କଅଣ ମନେ କରି ଏ ଆଡ଼େ ଗଡ଼ି ପଡ଼ିଲୁ ବାପା ! ଆହା ମାଆଟିର ତ କାଳ ହୋଇଗଲା । ମୁଁ ଭାବିଥିଲି ଥରେ ସେ ଆଡ଼କୁ ଯାଇ ବୁଲି ଆସିବା ଲାଗି । ହେଲେ ଫୁରସତ କାହିଁ ବାପା ! ମରିବାକୁ ତ ତର ନାହିଁ । ଆହା ! ମାଆଟି ତୋର ଯେ ଥିଲା, ଜାଣିବୁ ମଣିଷରେ ମୁଣ୍ଡେ, ଖାଲି ଭଲ ଲୋକରେ ସନାତନ, ଖାଲି ଭଲ ଲୋକ; ହଉ ପୁଅ, କୁଆଡ଼େ ଆସିଲୁ ?

ସନେଇ ଜାମା ପକେଟରୁ କାଢ଼ି ମାଆର ସଞ୍ଚିତ ଅର୍ଥତକ ମଲିକ ଆଗରେ ଥୋଇ ଦେଇ କହିଲା —ମା କହିଯାଇଥିଲା ଦେବାକୁ । ବାକି ଟଙ୍କାଟା ଚାରି ପାଞ୍ଚ ମାସ ଭିତରେ ଦାଖଲ କରିଦେବି ।

ମଲିକର ମନେ ଅଛି—କାଳିଆ ସୁନା ବାବଦ୍ ସନେଇ ମା ତିନି ଶହ ଟଙ୍କା ଜବାବ୍ କରିଥିଲା । ସନେଇ ଯେ ସେଇଟଙ୍କା ଆଣି ଆଜି ଉପସ୍ଥିତ ତା ବୁଝିବାକୁ ମଲିକର ବାକି ରହିଲା ନାହିଁ, ମାତ୍ର ମୁହଁର ଭଙ୍ଗୀଟା ଟିକିଏ କୁଣ୍ଠିତ ଭଳି ଦେଖାଗଲା । ମଲିକ କହିଲା—ଓଃ, ସେଇକଥା ପରା । ତୋ ମାଆ ତ ମୋତେ ରଖି ଥୋଇ ଦଶ-

ନଥିଲି ବାପା, କମ୍ ସେ କମ୍, ପଚିଶ ଥର କହିଥିବ । ତେବେ, କେତେ ଆଣିଛୁ, ପୁଅ ?

ସନେଇ କହିଲା—ଦୁଇ ଶହ । ମକର ମଲିକ ଟଙ୍କା ନେବାକୁ ନାରାଜ ହେଲା । ଗଣିତ ବି କଲା ନାହିଁ । ମୁଖ ଚକ୍ଷୁରେ ଘୋର ଅସନ୍ତୋଷ ପ୍ରକାଶ କରି କହିଲା—ହଉ ବାପା, ତୋ ପାଖରେ ରଖିଥା । ମୁଁ ନେଇ କଣ କରିବି ? ଦେବା ନେବା ବେଳ ତ ଅଛି ।

ସନେଇ ନମ୍ର ସ୍ୱରରେ କହିଲା—ଟଙ୍କାଟା ପାଖରେ ରଖିଲେ କାଳେ ଖରଚ ହୋଇଯିବ, ସେଇଥିପାଇଁ ଆଣିଥିଲି ।

ମକର ମଲିକ ସ୍ପଷ୍ଟ କଣ୍ଠରେ ଉତ୍ତର ଦେଲା—ବାପା ତିନିଶହ ଟଙ୍କାର କଥା ତ ନୁହେଁ । ତୁ ହୁଏତ ଭୁଲ୍ ବୁଝିଛୁ । ତୋ ମାଆ ସାଙ୍ଗରେ ଜବାବ୍ ହୋଇଥିଲା ଅନ୍ୟ ପ୍ରକାର ।

ସନେଇ ଏହା ଶୁଣି ଅବାକ୍ ହୋଇଗଲା । ମା ଯାହା କହିଥିଲା, ତା ତ ତାର ଠିକ୍ ମନେ ଅଛି, ଭୁଲ୍ ତ ନୁହେଁ, ସେ ସଫା କହିଥିଲା ତିନିଶହ । ମରିବାର ଦି ଦିନ ଆଗରୁ ସେ କଥା ସେ କହିଯାଇଛି । ମା କଣ ତେବେ ଭୁଲ୍ ବୁଝିଥିଲା ?

ତଳକୁ ମୁହଁ କରି ସନେଇ କିଛିକ୍ଷଣ ଚୁପ୍ ରହିଲା । ତାପରେ ସେ ମୁହଁ ଟେକି ପଚାରିଲା—ତାହେଲେ ?

ମଲିକ କହିଲା---ଏଇତ ଦି ଶହ, ଆଉ ତିନିଶହ ଦେବାପାଇଁ ମା କହିଯାଇଥିବ । ତୁ ଭଲକରି ହେଜ୍ ବାପା ।

ସନେଇ ଆଉ କଣ ହେଜିବ, ହେଜିବାକୁ ବା କଣ ଅଛି ? ସେ ଠିକ୍ କହୁଛି ତିନିଶହ । ତଥାପି ସେ ଠିଆ ହୋଇ ଭାବିବାକୁ ଲାଗିଲା । ଦି ମିନିଟ୍ ପରେ ଦୃଢ଼ ସ୍ୱରରେ କହିଲା—ହଉ ହେଲା । ମୁଁ ଭୁଲ୍ ଶୁଣିଛି । ତେବେ ମୋତେ ବର୍ଷ ଗୋଟାଏ ସମୟ ଦେଲେ ମୁଁ ଦେଇଦେବି ।

ମଲିକ କହିଲା—ହଉ, ବାପା ! ସମୟ କଣ ନାହିଁ ? ସମୟ ଅନୁସାରେ ଦବୁ, ଏ ଟଙ୍କା ରଖିଥା ।

ସନେଇ ଟଙ୍କା ନେଇ ଫେରି ଆସିଲା । ଘରେ ବସି ବହୁତ ସମୟ ଭାବିଲା । ଦୁଇ ଶହ ଅଛି, ଆହୁରି ତିନିଶହ ଦରକାର । ସେତିକ ସଞ୍ଜାଳି କରିବାକୁ ତାକୁ କେତେ ଦିନ ଲାଗିବ ? ବର୍ଷକ ଭିତରେ କଣ ସେ ତୁଲି କରି ପାରିବ ନାହିଁ ? କି ? ନପାରିବ କାହିଁକି ? ପଚିଶ ବର୍ଷର ଭେଣ୍ଡିଆ ସେ । ବାହୁରେ ଜୋର ଅଛି, ମନରେ ବଳ ଅଛି । ଗୋଟିଏ ବୋଲି ପେଟ ପୋଷିବାକୁ, ରଖି ଜାଣିଲେ ସେ ଖୁବ୍ ରଖିବ ।

ସନେଇ ମନେ ମନେ ପ୍ରତିଜ୍ଞା କଲା—ଯେମିତି ହେଉ ତିନି-ଶହ ଟଙ୍କା କମେଇବ, କମେଇବ, କମେଇବ । ରୋକ୍ ଠୋକ୍ ପାଞ୍ଚ-ଶହ ଗଣିଦେଇ ମଲିକ ଝିଅର ହାତଧରି ଘରକୁ ବୋହୂ କରିଆଣିବ । ମାଆର ଇଚ୍ଛା ପୂର୍ଣ୍ଣ ହେବ । ସେତିକ ନକରି ପାରିଲେ ସେ କି ପୁଅ ?

ଦେହରେ ତାକତ ଆସିଗଲା ଯେଣି ସନେଇ ବାହାରି ପଡ଼ିଲା ରୋଜଗାରକୁ । କିନ୍ତୁ ସବୁବେଳେ କି ସମାନ ଅବସ୍ଥା ଥାଏ ? ସେଥର ଇନ୍ଦ୍ର ଦେବତା ପାଣିକ ଦେଲା ନାହିଁ । ବିଲ୍ ବାଡ଼ି କାମ ଚାଲିଲା ନାହିଁ, ମୂଲ୍ କମିଗଲା । ମୂଲିଆ ମଜୁରିଆଙ୍କ ଅବସ୍ଥା ଖରାପ ହୋଇପଡ଼ିଲା । କେତେବେଳେ ମୂଲ୍ ମିଳିଲେ ମିଳିଲା, ନ ମିଳିଲେ ନାହିଁ । ପୁଣି କାହିଁକି କି ଜାଣି ସନେଇର ଦେହଟା ସେଥର ଘନ ଘନ ବିଗିଡ଼ିଲା । ଜ୍ୱର ନସମ, ଅମୁକ ତମୁକ ଏକରକମ ଲାଗିରହିଲା । ଘରର ପଛପଟେ ଗୋଟିଏ ବର୍ଷାର କାନ୍ଥ ହଠାତ୍ ଧସେ ପଡ଼ିଗଲା । ଅନେକ ଦିନର ପୁରୁଣା କାନ୍ଥ, ଝାଟିମାଟିରେ ତିଆରି । ତଳଟା ଖାଇ ଯାଇଥିଲା, ଅଉ ବେଶି ଦିନ ଟିଆ ହୋଇପାରିଲା ନାହିଁ, ଧୂସ୍ କରି ଚଢ଼ି ପଡ଼ିଲା । ସେଥିରେ ଗୋଟିଏ ପାଖ ମେଲା ହୋଇଗଲା । ସନେଇକୁ

ଗୋଟାଏ ନୂଆକାନ୍ଥ ଛୁଡ଼ା କରିବାକୁ ପଡ଼ିଲା । ସେଥିରେ କିଛି ଟଙ୍କା ଖରଚ ହୋଇଗଲା । ଏହିପରି ନାନା କାରଣରୁ ସନେଇର ରୋଜଗାର ମାନ୍ଦା ପଡ଼ିଗଲା । ବିଶେଷ କିଛି ସେ ସଞ୍ଚି ପାରିଲାନାହିଁ ।

ଏମଧ୍ୟରେ ଚାରିମାସ ବିତିଗଲା । ସନେଇ ପେଡ଼ି ଖୋଲି ଦେଖିଲା ଚାରିମାସ ଭିତରେ ସେ ସଞ୍ଚୟ କରିପାରିଛି ଟଙ୍କା ପଚଶଟା ସବୁଛା । ଏମିତି ହେଲେ କେବେତେ ଧନେ ତାନିଶହ ମୁଣ୍ଡାଇବ ?

ସନେଇ ଭାବିଲା—ନା, ଗାଁରେ ରହିଲେ ହବ ନାହିଁ । ଗାଁରେ ମୂଲମଜୁରିର ଅବସ୍ଥା ଯେମିତି, ସେଥିରେ ସେ କେତେ କଣ କରି-ପାରିବ ? ଗାଁ ଛାଡ଼ି ଗୋଟାଏ ଭଲ ରୋଜଗାରଜାଗାକୁ ଯିବାକୁ ହେବ । କଲିକତା, ରେଙ୍ଗୁନ ବା ଟାଟାନାଗର ।

ସନେଇ ଅବିଲମ୍ବେ ସ୍ଥିରକଲା—କଲିକତା ଯିବ ।

ଧନେ ସମସ୍ତ ଠିକ୍ ଠାକ୍ କରି ଘରଟା ଲଛମନିଆର ହେପା-ଜତରେ ଛାଡ଼ି ଦେଇ ସେ ବାହାରି ପଡ଼ିଲା କଲିକତା ।

ଆଖ ପାଖ ଗାଁର ଲୋକେ କଲିକତାରେ ରହି ରୋଜଗାର କରନ୍ତି । ତାଙ୍କ ମଧ୍ୟରୁ ସନେଇ କେତେ ଲୋକଙ୍କୁ ଚିହ୍ନେ । ତାଙ୍କ ଠିକଣା ବୁଝି ସେ ଯାଇ ପହଞ୍ଚିଲା ତାଙ୍କ ପାଖରେ । ଆମ କଲିକତିଆ ଭାଇମାନଙ୍କର ଗୋଟାଏ ଭାରି ଭଲଗୁଣ ଏହି ଯେ, ନିଜ ଗାଁ ଗଣ୍ଡାର ଜଣେ ଅଧେ ବେକାର କେହି କେବେ ଆସି ପହଞ୍ଚିଗଲେ, ସେମାନେ ତାକୁ ପାରୁ-ପର୍ଯ୍ୟନ୍ତ ସାହାଯ୍ୟ କରନ୍ତି । ତା ପାଇଁ ଲାଗିପଡ଼ି କାମ ଯୋଗାଡ଼ କରି ଦିଅନ୍ତି । ତେଣିକି ସେ ନିଜର ବାହୁବଳ, ବୁଦ୍ଧିଫିକର ଖଟାଇ ବେଶ୍ ଦିପଇସା ରୋଜଗାର କରିପାରେ । ମହାନଗରୀରେ ରୋଜଗାରର ପନ୍ଥା ସବୁବେଳେ ମୁକୁଳା । ବୁଦ୍ଧିଆ, ଚତୁର, କାମିକା ହୋଇଥିଲେ କାମର ଅଭାବ ହୁଏ ନାହିଁ । ମୁନିବଙ୍କୁ ଖୁସି କରିପାରିଲେ, କାମ ଦେଖେଇ ପାରିଲେ, ଉନ୍ନତି ଅଛି ।

ସନେଇ ଟୋକାଟା ଗୁଲାଖ୍, ଚତୁର, କାମିକା । ଅଳ୍ପଦିନ ମଧ୍ୟରେ ଗୋଟାଏ କାରଖାନାରେ କାମ ମିଳିଗଲା । ସନେଇ ରୋଜଗାର ଆରମ୍ଭ କରିଦେଲା ।

ବର୍ଷଟାଏ ପୂରିଗଲା । ସନେଇ ଗଣତି କରିଦେଖିଲା—ପେଟକୁ ଖାଇ, ଦିହକୁ ଢାଙ୍କି ସେ ଯାହା ସାଇତି ପାରିଛି ହିସାବକରେ ତିନିଶହ ମୁଣ୍ଡ ଲଗିବାକୁ ଡେର୍ ବାକି । ତାକୁ ଆହୁରି କିଛିଦିନ ରୋଜଗାର କରିବାକୁ ହେବ । ଆହୁରି ଗୋଟାଏ ବର୍ଷ ବୋଧହୁଏ ତାକୁ କଲିକତା ଭୂଇଁରେ ଖଟିବାକୁ ପଡ଼ିବ । ତେବେ ଖଟିବାକୁ ଆସିଛି, ନ ଖଟିବ କାହିଁକି ? ମଲିକ ସାଙ୍ଗରେ ବର୍ଷେ ଦିବର୍ଷକୁ କଣ୍ଟ୍ରାକ୍ଟ କରି ଆସିଛି । ସେବି ମଙ୍ଗିଛି । ତେଣୁ ବ୍ୟସ୍ତ ହେବାର କାରଣ ନାହିଁ ।

ସନେଇ ଖଟିବାକୁ ଲାଗିଲା । ପୂରା ଦି ବର୍ଷ ଖଟିଲା । କିନ୍ତୁ ସମସ୍ତ ଅଭାବ ପୂରଣହେଇ ପାରିଲା ନାହିଁ, ତଥାପି କିଛି ବାକି ରହିଗଲା । ଦିନେ ·ମାସକର ବର୍ତ୍ତନ ନେଇ କାରଖାନା ଅଫିସରୁ ଫେରୁଥିବା ବେଳେ ତାର ମାସକଯାକର ଅର୍ଜନ ପକେଟମାରୁ ନେଇଗଲା । ସନେଇ କପାଳ ଠୁକି ରହିଲା । କଣ କରିବ ? ଏହି ସବୁ କାରଣରୁ ତାକୁ ଆଉ କିଛିଦିନ କଲିକତାରେ ରହିବାକୁ ପଡ଼ିଲା । କିଛି କମ୍ ନୁହେଁ, ତିନିବର୍ଷ ବିତିଗଲା । ଅବଶେଷରେ ତିନିଶହ ମୁଣ୍ଡ ଲାଗିଲା । ସନେଇ ଗାଁକୁ ଫେରିବାକୁ ସ୍ଥିର କଲା ।

ଯେଉଁଦିନ ସେ କଲିକତାରୁ ଫେରିଲା ସେଦିନ ସିଧା ସଳଖ ଇଷ୍ଟେସନରୁ ଓହ୍ଲାଇ ଘରକୁ ନଯାଇ ଚାଲିଲା ଦୋଳଗୋବିନ୍ଦପୁର । ଆଗେ ଟଙ୍କାଥଳି ନେଇ ଠିକଣାଜାଗାରେ ପଇଠ କରିଦେଇ ଆସିବ । ତା ପରେ ଯେଉଁ କଥା । ତା ମନରେ ଭାରି ଆନନ୍ଦ । ଗର୍ବରେ ଛାତି ଫୁଲି ଉଠିଲା । ପାଞ୍ଚଶହ ସେ ମୁଣ୍ଡ ଲଗେଇଛି । ସେଥିରୁ ଗୋଟିଏ

କଣ କରିବ ଜଣାନାହିଁ । ମଲିକ ଯାହା ଚାହିଁଥିଲା ସେତକ ପୂରାପୂରି ସେ ଅର୍ଜନ କରି ଆଣିଛି । ମନକୁ ମନ ସେ ହସି ଉଠିଲା । ତାର ମନେ ପଡ଼ିଲା—ଶେଷଥର ମଲିକ ସାଙ୍ଗରେ ଦେଖା ହେଲା ବେଳେ ମଲିକ ଯାହା କହିଥିଲା । ବିଲାବିଲାଇଲା ପରି ସେ କହି-ଦେଇଥିଲା—"ଯେତେ ଯାହା ହେଉ ପଛେ, ମଲିକଟା ଠିକଏ ଥାଉଟିରଥା । ମାଆକୁ କହିଥିଲା—ତିନିଶହ, ମାଆର କାଳ ହୋଇଗଲା ସେ ସେଥିରୁ ସେ ଫାଇଦା ଉଠେଇ ବସିଲା; ତିନିଶହକୁ ଆଣି ପାଞ୍ଚଶହରେ ଭରିଲା । ହଉ, ଯାହା ତୋର ଇଚ୍ଛା ନେ ବାପା ।

ସନେଇ ଆଗେଇ ଚାଲିଲା । ଯିବାବେଳେ ତା ମନରେ ପ୍ରଶ୍ନ ଉଠିଲା—ମଲିକଝିଅ ପଦ୍ମାକୁ ବାହା ହେଲାପରେ ସେ କଣ କରିବ, ଘରେ ରହିବ, ନା, କଲିକତା ଯିବ ? ଆପଣା ସଙ୍ଗେ ସେ ଯୁକ୍ତି କରିବାକୁ ଲାଗିଲା—ଭୁଆସୁଣୀଟାକୁ ଏକୁଟିଆ ଛାଡ଼ି ସେ କେମିତି ଯିବ ? ତେବେ, ମାସେ ପକ୍ଷେ ପରେ ତାକୁ କଲିକତା ନେଇଗଲେ କେମିତି ହୁଅନ୍ତା ? ହୁଁ, ତା ନ ହବ କାହିଁକି ? ଢେର ଲୋକ ସେପରି କରୁଛନ୍ତି,—ଜନାନା ନେଇ ରହୁଛନ୍ତି । ତେବେ ଖରଚଟା ବେଶୀ ପଡ଼ିବ । ହେଲେ, ନିଜର ରୋଜଗାରରୁ ସେ ଖରଚଟା ତୁଲେଇ ନେଇ ପାରିବ ।

ସନେଇ ଚାଲିଁ ଚାଲିଁ ଆସି ପଦ୍ମପୁରର ହୀରାମଣି ଦେଈ ପୋଖରୀ ନିକଟରେ ପହଞ୍ଚିଗଲା । ବେଳ ବୁଡ଼ିବାକୁ କିଛି ଡେରି ଅଛି । ସନେଇ ପୋଖରୀ କୂଳରେ ଗୋଡ଼ହାତ ଧୋଇ ଆସିଲା । ପୋଖରୀର ବଗିଚାର ଉପରେ ଟିକିଏ ଅସକତ ନେଇ ପୁଣି ଲକ୍ଷ୍ୟ ପଥରେ ଚାଲିବ । ଦୋଳଗୋବିନ୍ଦପୁର ଆଉ ଡାକେ ବାଟ ।

ଏହି ସମୟରେ ସେ ଚାହିଁ ଦେଖିଲା ଏ କିଏ ? ଏ ଯେ ତାର ଶାଳାଟୋକ । ଦୋଳଗୋବିନ୍ଦପୁରର ବାବୁ ବେହେରା । ମନ୍ତ୍ରବଳ

ଝିଙ୍କାଭାର କାନ୍ଧେଇ ସେଇ ପୋଖରୀବାଟେ ଆସୁଛି । ବେହେରାପୁଅକୁ ଦେଖି ସେ ଡାକ ପକେଇଲା—"ଏ ବାଙ୍କୁ ଭାଇ ! ବାଙ୍କୁ ଭାଇ ହୋ ! ଛକ୍‌ବର ଭାର କାନ୍ଧେଇ ଗ୍ଲଲ୍ଲଛ ସେ ।"

ବାଙ୍କୁ ବେହେରା ଅନେଇ ଦେଇ ଦେଖିଲା, ସନେଇ ବସି ଡାକ ଗ୍ଲଉଚ୍ଛି । କହିଲା—ଅରେ ସନେଇକାରେ ? ଏହା କହି ସେ କାନ୍ଧରୁ ଭାର ଓହ୍ଲେଇ ତଳେ ଥୋଇଦେଇ ପଚ୍ଛାରିଲା; ଅଚ୍ଛା ଭଲ ତ ? କେବେ କଲିକତାରୁ ଫେରିଲୁ କାରେ ?

"ଏଇତ ଫେରୁଚ୍ଛିରେ ଭାଇ !" କହି ସନେଇ ଜାଣିବାକୁ ଗ୍ଲହିଁଲା ବାଙ୍କୁ ଏଡ଼େ ବଡ଼ ଭାର ନେଇ କୁଆଡ଼େ ଯାଉଛି ।

ବାଙ୍କୁ ଜବାବ୍ ଦେଲା—ଯାଉଛି ଭାଇ, ହରିଦାସପୁର ବାଉରି ଦାସ ଘରକୁ । ଗ୍ଲତ ପାହିଲେ—ସାବିତ୍ରୀ ଅମେଇସିଆ ନା । ଏ ଜିନିଷତକ ନେଇ ସେଠେଇଁ ପହଞ୍ଚେଇବାକୁ ହବ ।

ସନେଇ ପଚ୍ଛାରିଲା—କାହାଘରୁ ଆସିଲା ଏସବୁ ?

ବାଙ୍କୁ କହିଲା—ମଙ୍ଗୁଳୁମଲିକ ଘରୁ । ବାଉରିଦାସ ପୁଅ ଗ୍ଲଘବାକୁ ମଙ୍ଗରା ଝିଅ ବାହା ହେଇଚି ନା, ତାର କାଲି ସାବିତ୍ରୀ ଓପାସ ।

ସନେଇ କଲିଜା ଭିତରେ ହଠାତ୍ ଯେପରି କିଏ ଛୁରୀ ଭୁଷିଦେଲା । ସେ ଚେଁ ପରି ଚମକି ଉଠିଲା । କଣ ? ଯୁଁ ଭିତରେ ମଲିକ ଝିଅ ବଡ଼ ହୋଇ ଯାଇଲାଣି ?

ସନେଇ ବାଙ୍କୁ ବେହେରା ମୁହିଁକୁ ଆଁ କରି ଅନେଇ ରହିଲା । ବାଙ୍କୁ କହିଲା—ହଁ, ଭାଇ, ମୁଁ ଯାଉଚି, ବେଳ ବୁଡ଼ୁ ବୁଡ଼ୁ ହେଲାଣି । ହରିଦାସପୁରରେ ପହଞ୍ଚିବାକୁ ପକ୍‌କା ଦିଘଣ୍ଟା ଲାଗିବ ।

ଏହା କହି ସେ ଭାର ଉଠାଇ ଗ୍ଲଲିଲା । ସନେଇ ଗ୍ଲହିଁ ରହିଲା ଅକାଶକୁ ମୁହୂର୍ତ୍ତକ ପାଇଁ । ତାର ସବୁ ପ୍ରୟାସ ବ୍ୟର୍ଥ,

ସମସ୍ତ ଚେଷ୍ଟା ନିଷ୍ଫଳ । ଏତେ କଷ୍ଟକରି, ଏତେ ଦୁଃଖ ସହି ସେ କଲିକତା ସହରକୁ ଯାଇ ଟଙ୍କା ଅର୍ଜି ଆଣିଥିଲା । ପାଞ୍ଚଶହ ଟଙ୍କା ! ସବୁ ପାଣିରେ ପଡ଼ିଲା । ମା ଆର ମୂର୍ତ୍ତି ତା ଆଗରେ ଆକାଶ ବକ୍ଷରେ ଫୁଟି ଉଠିଲା । ହାୟ ହାୟ, ମା ଆର ଆଶା ସେ ପୂର୍ଣ୍ଣ କରି ପାରିଲା ନାହିଁ ।

ତା ପରେ ସନେଇ ଯାହା ଯାହା କଲା ତାହା ଆଗରୁ କହିଛି ।

ହଠାତ୍ ସ୍ୱାମୀମଣି ଦେଇ ପୋଖରୀ କୂଳରୁ ପଳାଇ ଆସି ସନେଇ ପହଞ୍ଚିଥିଲା ରେଲଷ୍ଟେସନରେ, ଦକ୍ଷିଣରୁ ଗାଡ଼ି ଆସିବା ଉପରେ । ସନେଇ ପାକିଟି ଅଣ୍ଡାଳି ଦେଖିଲା, ହାତଖର୍ଚ୍ଚ ପାଇଁ ଯାହା ରଖିଥିଲା, କିଛି ଯାଇଛି, ବାକି କିଛି ଅଛି । ଯାହା ଅଛି ସେତିକି ଯଥେଷ୍ଟ । ସେତିକି ନେଇ ସେ ଟିକଟ୍ ଘରକୁ ଗଲା, ଆଉ ଟିକଟ କାଟିଲା କଲିକତାକୁ । ସାଙ୍ଗେ ସାଙ୍ଗେ କଲିକତା ଗାଡ଼ିବି ଆସି-ଗଲା । ସନେଇ ଡିଅଁ ମାରି ବସି ପଡ଼ିଲା ଗାଡ଼ିର ଗୋଟାଏ କୋଠରୀ ଭିତରେ ।

ଦଶବର୍ଷର ମୂଲିଆ

(୧)

ଭୁଇଁରେ ଗାର କାଟି କାଟି କାଳନ୍ଦୀ ରାଉତ କହିଲା—ଶହେ ଟଙ୍କା ନ ଦେଲେ ଚଳିବ ନାହିଁ, ସାଆନ୍ତେ । ଯେମିତି ହେଉ ମୋତେ ଶହେ ଟଙ୍କା ଦେବାକୁ ହେବ ।

ସାଆନ୍ତ ଗୋବର୍ଦ୍ଧନ ପଟ୍ଟନାଏକ ବିକୃତ ମୁଖଭଙ୍ଗୀ ଓ ଅଦ୍ଭୁତ ହସ୍ତଭଙ୍ଗୀ ସହକାରେ ଜବାବ ଦେଲେ—ଟଙ୍କା କଣ ଏଠି ଖଣି ପଡ଼ିଛି ? ପାଞ୍ଚ ନୁହେଁ ସାତ ନୁହେଁ, ନବାବ ପୁଅ ପରି ହାଙ୍କି ଦେଲୁ ଶହେ ଟଙ୍କା !

କାଳନ୍ଦୀ ରାଉତ ଉତ୍ତର ଦେଲା—ନବାବ ପୁଅ ନୁହେଁ ସାଆନ୍ତେ, ଘର ମୂଲିଆ ମୁ ଣ୍ଡ୍ର, ମୂଲ୍‌ଲଗି ପେଟ ପୋଷେ । ଗୋଟାଏ ବିଷମ ଗରଜ ପଡ଼ିଛି ବୋଲି ଶହେ ଟଙ୍କା ମାଗୁଛି । ପୁଅଟି ପାଇଁ ସିନା ଏତେ କଥା ।

ଏହା କହୁ କାଳନ୍ଦୀ ସତେକି ଜଳିଲା । କୋହ ସମ୍ଭାଳି ପାରିଲା ନାହିଁ । ଦ ଆଖିରେ ଲୁହ ଆସି ଭର୍ତ୍ତି ହୋଇଗଲା ।

ପଟ୍ଟନାୟକେ ସେ ଆଖିର ଆକୁଳତା ଦେଖିଲେ ନାହିଁ, ପ୍ରାଣର ବ୍ୟାକୁଳତା ବୁଝିଲେ ନାହିଁ । ଶହେ ଟଙ୍କାର କଥା ଶୁଣି ତାଙ୍କର ମିଜାସ ପାରା ଚଢ଼ିଲା । ସେ ଜବାବ୍ ଦେଲେ—ମଣିଷ ପର କଥା କହୁଛୁ ନା ଭୂତପର କହୁଛୁ ରେ ? ଶହେ ଟଙ୍କା ତୋତେ ଗଛ ଫଳ ଲାଗୁଛି ପରା ? ମୋର ମୂଲିଆ ହୋଇଚୁ ବୋଲି କଣ ମୋ ମୁଣ୍ଡ କିଣି ନେଇଚୁ ?

କାଳନ୍ଦୀ ଚୁପ୍ କରି ବସି ରହିଲା । ପରେ ଫଁ କରି ଟିଗୋଟାଏ ନିଶ୍ୱାସ ଛାଡ଼ିଲା । ମୁନିବକୁ ସେ କଣ କହି ବୁଝାଇବ ଯେ ସେ ନିଜ ପେଟ ପାଇଁ ଏ ଟଙ୍କା ଚାହେଁ ନାହିଁ,—ପୁଅ ମାଇପକୁ ପୋଷିବା ପାଇଁ ବି ନୁହେଁ, ଅସୁସ କରି ଉଡ଼େଇବା ପାଇଁ ମଧ୍ୟ ନୁହେଁ । ଗୋଟିଏ ବୋଲି ପୁଅ,— ନ' ନାହିଁ କି ଛ ନାହିଁ,—ତାହାରି ପାଇଁ ତାର ଘର ସଂସାର,—ତାହାରି ପାଇଁ ସେ ଆଜି ପର ଦୁଆରେ ମୂଲିଆ, ତାହାରି ଜୀବନଟି ଆଜି ଯିବ କି ରହିବ ତାର ଠିକ୍ ନାହିଁ । ତେଣୁ ସେ ଆଜି ମୁନିବ ଆଗରେ ହାତ ପତେଇ, ବିକଳ ହୋଇ, ଟଙ୍କା ଶହେଟା ମାଗୁଛି । ସମୟ ଅସମୟକୁ ମୁନିବ ଯଦି ତାକୁ ନ ଚାହିଁବ, ଆଉ ଚାହିଁବ କେତେବେଳେ ?

କିନ୍ତୁ ଏତେ କଥା କହି ବୁଝେଇବାକୁ କାଳନ୍ଦୀର ତୁଣ୍ଡ ଅପାରଗ ହୋଇପଡ଼ିଲା । ସେ କେବଳ ଏତିକି କହିଲା—ପୁଅଟା ଆସି କତରି ଲାଗିଲାଣି । ବଇଦ କହୁଛି—ବଞ୍ଚେଇବାକୁ ହେଲେ ଶହେ ଟଙ୍କାରୁ କମ୍ ଲାଗିବ ନାହିଁ,—ଶହେ ଟଙ୍କା ଖର୍ଚ୍ଚ କଲେ ପୁଅ ତୋର ବଞ୍ଚିଯିବ ।

ପୁନଶ୍ଚ ଶହେ ଟଙ୍କାର ନାମ ଶୁଣି ପଟ୍ଟନାଇକେ ବିରକ୍ତ ହୋଇ ପଡ଼ିଲେ । କହିଲେ—"ବଞ୍ଚୁ ବା ମରୁ, ଏତେ ଟଙ୍କା ଦିଆଯାଇ ପାରିବ ନାହିଁ ।"

କି ନିଷ୍ଠୁର ଏ ଉକ୍ତି ! ବଜ୍ରବାଣ ପରି ତା ଯାଇ କାଳନ୍ଦୀର କଲିଜାରେ ବାଜିଲା । କାଳନ୍ଦୀ ଚମକି ଉଠିଲା ।

ଘର ଚୂଲିଆଟାର ପୁଅ ବୋଲି ସିନା ମୁନିବ ଏଭଳି କଥାଟା କହିଲା ! ନିଜର ପୁଅ ହୋଇଥିଲେ କଣ ଏପରି କଥା ତା ମୁଣ୍ଡରୁ ବାହାରିଥାନ୍ତା ?

ଗୋଟାଏ ଅନାଗତ ଆଶଙ୍କାର ଛାୟା ତାର ପ୍ରାଣ ଉପରେ ପକ୍ଷ ବିସ୍ତାର କରି ତାକୁ ଅଭିଭୂତ କରି ପକେଇଲା । କି କାଳ କଥାଟା ମୁନିବର ତୁଣ୍ଡରୁ ବାହାରିଲା ! ବିଧାତା ନ କରୁ, ପୁଅଟି ତାର ଉଠିବସୁ । କିନ୍ତୁ ଯେଉଁ ମୁନିବର ଏତକ ମାୟା ମମତା ନାହିଁ, ସେ କି ମୁନିବ ! ଏପରି ମୁନିବର ମୂଲିଆ ହୋଇ ରହିବା ଅର୍ଥ ନିଜର ଆତ୍ମାକୁ ବଳି ଦେବା । କାଳନ୍ଦୀ ମନରେ ଅସୀମ ଧିକ୍କାର ଜାତ ହେଲା ! ଘୃଣାରେ ତାର ଅନ୍ତରାତ୍ମା ଜଳି ଉଠିଲା । ଖଣ୍ଡେ ପରେ ସେ ଉଠି କହିଲା—ତେବେ ଯାଆନ୍ତୁ, ମୁଁ ଯାଉଚି, ଆଜିଠୁଁ ମୂଲିଆ ହେବା ମୋର ସରିଗଲା ।

ଅସମ୍ଭାଳ ବେଗରେ ଉଠିଲା ବେଳେ କାଳନ୍ଦୀର ଗାମୁଛା ଖଣ୍ଡିକ କାନ୍ଧରୁ ଖସି ତଳେ ପଡ଼ିଗଲା । କାଳନ୍ଦୀ ତାକୁ ଉଠାଇନେଇ ଥରେ ଦିଥର ଝାଡିଦେଇ ସିଧା ଚାଲିବାକୁ ଆରମ୍ଭ କଲା ।

ପଟ୍ଟନାଇକେ ଗର୍ଜି ଉଠିଲେ—"ଆରେ ଶଳା, ନିମକହାରାମ, ତୋତେ କୁବୁଦ୍ଧି ଦେଖାଇଲଣି କିରେ ! ଦଶବର୍ଷ କାଳ ନିମକ୍ ଖାଇ, ଆଜି ଧମକଉଚୁ, ଚାଲିଯିବୁ । ଯାଃ, କଉଁଶଳା ଘରେ ଯାଇ ଗୋଲାମ ପଶିବୁ ଯା, ଗୋବର୍ଦ୍ଧନ ପଟ୍ଟନାଇକ ବି ତୋଭଳି ମୂଲିଆ ଚାହେଁ

ନାହିଁ ।" ଏହା କହି ପଟ୍ଟନାଇକେ ମଧ୍ୟ ଉଠି ପଣ୍ଡ ଗଗରେ ଡାହାଣ ବାହୁ ସାମନାକୁ ଝାଡ଼ି ଦେଲେ ।

ପଟ୍ଟନାଇକଙ୍କ ସାନପୁଅ ବାବୁଲି ନିକଟରେ ଠିଆ ହୋଇ ସବୁ ଶୁଣୁଥିଲା । ହଠାତ୍ ଘର ଭିତରକୁ ଧାଇଁ ଯାଇ ଡାକ ପକାଇଲା—ମା'ଲେ ମା ? କାଲିଆ ଭାଇ ପଳାଉଚି ।

ସାଆନ୍ତାଣୀ ରମ୍ଭାଦେଈ ଧଡ଼ପଡ଼ ହୋଇ ଦାଣ୍ଡ ଦରଜା ପାଖକୁ ଧାଇଁ ଆସିଲେ । କବାଟ ଉହାଡ଼କୁ ଥାଇ ସେ କବାଟରେ ହାତପିଟି ଖଡ ଖଡ଼ କଲେ । ନାତି-ଉଚ୍ଚ, ନାତି-ନମ୍ର ସ୍ୱରରେ କହିଲେ—"ଡାକ୍‌ରେ ବାବୁଲି, କାଲିଆ ଭାଇକୁ ମୋ ପାଖକୁ ଡାକ୍ ।"

କଥାଟା କାଳନ୍ଦୀର କାନରେ ବାଜିଲା । ବାବୁଲି ଚିତ୍କାର କରି ଉଠିଲା—ଏ, କାଳିଆଭାଇ,—ଏ, କାଳିଆଭାଇ !

କାଳନ୍ଦୀ ପଛକୁ ବୁଲିଁ ଦେଖିଲା—କବାଟ ଉହାଡ଼ରୁ ସାଆନ୍ତାଣୀଙ୍କ ନାକର ସୁନା ବସଣୀ ଦିଶୁଛି । ସାଆନ୍ତାଣୀ କବାଟ ପଛପଟରୁ ହାତଠାରି ତାକୁ ଡାକୁଛନ୍ତି ।

କାଳନ୍ଦୀର ଗୋଡ଼ ଅଚଳ ହେଇଗଲା । ସମସ୍ତଙ୍କ କଥାକୁ ସେ କାଟିଦେଇପାରେ, କିନ୍ତୁ ସାଆନ୍ତାଣୀଙ୍କ କଥାକୁ ଅମାନ୍ୟ କରିବା ତାର ସାଧ୍ୟାତୀତ । କେବେ ତା କରି ନାହିଁ ସେ, ଆଜି ମଧ୍ୟ କରିପାରିବ ନାହିଁ ।

ଆଖି ଛଳ ଛଳ କରି କାଳନ୍ଦୀ ଦରଜା ପାଖକୁ ଆସିଲା । ଦରଜା ପାଖରେ ଆସି ଯୋଡ଼ ହାତ ହେଇ ଠିଆ ହେଲା ।

ସାଆନ୍ତାଣୀ ପଚାରିଲେ—କିରେ କାଳନ୍ଦୀ ! କଥା କଣ ? କୁଆଡ଼େ ଯାଉଛୁ ?

ଦି ଟୋପା ଅମାନିଆ ଲୁହ କାଳନ୍ଦୀର ଆଖି କୋଣରୁ ଟପ୍‌ଟପ୍ ଗଡ଼ିପଡ଼ିଲା । କାଳନ୍ଦୀ କିଛି କହି ପାରିଲା ନାହିଁ ।

ସାଆନ୍ତାଣୀ ବାବୁଲଙ୍କୁ ଆଦେଶ ଦେଲେ—ରେ ବାବୁ, କାଳିଆ ଭାଇର ହାତଧରି ଭିତରକୁ ନେଇଆ ।

ବାବୁଲ କାଳନ୍ଦୀର ହାତଧରି ଭିତରକୁ ଟାଣି ନେଇଗଲା ।

(୨)

ସାଆନ୍ତାଣୀ ରମ୍ଭାଦେଈ ସାଆନ୍ତ ଗୋବର୍ଦ୍ଧନ ପଟ୍ଟନାୟକଙ୍କର ଠିକ୍ ଓଲଟା ପଟ । ଗୋବର୍ଦ୍ଧନ ପଟ୍ଟନାଇକେ କଠୋର, ଟାଣ ପ୍ରକୃତିର ମଣିଷ । କଥାଗୁଡ଼ାକ ତାଙ୍କର ଟାଏଁ ଟାଏଁ, ଠୋ ଠୋ । ଗୋଲ୍ଡ଼-ଖିପରି ଭଳି ସେଗୁଡ଼ାକ ଶୁଣିବା ଲୋକର କାନରେ ବାଜେ । ପଟ୍ଟନାଇକଙ୍କ ଭାରି କଞ୍ଜୁସ୍ । ପଇସାଟାଏ ଦେବାକୁ ସବୁବେଳେ ଟାଣେଟୁଣି ହୁଅନ୍ତି । ପଇସା କଉଡ଼ି, ଧାନ ଚାଉଳ ତାଙ୍କର ଇଷ୍ଟଦେବତା, ମା—ବାପ । କାହାରିକୁ କିଛି ଦବାକୁ ହେଲେ ତାଙ୍କ କଲିଜା ଉପରେ ସଦ୍ୟ ଛୁରି ଚାଲିଯାଏ ।

କିନ୍ତୁ ରମ୍ଭାଦେଈଙ୍କ ପ୍ରକୃତିଟି ବଡ଼ କୋମଳ । କଥା-ଗୁଡ଼ିକ ମିଠା । ରାଗିଥିଲେ ବି ସେ କାହାରିକି ଛୁଟିକରି କିଛି କହିବାର ଶୁଣାଯାଏ ନାହିଁ । ବେଶି ରାଗରେ ବରଂ ନିଜେ କାନ୍ଦି ପକେଇବେ, କାହାରିକି ଟାଣ କରି ପଦେ କହିବେ ନାହିଁ । ତେଣୁ ସମସ୍ତଙ୍କର ସେ ପ୍ରିୟ । ସମସ୍ତେ ତାଙ୍କୁ ଭଲ ପାଆନ୍ତି । ଯେତେ ବିରକ୍ତ, ବିମନା, ବିଦ୍ୱେଷୀ ହୋଇ ଲୋକଟାଏ ଆସି ଥାଉ ପଛକେ, ରମ୍ଭାଦେଈଙ୍କ ଆଖି ଆଗରେ ପଡ଼ିଲେ ତାର ସେ ଭାବ ବଦଳିଯାଏ, ସେ ଭଲ ମଣିଷ ପାଲଟିଯାଏ ।

ସମସ୍ତେ କହନ୍ତି—ରମ୍ଭା ଘରର ଲକ୍ଷ୍ମୀ । ଘରରେ ପାଦ ଦେଲା ଦିନଠାରୁ ଘରର ଶ୍ରୀ ହୁ ହୁ କରି ବଢ଼ିଚାଲିଛି । ଆଗରୁ ପଟ୍ଟନାଇକଙ୍କର

ସେମିତି କିଛି ଘରକରଣା ନ ଥିଲା । ସମ୍ପତ୍ତି ବାଡ଼ି ସାମାନ୍ୟ ଥିଲା । ରମ୍ଭା ଦେଈଙ୍କ ହାତ ଧରିଲା ଦିନଠାରୁ ସବୁ ଉନ୍ନତ । କି ଘରଦ୍ୱାର, କି ଜମିବାଡ଼ି, କି ଧାନ ଗୃହଳ, କି ମାଲମତା, ସବୁ ରମ୍ଭାଦେଈଙ୍କ ପଛେ ପଛେ ଅସିଛି । ସ୍ୱାମୀ ଗୋବର୍ଦ୍ଧନଙ୍କୁ ବି ଏକଥା ବେଶ୍ ମାଲୁମ୍ । ସେ ନିଜେ କେତେଥର କେତେ ଲୋକଙ୍କ ଅଗରେ କହିଛନ୍ତି,—"ମୋ ଘରକରଣା ବାବୁଲି ମା ଯୋଗୁଁ ।" ବାବୁଲି ରମ୍ଭା ଦେଈଙ୍କର ବଡ଼ ପୁଅ, ସାନ ନାଁ ହାବୁଲି ।

ଗୋବର୍ଦ୍ଧନ ମନେ ମନେ ରମ୍ଭା ଦେଈଙ୍କି ବଡ଼ ଭଲ ପା'ନ୍ତି, ଭିତରେ ଭିତରେ ଭାରି ଶରଧା କରନ୍ତି । କିନ୍ତୁ ବାହାରକୁ ସେଇଟା ଠଉରେଇ ହୁଏ ନାହିଁ । ତାଙ୍କର ପ୍ରକୃତିଟା ନଡ଼ିଆ ଫଳ ପରି ଟାଣ । ସୁଆଗିଆ କଥା ତାଙ୍କ ତୁଣ୍ଡରୁ ସହଜରେ ବାହାରେ ନାହିଁ । ଯେତେ କଅଁଳ କରି କହିଲେ ବି ତା ଟାଣ ହୋଇଯାଏ, ଇଚ୍ଛା ବିରୁଦ୍ଧରେ ରୁକ୍ଷ ପାଲଟି ଯାଏ । ତଥାପି ରମ୍ଭାଦେଈଙ୍କ ସମ୍ପର୍କରେ ସେ ରୁକ୍ଷ ନଡ଼ିଆ ଫଳ ଭିତରେ ବେଳେ ବେଳେ ସରସ ମଧୁର ରସର ସନ୍ଧାନ ମିଳିଥାଏ । ବାବୁଲି ମା କେମିତି କେତେବେଳେ ଦୋଷ କସୁରିଟାଏ କଲେ, ଗୋବର୍ଦ୍ଧନ ପଟ୍ଟନାଇକେ ଅବଶ୍ୟ ଝାଡ଼ମାଡ଼ ହୁଅନ୍ତି କିନ୍ତୁ ଭିତରଟା ରମ୍ଭାଦେଈଙ୍କ ପ୍ରତି ବରାବର ନରମ ଥାଏ ।

ସେ ଦିନ କାଳନ୍ଦୀ ଗୋବର୍ଦ୍ଧନଙ୍କ ସହିତ ସମ୍ପର୍କ ତୁଟେଇ ଦେଇ ଆସିଲା ସିନା; ହେଲେ କଣ ହେବ, ରମ୍ଭାଦେଈଙ୍କ ସହିତ ସମ୍ପର୍କ ଏତେ ଶୀଘ୍ର ତୁଟେଇ ଦେଇ ପାରିଲା ନାହିଁ । ରମ୍ଭା ତାକୁ ଘର ଭିତରକୁ ଡାକି ନେଇ ଅନେକ କଥା କହିଲେ, ଢେର ଢେର ବୁଝେଇଲେ । କାଳନ୍ଦୀ ବୁଝିଲା—ସାଆନ୍ତାଣୀଙ୍କର ତା ପ୍ରତି କେଡ଼େ ମମତା । ଦଶ ବର୍ଷର ମୂଲଅକୁ ସେ ଛାଡ଼ିବାକୁ ନାରାଜ । ସେ ସେ ପୁଅଠାରୁ ବଳେ । ତା ଦୁଃଖରେ ସାଆନ୍ତାଣୀଙ୍କ ଆଖିରେ

ଲହୁ ଆସେ । ତାର ମନର ବେଦନା ସାଆନ୍ତାଣୀଙ୍କ ପ୍ରାଣକୁ ଆଘାତ କରେ ।

ସାଆନ୍ତାଣୀ ନ ଛାଡ଼ିବାରୁ କାଳନ୍ଦୀ ସେଦିନ ଅଟକି ଗଲା । କିନ୍ତୁ ରମ୍ଭାଦେଈଙ୍କୁ ସେ କହିଲା— ତାକୁ ଯିବାକୁ ହେବ । ପୁଅର ଅବସ୍ଥା ଏମିତି ଯେ, ତାର ନ ଗଲେ ନ ଚଳେ । ଖୁବ୍ କମ୍‌ରେ ପନ୍ଦର ଦିନ ପାଇଁ ତାକୁ ଯିବାକୁ ପଡ଼ିବ । ସେ ଯାଇ ପୁଅର ଚିକିତ୍ସା କରିବ । ସ୍ୱତନ୍ତ୍ର ବଇଦ ଲଗେଇବ । ବଇଦକୁ ତାର ପାଉଣା ଦେବ । ଯେମିତି ହେଲେ ପୁଅକୁ ବଞ୍ଚେଇବ ।

ରମ୍ଭାଦେଈ କହିଲେ—ତା ଆଉ କହିବୁ ନାହିଁ ନା ବାପା, ପୁଅ ବୋଲି ଝଣ୍ଡେ ।

ରମ୍ଭା ଆହୁରି କହିଲେ—ଖରାପ ବେଳରେ ମାଗିଦେଲାରୁ ବାବୁଙ୍କ ବାପା ଟିକେ ବିଗିଡ଼ି ଗଲେ । ଆଜି ଦିନଟା ରହିଯା, କାଲି ଦେଖିବା ।

ସାଆନ୍ତାଣୀ ଭରସା ଦେଲାରୁ କାଳନ୍ଦୀ ସେ ଦିନଟା ରହିଗଲା । କିନ୍ତୁ ମନଟା ତାର ସ୍ଥିର ହେଲାନାହିଁ । ସବୁବେଳେ ଉଚ୍ଛନ୍ନ ହେବାକୁ ଲାଗିଲା । ଖାଲି ପୁଅର କଥା ମନେ ପଡ଼ିଲା । ପେଟକୁ ଦାନା ଗଲାନାହିଁ । ଆଖିକୁ ନିଦ ଆସିଲା ନାହିଁ । ସବୁବେଳେ ଯେପରି କିଏ ତାକୁ ଘରଆଡ଼କୁ ଟାଣିବାକୁ ଲାଗିଲା ।

ପରଦିନ ଗୋଟାଏ ଖାତକ ଆସି ପଟନାଇକଙ୍କୁ ସୁଧ ଅସଲ ମିଶେଇ ଟଙ୍କା ତିନିଶହ ପରିଶୋଧ କରିଦେଇଗଲା । ପଟନାଇକେ ତାକୁ ବଡ଼କଷ୍ଟରେ ତିନୋଟି ଟଙ୍କା ଛାଡ଼ି ଦେଲେ ।

ଖାତକ ଯାଇ ସାରିଲା ପରେ କାଳନ୍ଦୀ ସାଆନ୍ତାଣୀଙ୍କ ଇଙ୍ଗିତରେ ଖାଉନ୍ଦ ଆଗରେ ଯାଇ ଛିଡ଼ା ହୋଇଗଲା । ପଟନାଇକେ ତାର ମନର ଭାବଟା ବୁଝିପାରି କହିଲେ—କିରେ, କାଲିତ ଭାର-ଡେଙ୍ଗରେ ପକେଇ ଯାଇଥିଲୁ, ଆଜି ପୁଣି ଦାନ୍ତ ନିକୁଟୁଛୁ ଯେ ।

ଭିତରେ ଥାଇ ରମ୍ଭାଦେଈ କହିଲେ—କାହିଁକି ଏମିତି ହଉଚମ ! ମୂଲିଆ ପୁଅଟା, ତାର ଟୋକାଏ ଅବେଳ ପଡ଼ିଛି ବୋଲି ସିନା ସେ ଏତେ ଜଗର କରୁଛି । ତା କଥା ଠିକ୍‌ଏ ବୁଝ୍‌ ହେ ।

ପଟ୍ଟନାଇକେ ରୁକ୍ଷ କଣ୍ଠରେ ଜବାବ୍ ଦେଲେ—ଚୁପ୍ କରମ, ତମେ ମାଇପି ଲୋକ, ଏ ସବୁ କଥାରେ ତମ ମୁଣ୍ଡଟା ବଥାଏ କାହିଁକି ?

ଏହା କହି ସେ ଟଙ୍କାଗୁଡାକ କାନିରେ ବାନ୍ଧି ଘର ଭିତରକୁ ପଶିଗଲେ । ଘରେ ତାକୁ ନେଇ ବାକ୍‌ସରେ ରଖିଲେ । କାଳନ୍ଦୀ ଚୁପ୍ ହୋଇ ଛିଡ଼ା ହୋଇଥିଲା । ହଠାତ୍ ଚୋପାନପର ଭଙ୍ଗିଆସି ଭିତର ଅଗଣାରେ ଠିଆ ହୋଇ ଆକାଶକୁ ଚାହିଁ କହିଲା—ହେ ଭଗବାନ୍ ! ସତେ ଯଦି ତୁ ଧନବନ୍ତ କରୁଥିବୁ—

ବାବୁଲା ମା ଧାଇଁ ଆସି ତା ତୁଣ୍ଡରେ ହାତ ପକେଇ ଦେଲେ, କହିଲେ—ଛି, ଛି, ଛି, ସେମିତି କଥା କହନା କାଳନ୍ଦୀ, ସେମିତି କଥା ତୁଣ୍ଡରୁ କାଢ଼ନା ।

ଏହା କହି ସେ କାଳନ୍ଦୀକୁ ଜୋର କରି ଟାଣି ନେଇଗଲେ । ପଟ୍ଟନାଇକେ କିଛିକାଳ ଗର୍ଜନ ତର୍ଜନ କରି ଶେଷରେ ପୋଖରୀ ପାଣି ବସିବାକୁ ହାତରେ ଚାଳ ନେଇ ପଦାକୁ ବାହାରିଗଲେ ।

— ୩ —

ପରଦିନ ରାତି ପାହିଲା ପରେ ଦେଖାଗଲା,—କାଳନ୍ଦୀ ଖଜିତ ଚାଲିଯାଇଛି ।

ସମସ୍ତେ ଜାଣିଲେ, ପଟ୍ଟନାଇକେ ଜାଣିଲେ । ସ୍ତ୍ରୀ ରମ୍ଭାଦେଈଙ୍କୁ ଶିକ୍ଷା ଦେଇ କହିଲେ—ଦେଖିଲ ? ନିମକହାରାମଙ୍କ ନିମକହାରାମି

ଏଇପରି ! ଶଳାକୁ ଦଶବର୍ଷ ହେଲା ପୋଷି ଆସିଥିଲି, ଭାତ ଦେଇ ଲୁଗା ଦେଇ, ବର୍ତ୍ତନ ଦେଇ । ବର୍ଷକୁ ବର୍ଷ ପନ୍ଦର ଗଣ୍ଡା ଟଙ୍କା ଗଣି ନଉଥିଲା ଯେକ୍ ଠୋକ୍ । ଧନେ ସୁତାଖିଅ ପରି ହଲୁଥିଲା, ଏ ଘରର ଭାତ ଖାଇ ଚେହେରା ଫିଟିଲା, ଶକ୍ତକଣ ଦିଶିଲା, ହାତରେ କିଛି ମୁଠି ହେଲା, ଧମାକ୍ ବଢ଼ିଲା, ଏବେ ଦେଲା ଚମ୍ପଟ୍ ! ହଜରେ ଶଳା ! ଯାଇଚୁ ତ ଯା; ତୋ ପରି ପାଞ୍ଚଗଣ୍ଡା ମୂଲିଆ ସାଙ୍ଗେ ସାଙ୍ଗେ ପଟ୍ଟନାଇକଙ୍କର ଗୋଡ଼ତଳକୁ ଆସିଯିବେ ।

ରମ୍ଭା ଦେଈ ସବୁ ଶୁଣି କହିଲେ—ହଁ ମ ! ମୂଲିଆ କଅଣ ଆଉ ନ ମିଳିବେ କି ? ହେଲେ, ଦଶ ବର୍ଷ ହେଲା ପୁଅ ପରି ହୋଇ ରହିଥିଲା, ଆଜି ଦୁମ୍ ପରି ଉଠି ଗ୍ଲଲିଗଲା । ଟିକିଏ ମାୟା ମମତା ବି ହେଲା ନାହିଁ ?

ପଟ୍ଟନାଇକେ ଟିପ୍ପଣୀ କଲେ—ମାୟା ଆଉ ମମତା ! ବଦ୍-ନୟତ୍ ଲୋକଙ୍କର ପୁଣି ମାୟା ଆଉ ମମତା ! ମୁଁ ସେଇଥିପାଇଁ ପରା ତୁମକୁ କେତେଥର ଦାବୁଛି, କେତେଥର କହୁଛି—ଦେଖ, ଦେଖ, ବାବୁଲମା ! ବଣର ଚଢ଼େଇ, ତାକୁ ହଜାରେ ସୁନା-ପିଞ୍ଜରାରେ ରଖିଲେ, ଘିଅଭାତ ଖୋଇଲେ ସେ କେବେଁ ତମର ହବ ନାହିଁ । ତୁମେ ତ ମୋ କଥା ଶୁଣ ନାହିଁ । ତୁମ ମାଇପି ବୁଦ୍ଧିରୁ କାମ କର । ଲୁଚେଇ ଚୋରେଇ ଅଜା ଧାନ, ଡାଲି ଗୁଡ଼ଲ, କଉଁଦନ ପଇସା, କଉଁ ଦନ ଲୁଗାପଟା, ଏମିତି ସତର ରକମ ଦେଇ ତା ମନ ମୋଟ କଲ । ଏଥର ବୁଝିଲ ତ ? ମଣିଷ କଳାମୁଣ୍ଡିଆ, ତାକୁ ବିଶ୍ୱାସ ନାହିଁ ।

ରମ୍ଭା ଗେରସ୍ତଙ୍କ କଥା ସମଥନ କରି କହିଲେ—ହଁ ମ ! କି ବିଶ୍ୱାସ ଅଛି ଲୋକଙ୍କୁ । ତେବେ ଲୋକଟା ନେଉଥିଲା ଯେମିତି କାମ କରୁଥିଲା ବି ସେମିତି, ଇତର ମୂଲିଆଙ୍କ ପରି......

ରମ୍ଭା ଦେଈଙ୍କୁ କଥା ଶେଷ କରିବାକୁ ନଦେଇ ପଟ୍ଟନାଇକେ ତମ୍ବ ପରି ଗର୍ଜି ଉଠି କହିଲେ—ଅରେ, ରଖ ତମ କାମ । ସେଇ କଥାକୁ ମୋ ହାଡ଼ ଚଡ଼େ । କାଳଅଠା ଖାଲି କାମ କରେ, ଅଉ ଦୁନିଅରେ କେହି କରନ୍ତି ନାହିଁ ପରି ? କାହିଁକି ଏଭଳି କଥା-ଗୁଡ଼ାକ କୁହ ହେ ବାଗୁଲା ମା ?

ଏହା କହି ପଟ୍ଟନାଇକେ ମୁହଁ ତେର୍ଚ୍ଛା କରି ଦପାଟି ଦାନ୍ତ ଗିଜିଡ ରମ୍ଭାଦେଈଙ୍କ ଅଡ଼କୁ ଚାହିଁ ରହିଲେ ।

ରମ୍ଭା କଥାଟାକୁ ଅଉ ବଢିବାକୁ ଦେଲେ ନାହିଁ । ସୁତରାଂ ସଂକ୍ଷେପରେ ଶେଷ କଲେ—ହଁ ମ ! ମୁଁ କହୁଛି କଣ କି, ଅମେ ଦେଉଥିଲେ ଯେମିତ, ସେ କାମ କରୁଥିଲା ସେମିତ, ପୋଲା ମାଗଣା ତ ନୁହେଁ—ଗଲେ ଯାଉ । ଯଦ ପୁଣି ଫେରି ଅସିବାକୁ ମନ ଥିବ, ଅସିବ, ନ ହେଲେ ନାହିଁ ।

ପଟ୍ଟନାଇକେ—ଅଉ ଅସିବ ? ଅସିଲେ, ଛୁଣ୍ଡା ଗୁଅଁଣିରେ ଶଳାର ମୁଣ୍ଡ କଣା କରି ଦେବ ନାହିଁ ?

ରମ୍ଭା ଦେଈ କହିଲେ—ହଁ ମ ! କଏ ଅସିବା ଖୋଜୁଛି କି ? ତା ମନ ନ ହେଲେ ନ ଅସିବ ? ଅମ ମନ ନ ହେଲେ ନ ରଖିବା ! ତେବେ, କଣକି—ତା ପିଲାଟା କଥା ଭାବି ମୋ ମନଟା ଟିକିଏ ଦୁଃଖ ହୁଏ । ପିଲାଟା ବାଧିକା ପଡଉଛି, ଠାକୁରେ ତାକୁ ଭଲ କରି ଦିଅନ୍ତୁ ।

ରମ୍ଭା ଦେଈଙ୍କ ସହାନୁଭୂତିଟା ଗୋବର୍ଦ୍ଧନଙ୍କୁ ସୁଖ ଲାଗିଲା ନାହିଁ । ସେ ବ୍ୟଙ୍ଗବାଣୀ ଶୁଣାଇ କହିଲେ—ଔଃ ହୋଃ ! ପି-ଲା-ଟା ବା-ଧି-କା- ପଡ଼ୁଛି !

ଦି ଦିନ ପରେ ଦେଖାଗଲା—ପଟ୍ଟନାଇକଙ୍କ ଘରୁ କେବଳ କାଳନ୍ଦୀ ଗୁଉଡ଼ ଯାଇନାହିଁ, ତା ସଙ୍ଗେ ସଙ୍ଗେ କିଛି ଟଙ୍କା ବି ଯାଇଛି ।

ଏଇପରି ! ଶଳାଙ୍କୁ ଦଶବର୍ଷ ହେଲା ପୋଷି ଆସିଥିଲି, ଭାତ ଦେଇ ଲୁଗା ଦେଇ, ବର୍ତ୍ତନ ଦେଇ । ବର୍ଷକୁ ବର୍ଷ ପନ୍ଦର ଗଣ୍ଡା ଟଙ୍କା ଗଣି ନଉଥିଲା ହେକ୍ ଠୋକ୍ । ଧନେ ସୁତାଖିଅ ପରି ହୋଇଥିଲା, ଏ ଘରର ଭାତ ଖାଇ ଚେହେରା ଫିଟିଲା, ଚିକ୍କଣ ଦିଶିଲା, ହାତରେ କିଛି ମୁଠି ହେଲା, ଧମାକ୍ ବଢ଼ିଲା, ଏବେ ଦେଲା ଚମ୍ପଟ୍ ! ହଉରେ ଶଳା ! ଯାଇଚୁ ତ ଯା; ତୋ ପରି ପାଞ୍ଚଗଣ୍ଡା ମୂଲିଆ ସାଙ୍ଗେ ସାଙ୍ଗେ ପଟ୍ଟନାଇକଙ୍କର ଗୋଡ଼ତଳକୁ ଆସିଯିବେ ।

ରମ୍ଭା ଦେଈ ସବୁ ଶୁଣି କହିଲେ—ହଁ ମ ! ମୂଲିଆ କଅଣ ଆଉ ନ ମିଳିବେ କି ? ହେଲେ, ଦଶ ବର୍ଷ ହେଲା ପୁଅ ପରି ହୋଇ ରହିଥିଲା, ଅଜି ହୁମ୍ ପରି ଉଠି ଚାଲିଗଲା । ଟିକିଏ ମାୟା ମମତା ବି ହେଲା ନାହିଁ ?

ପଟ୍ଟନାଇକେ ଟିପ୍‌ପଣୀ କଲେ—ମାୟା ଆଉ ମମତା ! ବଦ୍-ଜାଯାତ୍ ଲୋକଙ୍କର ପୁଣି ମାୟା ଆଉ ମମତା ! ମୁଁ ସେଇଥିପାଇଁ ପରା ତୁମକୁ କେତେଥର ଦାବୁଛି, କେତେଥର କହୁଛି—ଦେଖ, ଦେଖ, ବାବୁଲମା ! ବଣର ଚଢ଼େଇ, ତାକୁ ହଜାରେ ସୁନା-ପିଞ୍ଜରାରେ ରଖିଲେ, ଘିଅଭାତ ଖୋଇଲେ ସେ କେବେଁ ତମର ହବ ନାହିଁ । ତୁମେ ତ ମୋ କଥା ଶୁଣ ନାହିଁ । ତୁମ ମାଇପି ବୁଦ୍ଧିରୁ କାମ କର । ଲୁଚେଇ ଚୋରେଇ ଅଜି ଧାନ, କାଲି ଚାଉଳ, କେଉଁଦିନ ପଇସା, କେଉଁ ଦିନ ଲୁଗାପଟା, ଏମିତି ସବୁ ରକମ ଦେଇ ତା ମନ ମୋଟ କଲ । ଏଥର ବୁଝିଲ ତ ? ମଣିଷ କଳାମୁଣ୍ଡିଆ, ତାଙ୍କୁ ବିଶ୍ୱାସ ନାହିଁ ।

ରମ୍ଭା ଗେରସ୍ତଙ୍କ କଥା ସମର୍ଥନ କରି କହିଲେ—ହଁ ମ ! କି ବିଶ୍ୱାସ ଅଉ ଲୋକଙ୍କୁ । ତେବେ ଲୋକଟା ନେଉଥିଲା ଯେମିତି କାମ କରୁଥିଲା ବି ସେମିତି, ଇତର ମୂଲିଆଙ୍କ ପରି......

ରମ୍ଭା ଦେଈଙ୍କୁ କଥା ଶେଷ କରିବାକୁ ନଦେଇ ପଟ୍ଟନାଇକେ ତମ ପରି ଗର୍ଜି ଉଠି କହିଲେ—ଆରେ, ରଖ ତମ କାମ । ସେଇ କଥାକୁ ମୋ ହାଡ଼ ଚିଡ଼େ । କାଳିଅଟା ଖାଲି କାମ କରେ, ଆଉ ଦୁନିଆରେ କେହି କରନ୍ତି ନାହିଁ ପରା ? କାହିଁକି ଏଭଳି କଥା-ଗୁଡ଼ାକ କୁହ ହେ ବାବୁଲା ମା ?

ଏହା କହି ପଟ୍ଟନାଇକେ ମୁହଁ ଟେର୍ଚ୍ଛା କରି ଦିପାଟି ଦାନ୍ତ ଗିଜିଉ ରମ୍ଭାଦେଈଙ୍କ ଅଡ଼କୁ ଚୃହିଁ ରହିଲେ ।

ରମ୍ଭା କଥାଟାକୁ ଆଉ ବଢିବାକୁ ଦେଲେ ନାହିଁ । ସୁତରାଂ ସଂକ୍ଷେପରେ ଶେଷ କଲେ—ହଁ ମ ! ମୁଁ କହୁଛି କଣ କି, ଆମେ ଦେଉଥିଲେ ଯେମିତ, ସେ କାମ କରୁଥିଲା ସେମିତ, ଫୋଲା ମାଗଣା ତ ନୁହେଁ—ଗଲେ ଯାଉ । ଯଦି ପୁଣି ତାର ଆସିବାକୁ ମନ ଥିବ, ଆସିବ, ନ ହେଲେ ନାହିଁ ।

ପଟ୍ଟନାଇକେ—ଆଉ ଆସିବ ? ଆସିଲେ, ଛୁଣ୍ଡ୍ରା ଗୁଅଁଣିରେ ଶଳାର ମୁଣ୍ଡ କଣା କରି ଦେବି ନାହିଁ ?

ରମ୍ଭା ଦେଈ କହିଲେ—ହଁ ମ ! କଏ ଆସିବା ଖୋଜୁଛି କି ? ତା ମନ ନ ହେଲେ ନ ଆସିବ ? ଆମ ମନ ନ ହେଲେ ନ ରଖିବା । ତେବେ, କଣକି—ତା ପିଲାଟା କଥା ଭାବି ମୋ ମନଟା ଟିକିଏ ଦୁଃଖ ହୁଏ । ପିଲାଟା ବାଧିକା ପଢୁଛି, ଠାକୁରେ ତାକୁ ଭଲ କରି ଦିଅନ୍ତୁ ।

ରମ୍ଭା ଦେଈଙ୍କ ସହାନୁଭୂତିଟା ଗୋବର୍ଦ୍ଧନଙ୍କୁ ସୁଖ ଲାଗିଲା ନାହିଁ । ସେ ବ୍ୟଙ୍ଗବାଣୀ ଶୁଣାଇ କହିଲେ—ଓଃ ହୋଃ ! ପି-ଲା-ଟା ବା-ଧି-କା- ପଢୁଛି !

ଦି ଦିନ ପରେ ଦେଖାଗଲା—ପଟ୍ଟନାଇକଙ୍କ ଘରୁ କେବଳ କାଳନ୍ଦୀ ଗଉଡ ଯାଇନାହିଁ, ତା ସଙ୍ଗେ ସଙ୍ଗେ କିଛି ଟଙ୍କା ବି ଯାଇଛି ।

ସେ ଧନ ଖାତକ ସୁଧ ଅସଲ ମିଶାଇ ଯେଉଁ ତିନିଶହ ଟଙ୍କା ଦେଇ ଯାଇଥିଲା ଗୋବର୍ଦ୍ଧନ ତାକୁ ଗଣତି କରି ବାକ୍ସରେ ରଖିଦେଇ ଥିଲେ । ବାକ୍ସ ଆଉ ଖୋଲା ହୋଇନାହିଁ, ଗୋଟାଏ ପଇସାବି ସେଥିରୁ ଖର୍ଚ୍ଚ ହୋଇନାହିଁ । ଖର୍ଚ୍ଚର କୌଣସି ପ୍ରୟୋଜନ ନ ଥିଲା । କିନ୍ତୁ ଖୋଲି ଦେଖିଲାବେଳକୁ ସେଥିରୁ ଶହେ ଟଙ୍କା-ହରଣଗଲା । ବାକି ଟଙ୍କାତକ ଠିକ୍ ଅଛି । ବାକ୍ସରେ ପୂର୍ବ ପଡ଼ିଛି ।

ବଡ଼ ବିସ୍ମୟର କଥା ! ଚୋର ଗଣି କରି ଶହେଟା ଟଙ୍କା ଉଠେଇ ନେଇଛି । ପଇସାଟାଏ ବେଶୀ ନେଇ ନାହିଁ, ପଇସାଟାଏ ବି କମ୍ ନେଇ ନାହିଁ । ଗୋବର୍ଦ୍ଧନ ଥରେ, ଦିଥର, ତିନିଥର ଗଣି ଦେଖିଲେ । ସବୁ ଥର ଗଣତି ସମାନ ହେଲା । ଠିକ୍ ଶହେ ଟଙ୍କା ଊଣା ।

ଗୋବର୍ଦ୍ଧନ ପଟ୍ଟନାଇକେ ରାଗରେ ହତଜ୍ଞାନ ହୋଇଗଲେ । ଚୋର କିଏ ସେ ବିଷୟରେ ଆଉ ସନ୍ଦେହ ରହିଲା ନାହିଁ । କାଳନ୍ଦୀ ସ୍ୱଜାତର ମୂର୍ତ୍ତିଟା ତାଙ୍କ ଆଖି ଆଗରେ ନାଚି ଉଠିଲା । ସେଇ ସେ ସେ ଧନର ମୂର୍ତ୍ତି—ଅଗଣାରେ ଛିଡ଼ା ହୋଇ ଆକାଶକୁ ଅନେଇ କହୁଛି—"ହେ ଭଗବାନ୍ ! ସତେ ସଦା ତୁ ଧନବନ୍ତ କରୁଥିବୁ— ।"

ଗୋବର୍ଦ୍ଧନ ଖାଲି ଦାନ୍ତ କାମୁଡ଼ି, ଛଟପିଟି ହୋଇ ଘରର ଝିଲେଇ କୁକୁର ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ତୋଡ଼ କରୁଡ଼ିବାକୁ ଲାଗିଲେ । କିନ୍ତୁ କିଛି ଉପାୟ ନାହିଁ । ଏ ଚୋରିର କଥା କାହାକୁ କହିବେ ? ଯେ ଶୁଣିବ ସେ ଅବିଶ୍ୱାସ କରିବ । ଯେ ଶୁଣିବ ସେ କହିବ—ଚୋର କଣ ଶହେଟା ଟଙ୍କା ଗଣି ବାକ୍ସ ଭିତରୁ ନେଇ-ଗଲା, ଆଉ ସବୁ ଟଙ୍କା କଣ ତାକୁ ପିତା ଲାଗିଲା ! ଗୋବର୍ଦ୍ଧନ

ଭାବିଲେ—ହୁଏତ ଲୋକେ ଓଲଟି ତାଙ୍କୁ ହିଁ ଦୋଷୀ କରିବେ,—କହିବେ,—ମୂଲ୍ୟଅଟା ଚାଲିଗଲାରୁ ତା ନାଁରେ ଅପବାଦ ଦଉଚି ।

ପୋଲିସରେ ଡାଏରି ଦବା କଥା ଗୋବର୍ଦ୍ଧନ ଚିନ୍ତାକଲେ । କିନ୍ତୁ ତାର ପରିଣାମ କଣ ହେବ ତା ମଧ୍ୟ ଭାବି ଦେଖିଲେ । ନା—ନା, ସେ ରାସ୍ତା ଭାରି ଖରାପ । ସେ ରାସ୍ତାରେ ଗଲେ ଶହେ ପଛରେ ପାଞ୍ଚ ଶହ ଯେ ଉଡ଼ି ନ ଯିବ ତା କିଏ କହିବ ! ଦାରୋଗା ବାବୁଙ୍କଠାରୁ ଆରମ୍ଭ କରି ଚୌକିଦାର ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ଦବାକୁ ପଡ଼ିବ,—ସମସ୍ତେ ଜୋକ ପରି ଲାଗିଯିବେ,—ତାଙ୍କ ଲହୁ ଶୋଷିବେ,—ତାଙ୍କୁ ଜୀଅନ୍ତା ମାରି ଦେବେ,—ହଲବଲର ସୀମା ରହିବ ନାହିଁ,—ଶେଷକୁ ଫଳ ହବ—ହାତୀ ବାଇ ଘୁଷୁରି ଫୁସ୍—ଗୋବର୍ଦ୍ଧନ ଭାବିଲେ ଯାହା ହେବାର ହେଲା । ଶଳା ଭଣ୍ଡି କଟା ! ଯାହା ତ ଭଣ୍ଡି କାଟିଲା ! ତାର ପ୍ରତିକାର କରିବାକୁ ଯାଇ କିଛି ଲାଭ ନାହିଁ । ସେଥିରୁ ନିବର୍ତ୍ତି ଯିବାଟା ବୁଦ୍ଧିମାନର କାମ ।

ସୁତରାଂ ଗୋବର୍ଦ୍ଧନ ନିବର୍ତ୍ତି ଗଲେ ।

ମାଘ ମାସ ଶେଷ ହେବାକୁ ଯାଉଛି । ଆଉ ଚାରିଟା ଦିନ ବାକି । ଉତ୍ତରି ପବନ ପିଟି ହୋଇ ମେଘ ଉଠେଇ ଆସିଲା — ଧୂଳିଆ ମେଘ । ଘଡ଼ିକ ପରେ ବର୍ଷା ହୋଇଗଲା,—ସୁନ୍ଦର ଅସରାଏ ବର୍ଷା । ଚାଷୀଏ ଠିକ୍ ଏହିପରି ଅସରାଏ ଖୋଜୁଥିଲେ । ଠିକ୍ ବଖତରେ ବର୍ଷାଟା ହେଲା । ଋଷି ବଚନ ଅଛି—"ଯଦି ବରଷଇ ମାଘର ଶେଷ, ଧନ୍ୟ ସେ ରାଜା ଧନ୍ୟ ସେ ଦେଶ ।"

ତହିଁ ପରଦିନ ଚାଷୀଏ ମହା ଆନନ୍ଦରେ ଘରୁ ଲଙ୍ଗଳ କାଢ଼ି ପକେଇଲେ, ବଳଦ ନେଇ ବିଲବାଡ଼ିକି ଚାଲିଲେ । କଡ଼ାଣି ହେଲା । ଦି ତିନି ଦିନ ବେଶ୍ ହଳ କାଟିଲା । କିଏ ପାଏ କିଏ

ମାଣେ, କିଏ ପାଞ୍ଚ ମାଣ, ଯାହାର ଶକ୍ତି ଯେତିକି, କଢ଼ାଣ କରିଗଲେ । ବଡ଼ ବଡ଼ ଚାଷୀଏ ବେଶି ବେଶି ଭୂଇଁ ତାଙ୍କ ଦୋହଡ଼ ପାଇଁ ରଖି ଦେଲେ । ଚାଷୀଙ୍କୁ ଫୁରସତ୍ ନାହିଁ । ମୂଲିଆଙ୍କୁ ବିଶ୍ରାମ ନାହିଁ । ନିର୍ଘୁମ୍ ହଳ ଚାଲିଛି ।

ଏକା ଗୋବର୍ଦ୍ଧନ ପଟ୍ଟନାୟକଙ୍କ ବିଲକୁ ହଳିଆ ବାହାରିବାର ଦେଖାଗଲା ନାହିଁ । ହଳ ହେଲା ନାହିଁ । ଅଗ ମୂଲିଆ ନାହିଁ, ଉଠା ମୂଲିଆ ମିଳୁ ନାହାନ୍ତି । କାଳନ୍ଦୀ ଥିଲେ ଏତେ ବଡ଼ ପାଗ-ଯୋଗଟା ବ୍ୟର୍ଥ ହୋଇ ଯାଇ ନ ଥାନ୍ତା । ସରସ ମୂଲିଆ ସେ,—କାମିକା, ମଜ୍‌ବୁତ୍ ଲୋକ । ବାଘ ପରି ମାଡ଼ି ଯାଇଥାନ୍ତା । ଏକା ଏକା ସାତମାଣ ଜମି ଚାଢ଼ି ପକାଇଥାନ୍ତା ।

ମୂଲିଆ ହିସାବରେ କାଳନ୍ଦୀକି ଝିପି ଯିବାକୁ ଲୋକ ଖୁବ୍ କମ୍ । ମାଛି ଅନ୍ଧାରରୁ ଉଠି ହଳିଆ ଲଙ୍ଗଳ ନେଇ ବିଲରେ ହାଜର ହୋଇଯିବ ସେ । ସୂର୍ଯ୍ୟ ମୁଣ୍ଡଉପରୁ ଢଳିବାଯାଏ ହଳରେ ଲାଗିଥିବ । ଆଉ ଆଉ ଚାଷୀ ମୂଲିଆମାନେ ବାସି କାମସାରି ହଂସେ ପଖାଳ ପେଟରେ ପକେଇ ବିଲ ମାଡ଼ିଲା ବେଳକୁ କାଳନ୍ଦୀ କମ୍‌ସେ କମ୍ ତିନି ଚାରି କିଆରି ହଳ ବୁଲେଇ ସାରିଥିବ । ଖାଲି ଦୋଳତାଟୁନ ଅଣ୍ଟିରେ ଥିଲେ ତାର କାମ ଚାଲିଲା । ଘଣ୍ଟାକୁ ଘଣ୍ଟା ସେତିକି ମଳି ଯାଚିରେ ଗୁଞ୍ଜି ସେ ଅସୁରପରି କାମରେ ଲାଗିଥିବ ।

ହାୟ ହାୟ ! ଅଜି ଏ ପାଗଯୋଗରେ କାଳନ୍ଦୀ ଯୋଗୁଁ ପଟ୍ଟନାଇକ ଘର ଜମି ପଡ଼ିଆ ରହିଲା ସିନା !

ରମ୍ଭାଦେଈ କହିଲେ—ହଇମ ! ଶୁଣୁଚ ? ମୁଁ କାଳନ୍ଦୀ କୁ ଡାକି ପଠଉଚ ?

ପଟ୍ଟନାଇକେ ଗର୍ଜି ଉଠିଲେ—ଏଁ ? କାଳନ୍ଦୀ କୁ ?

ରମ୍ଭାଦେଈ ଗଳା ଲମ୍ବେଇ କହିଲେ—ହୁଅଁମ ! ମୂଲ୍ୟ ପୁଅଟା ଉପରେ କି ରାଗ, ଅଁକସ ?

ଗୋବର୍ଦ୍ଧନ ଗର୍ଜିଲେ "କଣ ? ମୂଲ୍ୟ ପୁଅ ? ଶଳା ନିମକ୍-ହାରାମ୍ ! ବଦ୍‌ଜାତ କୁତା ! କଣ ନ କଲା ସେ ?"

ରମ୍ଭା କଅଁଳ କଣ୍ଠରେ କହିଲେ—ହିଁ ମ ! ମୁନିବ ହୋଇଥିଲେ ସବୁ ସହି । ମଣିଷଟା ଗୁହାଳିଆ ବୁଢ଼ି କରି ପକେଇଚ ସିନା । ଟଙ୍କା କଣ ଆଉ ଅଣଆଦାୟ ରହିବ ? ଆମର ମୂଲ ଲାଗି ସେ କଣ ଶୁଝି ଦେଇ ପାରିବନି ?

ଗୋବର୍ଦ୍ଧନ ଭୀଷଣ ପାଟିଟାଏ କରି କହିଲେ—ଅରେ ସେଟା ସେ ଚୋର ! ସେଟା ସେ ଡାକୁ ! ସେଇ ଚୋରଟାକୁ ଡାକି ଆଣି ଘରେ ରଖିବ ? କି ଅକଲ ତୁମର ବାବୁଲି ମା !

ଏହା କହି ପଟନାଇକେ ବାହାରକୁ ପଳେଇ ଯାଉଥିଲେ, ରମ୍ଭା ଦେଈ ହାତଟା ଧରି ପକେଇ କହିଲେ—ରହମ ! ରହମ ! ଟିକିଏ ଥୟ ଧରମ ।

ରମ୍ଭାଦେଈଙ୍କ କଣ୍ଠରେ ମିଶିଥିଲା କାକୁତି, ମିନତି ଆଉ ପ୍ରୀତିର ତ୍ରିବେଣୀଧାରା । ଅପାଙ୍ଗରେ ଖେଳୁଥିଲା ମୋହିନୀର ମାୟା, ମୁଖ ମଣ୍ଡଳରୁ ଫୁଟି ଉଠୁଥିଲା—ଆବେଗର ଉଚ୍ଛ୍ୱାସ । ଗୋବର୍ଦ୍ଧନ ରୁହିଁ ଦେଇ ଅଚଳ ହୋଇଗଲେ ।

ରମ୍ଭା କହିଲେ—ଶୁଣମ ! କାଳନ୍ଦୀ ଚୋର ନୁହେଁ ।

ଗୋବର୍ଦ୍ଧନ ବିସ୍ମୟରେ ପ୍ରକାଣ୍ଡ ଆଁ କରି ଛିଡ଼ା ହୋଇ ରହିଲେ । ପର ମୁହୂର୍ତ୍ତରେ କହିଲେ—ଏଁ ? ଚୋର ନୁହେଁ !

ରମ୍ଭାଦେଈ କହିଲେ- ନା ।

ଗୋବର୍ଦ୍ଧନ ବ୍ୟଙ୍ଗପୂର୍ଣ୍ଣ ଉତ୍ତର ଦେଲେ—ତେବେ କଣ ସାଧୁ, ସନ୍ଥ ?

ରମ୍ଭା—ହଁ ମ, ମୋତେ ବିଶ୍ବାସ କର ।

ଗୋବର୍ଦ୍ଧନ ପଚାରିଲେ—ଆଜି ତୁମ୍ଭ ଲେଖାରେ ଟଙ୍କର କଣ ?

ରମ୍ଭା—ହି—ହି—ହି ।

"କଅଣ ମ ?"

ରମ୍ଭା ଦେଈ ପୁନଶ୍ଚ ବିଟମ୍ବୋଷ୍ଠ ବିସ୍ତାର କହିଲେ--"ହି--ହି-- ।"

ଗୋବର୍ଦ୍ଧନ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—ତାର ମାନେ ?

ରମ୍ଭାଦେଈ ଉତ୍ତର ଦେଲେ—ହଁ ମ ! ତାର ମାନେ ପରେ କହିବି ।

ଦିନ ବୁଡ଼ିଲା, ସଞ୍ଜ ହେଲା । ନିତି ସଞ୍ଜପରେ ଗୋବର୍ଦ୍ଧନ ଖଟ ଉପରେ ସାଇ ପ୍ରଶସ୍ତ ବକ୍ଷ ମେଲି ଦିଅନ୍ତି । ସ୍ୱାମୀ-ସୁଆଗୀ, ପତି-ପରାୟଣା ରମ୍ଭାଦେଈ ସ୍ୱାମୀର ପାଦସେବା କରନ୍ତି । ଏଇଟା ତାଙ୍କର ଗୋଟାଏ ନିତ୍ୟନୈମିତ୍ତିକ କର୍ତ୍ତବ୍ୟ । ଗୋବର୍ଦ୍ଧନଙ୍କର ମଧ୍ୟ ଘଷାମୋଡ଼ା ଖାଇବାଟା ନିତ୍ୟନୈମିତ୍ତିକ ବ୍ୟାପାର । ସେଟା ନ ହେଲେ ନ ଚଳେ । ଗୋଡ଼ ତଳିପାରୁ ଆରମ୍ଭ କରି କାନ୍ଧ ପର୍ଯ୍ୟନ୍ତ ସୁତମତ ଘଷାମୋଡ଼ା ହେଲେ ତାଙ୍କୁ ବଡ଼ ଆରାମ ଲାଗେ । ରମ୍ଭା-ଦେଈ ସେଥିରେ ଅଭ୍ୟସ୍ତା ।

ପାଦସେବା କରୁଁ କରୁଁ ରମ୍ଭାଦେଈ କହିଲେ—ଶୁଣୁଛ କି ମ ! ସେତେବେଳେ ଯେ କହୁଥିଲି କାଳନ୍ଦୀ ଟଙ୍କର ହୁଏହିଁ, ସେ କଥାଟା ବୁଝିଲ ?

ଗୋବର୍ଦ୍ଧନ ରଙ୍ଗକରି କହିଲେ—ତା ହେଲେ ତୁମେଇ ଦେଇଥିବ ।

ରମ୍ଭାଦେଈ ସ୍ୱାମୀଙ୍କର ଡେଙ୍ଗାରଗୋଡ଼ର ଭଣ୍ଡିଟା ମର୍ଦ୍ଦନ କରୁ କରୁ ହସି ଉଠିଲେ—ହି—ହି—ହି । ତା ସଙ୍ଗେ ସଙ୍ଗେ କହୁ

ପଚେଇଦେଲେ—ମିଛ କୁହେଁନ ! ମୁଁ ତମ ଅଜାଣତରେ ଗୁଡ଼ି ଖୋଲି···

ଗୋବର୍ଦ୍ଧନ ଧଡ଼ପଡ଼ ଉଠି ବସି ଚମକ ଖାଇ ରମ୍ଭାଦେଈଙ୍କ ମୁହଁକୁ ଅନେଇ କହିଲେ—ସତେ !

ରମ୍ଭାଦେଈ ଜବାବ୍ ଦେଲେ—ସତ ମ ! କାଳନ୍ଦୀର ଚାନ୍ଦ ଚାନ୍ଦ ମୁହଁ ଖଣ୍ଡିକ ଦେଖି ମୋତେ ଭାରି ବିକଳ ଲାଗିଲା ପରା । ଆହା, ପୁଅଟି ପାଇଁ ସେ କେତେ ଉହାଳ ବିକଳ ହେଉଥିଲା ।

କାନ୍ଥରେ ଗୋଟାଏ ଝିଟିପିଟି ଶବ୍ଦକରି ଉଠିଲା—ସତ୍ ସତ୍ ସତ୍ ।

ଘରେ ଦୀପ ଜଳୁଥିଲା । ଗୋବର୍ଦ୍ଧନ ଚାହିଁ ଦେଖିଲେ, ପତ୍ନୀର ଗଣ୍ଡଦେଶ ପ୍ଲାବିତ କରି ସମବେଦନାର ଧାରା ଝରିପଡ଼ୁଛି ।

ମୁଦ୍ରାକର—ଶ୍ରୀ ରାମଚନ୍ଦ୍ର କର,
ସାରସ୍ୱତ ପ୍ରେସ, ଦରଘା ବଜାର, କଟକ—୧୯୬୧

ଗ୍ରନ୍ଥାକାରଙ୍କର ଅନ୍ୟାନ୍ୟ ପ୍ରକାଶନ

(କାବ୍ୟ କବିତା)

୧—ଦିଲୀପ୍

ଏହି କାବ୍ୟ ଖଣ୍ଡିକ ସମ୍ବନ୍ଧରେ ଦୈନିକ "ଗଣତନ୍ତ୍ର" କହନ୍ତି—

"ଦିଲୀପ ଚରିତ୍ର ଏକେ ତ ଚମତ୍କାରିତା, କର୍ତ୍ତବ୍ୟଜ୍ଞାନ ଓ ଆଦର୍ଶର ଉପାସନାରେ ଗୌରବାନ୍ୱିତ । ଉପେନ୍ଦ୍ରବାବୁ ଏ କାବ୍ୟଟିରେ ଭାଷାର ମୋହନ ଭଙ୍ଗୀରେ ସେହି ଗୌରବକୁ ପାଠକ-ପାଠିକାମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାରେ ଯେ କୃତକାର୍ଯ୍ୟ ହୋଇଅଛନ୍ତି, ତାହା ସ୍ୱୀକାର କରିବାକୁ ହେବ ।

୨—କଥା କବିତା

ଏହି ପୁସ୍ତକ ଖଣ୍ଡିକ ସମ୍ବନ୍ଧରେ ସୁବିଖ୍ୟାତ ସମ୍ବାଦପତ୍ର ଦୈନିକ "ସମାଜ" କହନ୍ତି—

"କେତୋଟି ପୌରାଣିକ ଓ ଐତିହାସିକ ଶିକ୍ଷାପ୍ରଦ ଘଟଣା ସାବଲୀଳ କବିତା ଆକାରରେ ଏ ପୁସ୍ତକରେ ସନ୍ନିବେଶିତ ହୋଇଅଛି । X X X କବିତାର ଭାବ, ଛନ୍ଦ ଓ ପ୍ରକାଶ-ଭଙ୍ଗୀ ମନୋରମ ।"

୩—ମଧୁପର୍କ

ସରଳ, ସୁନ୍ଦର, ଭାବଗର୍ଭକ କବିତାର ମନ୍ଦାକିନୀ ପ୍ରବାହ । କବି କହୁଛନ୍ତି—

"ନ ଜାଣେ ସାଙ୍ଖ୍ୟ-ନ୍ୟାୟ-ଦର୍ଶନ ବେଦ ବେଦାନ୍ତ ତର୍କ
ତେଣୁ ସୁଧୀ ଜନ କରେଁ ନିବେଦନ ଶୀକରେ ଏ ମଧୁପର୍କ ।"

୪ – ଦେବୀ

ନାରୀର ଚରିତ୍ରରେ ଦେବୀର ମହାମାନ୍ୟତା ପ୍ରତିବିମ୍ବିତ ହୋଇ ଯେଉଁ ଅପୂର୍ବ ଆତ୍ମତ୍ୟାଗର କମନୀୟ କୌମୁଦୀ ବିସ୍ତାର କରେ, ତାହା ଏହି କାବ୍ୟପାଠରୁ ଉପଲବ୍ଧି କରିଯାଏ ।

୫ – ପ୍ରଣୟ-ପୀୟୂଷ

ତରୁଣ ପ୍ରଣୟୀର ପ୍ରଣୟ-ଗୀତିକା, ଯହିଁରେ ସୁଅଗଭର ସମବେଦନା କଣ୍ଠରେ ଦରଦୀ ପ୍ରଣୟୀ ଗାଇଛନ୍ତି—

“ସ୍ନେହରି ଅଣିକୁ ସ୍ନେହ ମଳୟରେ
ତା ହୃଦ-ଗୋପନ-ବ୍ୟଥା ।”

(ଗଳ୍ପ — ଉପନ୍ୟାସ)

୧ – କଥାକୁଞ୍ଜ

ବିବିଧ ଗଳ୍ପର କମନୀୟ ବଲ୍ଲୀ-ବ୍ରତତୀରେ ଏହି କଥାର କୁଞ୍ଜଭବନଟି ଅମୂଳଚୂଳ ବିମଣ୍ଡିତ ।

୨ – ଗଳ୍ପବୀଥି

“କଥାକୁଞ୍ଜ” ପରି ମନୋହର ଅନ୍ୟତମ ଗଳ୍ପସମଷ୍ଟି ।

୩ – ତ୍ୟକ୍ତା (ଉପନ୍ୟାସ)

ମାନବସମାଜ ମଧ୍ୟରେ ସବୁ ସମୟରେ ଦେଖାଯାନ୍ତି ଜଣେ ଜଣେ ରାକ୍ଷସ ଓ ରାକ୍ଷସୀ ଆଉ ଜଣେ ଜଣେ ଦେବ ଓ ଦେବୀ । ଏହି “ତ୍ୟକ୍ତା” ଉପନ୍ୟାସରେ ମିଳେ ସେମାନଙ୍କର ସୁଲଭ ସନ୍ଧାନ ।

୪-ରାଜରାଣୀ

(ବିଧବାବିବାହମୂଳକ ଉପନ୍ୟାସ)

ଅଭାଗିନୀ ବାଲ ବିଧବାର ସୀମନ୍ତରେ ପୁନର୍ବାର ସିନ୍ଦୁର ରେଖା କିପରି ହସିଉଠୁଛି, ଅଉ ନିର୍ମମ ସମାଜ ତାହା ପୋଛି-ଦେବାକୁ ଚେଷ୍ଟାକରି କିପରି ବ୍ୟର୍ଥପ୍ରୟନ୍ନ ହୋଇଛି, ତାର ଜ୍ୱଳନ୍ତ ଛବି ଫୁଟିଉଠିଛି ଏହି "ରାଜରାଣୀ" ଉପନ୍ୟାସରେ ।

୫-ହରଶଙ୍କର

(ରସୋତ୍ତୀର୍ଣ୍ଣ ସାମାଜିକ ଉପନ୍ୟାସ)

ସଂସ୍କାରପ୍ରୟାସୀ ଜନମଙ୍ଗଳକାମୀ ଯୁବକ ହରଶଙ୍କର ଜାତ୍ୟଭିମାନ ମସ୍ତକରେ ପଦାଘାତ କରି ପିତୃମାତୃହୀନା ସଚ୍ଚରିତ୍ରା ଯୁବତୀ ସୁଷମାର ପାଣିଗ୍ରହଣପୂର୍ବକ ଯେଉଁ ଆଦର୍ଶର ଆଲେଖ୍ୟ ସମାଜ ସମ୍ମୁଖରେ ଉପସ୍ଥାପିତ କଲା, ତାର ଚିତ୍ତୋଲ୍ଲାସୀ ଚିତ୍ରାଙ୍କନ ଏହି ସୁଖପାଠ୍ୟ ଉପନ୍ୟାସ ।

୬-ପଞ୍ଚଶରଥ

ଆଧୁନିକ ଯୁଗୋପଯୋଗୀ ପାଞ୍ଚଗୋଟି ମନୋଜ୍ଞ ଗଳ୍ପର ସମଷ୍ଟି । ପାଠକମାନେ ଗଳ୍ପପାଠରେ ମୁଗ୍ଧ ହେବା ସଙ୍ଗେ ସଙ୍ଗେ କଥାଶିଳ୍ପୀ ଉପେନ୍ଦ୍ର ବାବୁଙ୍କ ପରିପକ୍ୱ ଲେଖନୀର ସାବଲୀଳ ଭାଷା, ଭାବ ଓ କଳ୍ପନା ବିଭବରେ ଅଭିଭୂତ ହେବେ ଏହା ନିଃସନ୍ଦେହ ।

ପ୍ରକାଶକ

ଶ୍ରୀ ସୋମନାଥ ମହାନ୍ତି

ବାଣୀ-ସାହିତ୍ୟ-ମନ୍ଦିର, ଭଦ୍ରଖ